

ଜାନିକ୍ ସିନର୍
ୱିମ୍ବଲଡନ୍ ଚାମ୍ପିଅନ
▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-20 •MONDAY •14 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦ •ସୋମବାର •୧୪ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରାଜ୍ୟରେ 'ନିର୍ଯାତନା' ନିଆଁ

■ ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି। ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କଲେନାହିଁ। ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଶରୀରର ୯୫ ଭାଗରୁ ଉର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲେ ବିଜେଡି, କଂଗ୍ରେସ

### ଏମ୍ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି। ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି। ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ▶ପୃଷ୍ଠା-୭

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ


■ ଭୁବନେଶ୍ୱର, ୧୩।୭ (ସମିସ): ଆତ୍ମାହୁତି ଉଦ୍ୟମ କରି ଏମ୍ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି। ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ୍‌ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି।

### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ

### ଦିଲ୍ଲୀ ଏମ୍ସ ପରାମର୍ଶକ୍ରମେ ଡାଏଲିସିସ୍

### ଚିକିତ୍ସା ପାଇଁ ଏମ୍ସର ୧୦ ଜଣିଆ କମିଟି


ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି। ରକ୍ତରେ ପୋଟାସିୟମ୍ ସ୍ତର ▶ପୃଷ୍ଠା-୭



### ଉଦ୍‌ବେଗ ପ୍ରକାଶ କଲେ ନବୀନ

## ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି। ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ▶ପୃଷ୍ଠା-୭



ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ ଦାବି

ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ

## ୩ ଦିନରେ ରିପୋର୍ଟ ଦିଅ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜ ଆଡୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍‌ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି।

### ଭୋଟର ତାଲିକା ଯାଞ୍ଚ

## ସାରା ଦେଶରେ ବିହାର ଢାଞ୍ଚା

■ ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ। ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନକୁ ଆକ୍ଟିଭ କରିଛି।

ଜୁଲାଇ ୧୦ରେ ବିହାରରେ ଏସ୍‌ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ। ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି। ଅବଶ୍ୟ ବିହାର ଏସ୍‌ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି। ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍‌ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି। ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ▶ପୃଷ୍ଠା-୭

## ବାଲେଶ୍ୱରରେ ଖୋଳତାଡ଼

### ଏଫ୍‌ଏମ୍ କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍



### ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟି ସଦସ୍ୟଙ୍କୁ ଜେରା

### ପକ୍ଷ ରଖିବାକୁ ପୀଡ଼ିତାଙ୍କ ଭାଇକୁ ଦେଲେନି ସୁଯୋଗ

### ବିପଦ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଲେ ନିଲମ୍ବିତ ଅଧ୍ୟକ୍ଷ

■ ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛିପଡୁଛି। ଏମ୍ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ▶ପୃଷ୍ଠା-୭

## ଓଡ଼ିଶା ସରକାର ଓ ବିଜେପିକୁ ଘେରିଲା ଟିଏମ୍‌ସି

■ କୋଲକାତା, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ଯାତନା ପରେ ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣାକୁ କଟୁ ଶବ୍ଦରେ ନିନ୍ଦା କରିଛି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)।

ଦଳ ପକ୍ଷରୁ କହାଯାଇଛି ଯେ ଓଡ଼ିଶାରେ ପ୍ରତିଦିନ ଭିନ୍ନଭିନ୍ନ ଘଟଣା ଘଟୁଛି। ବାଲେଶ୍ୱରରେ ଜଣେ କଲେଜ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ନିର୍ଯାତନାର ଶିକାର ହୋଇ ନିଜକୁ ଜାଳିଦେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କ ଶରୀରର ୯୫% ଜଳି ଯାଇଛି ଓ ସେ ଜୀବନ ସହ ସଂଘର୍ଷ କରୁଛନ୍ତି। ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇଥିବା ତାଙ୍କର ଜଣେ ସହପାଠୀ ମଧ୍ୟ ୭୦ ପ୍ରତିଶତ ଜଳିଯାଇଛନ୍ତି। ମାତ୍ର ଏହି ଘଟଣାରେ ଓଡ଼ିଶା ସରକାର ଓ ବିଜେପି ଅତ୍ୟନ୍ତ ଲଜ୍ଜାଜନକ ଭାବରେ ନିରବ ରହିଛନ୍ତି। ଓଡ଼ିଶାରେ 'ବେଟି ପଢ଼ାଓ-ବେଟି ବଚାଓ' ଏକ ଫାର୍ସରେ ପରିଣତ ହୋଇଛି ବୋଲି ତୃଣମୂଳ କଂଗ୍ରେସ କହିଛି।

### ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି। କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା। ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ। ସେହିପରି ବିଜେବି କଲେଜର ଓଡ଼ିଆ

### ବାଲେଶ୍ୱର ଘଟଣା ପରେ ଚେତିବେ କି ରାଜ୍ୟ ସରକାର !

ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି। ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍‌ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି।




ସକାଳ THE SAKALA



www.sakalaepaper.com

## ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ରାଜ୍ୟବ୍ୟାପୀ ଆକ୍ରୋଶ, ପ୍ରତିବାଦ



ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ



ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଲି



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ପୁଲିସ-ଯୁବ କଂଗ୍ରେସ କର୍ମୀ ମୁହାଁମୁହିଁ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ଛାତ୍ର ବିଜେଡି

ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସ୍‌ର ନିଷ୍କ୍ରିୟତା ସରକାରର ଅସଲମୁଖା ଖୋଲି ଦେଇଥିବା ନେଇ ଦଳ ଅଭିଯୋଗ କରିଛି। ଏଥିସହ ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଏହାସହ ଏଭଳି ଘଟଣା ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

ବିଧାୟକ ଡଃ ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତୃତ୍ୱମାନେ ଧସେଇ ଆସିଥିଲେ। ପୁଲିସ୍ ସେମାନଙ୍କୁ ବାଧା ଦେବାରୁ ଧସ୍ତାଧସ୍ତି ଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା।

ଦଳ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। 'ବର୍ଷ ଏକ ଉପଲବ୍ଧି ଅନେକ'ର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ଫକୀରମୋହନ ମହାବିଦ୍ୟାଳୟରେ ଗତକାଲି ଘଟିଥିବା ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫ୍.ଏମ୍ କଲେଜରେ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ଦଳ ପ୍ରଶ୍ନ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି।



ଦଳ ପକ୍ଷରୁ କୁହାଯାଇଛି ଯେ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଥିବା ନେଇ ଛାତ୍ରୀଜଣକ ଗତ ୧ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଅଧକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।

ଆହୁରି ମଧ ଛାତ୍ରୀଜଣଙ୍କ ବାରମ୍ବାର ସୋସିଆଲ ମିଡିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏଭଳି ବଡ଼ ଘଟଣାକୁ ହାଲୁକା ଭାବେ ନେବା ଦ୍ୱାରା ଦୀର୍ଘ ୧୨ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଛାତ୍ରୀଜଣଙ୍କ ବାଧ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ବୋଲି ଦଳ ପ୍ରଶ୍ନ କରିଛି। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଘେରଉରେ ଅନ୍ୟମାନଙ୍କ ମଧ୍ୟରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟ କେତନ ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଶୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଂଶଗ୍ରହଣ କରିଥିଲେ।

## ଗର୍ଜିଲା ଯୁବ ଓ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ। ପୁଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା।



ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ, ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦେବା ଦରକାର।

ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧୀ ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏହି ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ସରକାରଙ୍କର ସମସ୍ତ ସିଷ୍ଟମ ନିଷ୍କ୍ରିୟ ଓ ବଫଳ ବୋଲି ପ୍ରମାଣିତ। ସୁତରାଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

## 'ନାରୀଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ'

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ। ରବିବାର ଏହି ପ୍ରସଙ୍ଗରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ




ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପୀଡ଼ିତା ଏବେ ଗୁରୁତର ହୋଇ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା ପ୍ରମାଣ କରୁଛି। ତେଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେବା ସହ ଭାରାପ୍ରାପ୍ତ ଅଧକ୍ଷଙ୍କ ଗିରଫ ଓ ଜଣେ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ମାମଲାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଶ୍ରୀମତୀ ବାହୀନିପତି ଦାବି କରିଛନ୍ତି।

ଏହାସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ମହିଳା କଂଗ୍ରେସ ତରଫରୁ ଯାଇଥିବା ପ୍ରତିନିଧି ଦଳକୁ ଏବିଭିପିର ଜଣେ ରାଜ୍ୟ ସଦସ୍ୟା ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଭିତରକୁ ଯିବା ପାଇଁ ଦେଉନଥିଲେ। ଏହା କ'ଣ ଏବିଭିପିର ଶିଷ୍ଟାଚାର ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଜଣଙ୍କ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ ଏବଂ ପୁଲିସକୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ କାହିଁକି ନେଲେ ନାହିଁ ବୋଲି ନାରୀ ନ୍ୟାୟ ବାହିନୀ ଅବାହାକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦବେଗ ପ୍ରକାଶ କରିଛନ୍ତି। ଏହାସହ ସିଏମଓ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ମହିଳା କମିଶନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ସେମାନେ ମଧ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି ତେଣୁ କଂଗ୍ରେସ ଦଳ ଏହାକୁ ଦୃଢ଼ ନିନ୍ଦା କରୁଛି ବୋଲି ପିସିସି ମୁଖପାତ୍ର ସୋନାଲି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ପାଇଁ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମୁଖପାତ୍ର ଡଃ ମନୀଷା ଦାଶପଟ୍ଟନାୟକ କହିଛନ୍ତି।

## ଆଜି ବାଲେଶ୍ୱର ଗସ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତି ମିଶ୍ର, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ରହିଛନ୍ତି। ଉକ୍ତ କମିଟି ସୋମବାର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ।

ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ନେଇ ଜୁଲାଇ ୧ ତାରିଖ ଦିନ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଶନିବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେଲେ। ତେଣୁ କେଉଁ ରହସ୍ୟମୟ କାରଣ ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଛାତ୍ରୀଙ୍କ ଅଭିଯୋଗକୁ କଲେ ତାହା ସନ୍ଦେହସୃଷ୍ଟି କରିଛି। ଘଟଣାକୁ ପୂର୍ବରୁ ଅବହେଳା କରିଥିବା ରାଜ୍ୟ ସରକାର ଏବେ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ବିଜେପି ଯୁବ କର୍ମୀମାନେ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି। ଦୁର୍ବ୍ୟବହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

## ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୩।୭ (ସମିସ): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଖବର ଆସୁଛି । ନାରୀ ନିର୍ଯାତନା ଓ ମହିଳା ବିରୋଧୀ ହିଂସା ସାଧାରଣ ଘଟଣା ପାଲଟିଛି । ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଘଟଣା ଏହାର ସଦ୍ୟତମ ଉଦାହରଣ ପାଲଟିଛି। ଏ ସମ୍ପର୍କରେ ବିଜୁ ମହିଳା ବିଜେଡି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ସମୟ ମାଗିଛି ।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ପ୍ରମୁଖ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। ନ୍ୟାୟ ପାଇଁ ପୀଡିତା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟ ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ମିଳିଲା ନାହିଁ ଓ ଆତ୍ମାହୁତି ପରି ଚରମ ପଦକ୍ଷେପ ପାଇଁ ସେ ନିଷ୍ପତ୍ତି ନେଲେ। ବିଜେପିର ଛାତ୍ର ଶାଖା ଏବିଭିପିର ସଦସ୍ୟ ଥିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପ୍ରମିଳା କହିଛନ୍ତି ।



ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କଲେଜ ଅଧକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ ଅଭିଯୋଗ ପ୍ରତ୍ୟାହାର ସମ୍ପୃକ୍ତ ଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଚରମ ଲଜ୍ଜା ଓ କ୍ଷୋଭର ବିଷୟ। ଚିକିତ୍ସାଧୀନ ପୀଡିତା ଛାତ୍ରୀଙ୍କୁ ଏମ୍ସରେ ବିଜେପିର ଗୁଣ୍ଡାଶ୍ରେଣୀୟ ଯୁବକମାନେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟିବାରେ ରୋକୁଛନ୍ତି। ସେହିପରି ଟୁକୁନି ସାହୁ କହିଛନ୍ତି ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ଗୋଟିଏ ପରେ ଗୋଟିଏ ଲଜ୍ୟାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ ସରକାର ନିଦାବିଷ୍ଟ। ତେଣୁ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ମହିଳା ସୁରକ୍ଷା ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା ନିମନ୍ତେ ଅନୁରୋଧ କରାଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି ।

### ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେଡି

## ଆଜି କଲେଜ, ଡିଆଇଜି ଅଫିସ ଆଗରେ ବିକ୍ଷୋଭ




ବାଲେଶ୍ୱର,୧୩।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣା ସାରା ଓଡ଼ିଶାର ପ୍ରତ୍ୟେକ କଲେଜ ଛାତ୍ରୀଙ୍କ ପାଇଁ ଅପମାନ। ନ୍ୟାୟ ନ ମିଳିବାରୁ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ଏବେ ମୃତ୍ୟୁ ସହ ଲଢୁଛନ୍ତି। ବିଜେପି ସରକାର ଆସିବା ପରଠୁ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। କେବଳ ଏହି ଘଟଣା ନୁହେଁ, ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରି ଅନେକ ଏବଂ ନିକଟରେ ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକଙ୍କ ଅପମାନଜନକ ମନ୍ତବ୍ୟ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ନାରୀଙ୍କୁ ଅପମାନ ଓ ବଢୁଥିବା ନାରୀ ବିରୋଧୀ ଅତ୍ୟାଚାରର ପ୍ରତିବାଦରେ ବିଜୁ ଜନତା ଦଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ଉପରେ ବର୍ଷିଛି। ଏଥିରେ ଯୋଗଦେଇ ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ନାରୀଙ୍କୁ ଅପମାନ ଏବଂ ନିର୍ଯାତନାକୁ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରିଛି ବିଜେଡି। ଆଗକୁ ମଧ ଏହି ଆନ୍ଦୋଳନ ମଜଭୁତ ହେବ। ଏହାର ପ୍ରତିବାଦରେ ଆସନ୍ତାକାଲି (ସୋମବାର) କଲେଜ ଏବଂ ଡିଆଇଜି ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିସହ ଏକ ଦାବିପତ୍ର ମଧ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସ୍ଥାନୀୟ ଉଦ୍ୟୋଗ ଭବନଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡ. ବ୍ୟୋମକେଶ ରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାର ଉପରେ ବର୍ଷିଥିଲେ। ଶେଷରେ ସିମନ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ, ତାପସ ପରିଡା, ଜୟରାମ ଦାସ ପ୍ରମୁଖ ମଧ ମଞ୍ଚାସୀନ ଥିଲେ।

## ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା

# ଆଭ୍ୟନ୍ତରୀଣ କମିଟିର ନିରପେକ୍ଷତା ଉପରେ ପ୍ରଶ୍ନ

**ବାଲେଶ୍ୱର, ୧୩।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସମୀର କୁମାର ସାହୁଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଦେବା ଭଳି ଚରମ ନିଷ୍ପତ୍ତି ନେବା ଘଟଣା ପୂରା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତା ଛାତ୍ରୀ ଏବେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣା ଏବେ ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ତାଙ୍କର ଏଭଳି ଉଦ୍ୟମ ପଛରେ କିଏ ଦାୟୀ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଲେଜ କର୍ତ୍ତୃପକ୍ଷ, ନା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ସଦସ୍ୟଙ୍କ ଅନ୍ୟାୟ ପାଇଁ ନା ଅନ୍ୟ କାହା ପ୍ରରୋଚନାରେ ସୌମ୍ୟାଶ୍ରୀ ଏଭଳି ପଦକ୍ଷେପ ନେଲେ, ତାହା ଏବେ ସନ୍ଦେହ ଘେରରେ ରହିଛି। ଏହି ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଶକ୍ତ ଧକ୍କା ଲାଗିଛି।

ପ୍ରାଧ୍ୟାପକଙ୍କ କେଳେଙ୍କାରୀ ଉପରେ ଘଣ୍ଟ ଘୋଡ଼ାଇବାର ମସୁଧା ହେବାରୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେଣୁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗଠିତ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟଦକ୍ଷତା ଓ ନିରପେକ୍ଷତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟିରେ ଥିବା ସଦସ୍ୟମାନେ ଛାତ୍ରୀଙ୍କ ସମ୍ବେଦନଶୀଳ ଅଭିଯୋଗକୁ ଉପରଠଉରିଆ ଭାବେ ତଦନ୍ତ କରି ରିପୋର୍ଟ ଦେବା ପରେ ଛାତ୍ରୀଜଣଙ୍କ ନିରାଶ ହୋଇପଡ଼ିଥିଲେ। ନ୍ୟାୟ ପାଇବା ପାଇଁ



ସେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ନିଜେ ସଂଶ୍ଳିଷ୍ଟ ଥିବା ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷା ବିଭାଗର ବିଭାଗର ମୁଖ୍ୟ ସମୀର କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏପରିକି, ସୌମ୍ୟାଶ୍ରୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ପରେ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗତକାଲି ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସପକ୍ଷରେ ଆସିବା ପରେ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ ହୋଇଥିଲା। ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାର ଧମକ ଦେଇ

### ଚରମ ନିଷ୍ପତ୍ତି ନେବାକୁ ଛାତ୍ରୀଙ୍କୁ ପ୍ରବର୍ତ୍ତାଇଲା କିଏ?

ବାରମ୍ବାର ଆପୋଷ ବୁଝାମଣା କରିନେବାକୁ କଲେଜ କର୍ତ୍ତୃପକ୍ଷ ଚାପ ପକାଇଥିଲେ। ଗତକାଲି ଶେଷଥର ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଭେଟି ସୌମ୍ୟାଶ୍ରୀ ଗୁହାରି କରିବା ପରେ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।

ଅପରପକ୍ଷେ, ଅଧ୍ୟକ୍ଷଙ୍କ ଚାମ୍ବରରୁ ଫେରିବା ପରେ ସୌମ୍ୟାଶ୍ରୀ ନିଜ ଉପରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ ବଲବଲ କରି ଅନେଇଥିଲେ। କେହିକେହି ମୋବାଇଲ୍‌ରେ ଏହାର ଭିଡିଓ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଅଟକାଇ ନ ଥିଲେ। ଫଳରେ ଏପରି ଏକ ବଡ଼ ଅଘଟଣ ଘଟିଗଲା। ତେଣୁ ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି କୁହାଯାଉଛି।

ସୌମ୍ୟାଶ୍ରୀ ୪ବର୍ଷ ଧରି ଏବିଭିପିର କାର୍ଯ୍ୟକର୍ତ୍ତା ରହିଥିଲେ। ଏପରିକି ଛାତ୍ର ସଂଗଠନର ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ଏହି ଘଟଣା ଘଟିବା ପରେ ସଂଗଠନ ତାଙ୍କ ପଛରେ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ। ହେଲେ ଛାତ୍ରୀଜଣଙ୍କ ସାଙ୍ଗରେ ପେଟ୍ରୋଲ ସହ ଦିଆସିଲି ଆଣି ନିଆଁ ଲଗାଇଥିବା ବେଳେ ଏହି ସଂଗଠନର ସହଯୋଗୀମାନେ କିପରି ଭାବେ ତାହା ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବରୁ ଉକ୍ତ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନଥିବାବେଳେ ଜୁଲାଇ ୧ ତାରିଖରେ ସୌମ୍ୟାଶ୍ରୀଙ୍କ ଅଭିଯୋଗ ପରେ ତରବରିଆ ଭାବେ ସେହିଦିନ ହିଁ ଆଇସିସି ଗଠନ କରାଗଲା। ହେଲେ କମିଟି ଗଠନ ସଂପର୍କରେ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯାଇ ନ ଥିଲା। ଏଥିସହ ଉକ୍ତ କମିଟି ବିଧିଅନୁସାରେ ୫ ଦିନ ମଧ୍ୟରେ ତା'ର ରିପୋର୍ଟ ନ ଦେଇ ଟାଳଟୁଳ ନୀତି ଅବଲମ୍ବନ କଲା ଏବଂ ଅଭିଯୁକ୍ତ ପ୍ରାଧ୍ୟାପକଙ୍କୁ କ୍ଲିନ୍‌ଚିଟ୍ ଦେଇଦେଲା। ଫଳରେ ନିରାଶ ହୋଇ ଛାତ୍ରୀଜଣକ ଶେଷରେ ଆତ୍ମାହୁତି ପାଇଁ ଚରମ ନିଷ୍ପତ୍ତି ନେଲେ ବୋଲି ଅଭିଯୋଗ ହେଉଛି।

## ନ୍ୟାୟିକ ତଦନ୍ତ ଦାବିକଲା ଏବିଭିପି

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ବହୁ ପୂର୍ବରୁ ଛାତ୍ରୀଙ୍କ ସମର୍ଥନରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ୍ୟ ଅଧ୍ୟକ୍ଷ ଅବହେଳା କରିଥିଲେ। ଏପରିକି ଆଇସିସି କମଟି ଘଟଣା ଚାପିବାକୁ ଉଦ୍ୟମ କରିଥିବା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏବିଭିପି ପକ୍ଷରୁ ୪ଟି ପ୍ରମୁଖ ଦାବି କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ସହ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଇସିସିର କାର୍ଯ୍ୟକାରୀ ହେଉଛି ନା ନାହିଁ ତାର ତଦନ୍ତ କରିବାକୁ ଏବିଭିପି ଦାବି କରିଛି।

## ତଦନ୍ତ କମିଟି ସଦସ୍ୟାଙ୍କୁ ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ୩ ଜଣିଆ କମିଟି ଗଠନ କରିଛି। ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଝୁମ୍‌କି ରଥ ଏହି କମିଟିରେ ସ୍ଥାନ ପାଇଛନ୍ତି। ମାତ୍ର ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଏହି କମିଟିରେ ସାମିଲ କରିବାକୁ ପ୍ରଶ୍ନ ଉଠାଇଛନ୍ତି ଅନେକ ଅଭିଭାବକ ଓ ଛାତ୍ର। ବିଜେବି କଲେଜ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯାତନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଆତ୍ମାହୁତି ଉଦ୍ୟମ ଘଟଣାରେ କି ପ୍ରକାର ତଦନ୍ତ କରିବେ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ଗତ ଡିସେମ୍ବର ମାସରେ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାନୁଆରୀ ୧୫ ତାରିଖରେ କଲେଜ ଅଧ୍ୟକ୍ଷାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦୁଇମାସ ପରେ ମଧ୍ୟ ତଦନ୍ତ ରିପୋର୍ଟ ଦାଖଲ ନ କରିବାରୁ ମାର୍ଚ୍ଚ ୧୯ ତାରିଖରେ ଆଉଥରେ ବିଭାଗ ପୁନଃ ଚିଠି କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରାୟ ୪ ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି କି ତଦନ୍ତ ସରିନାହିଁ। ଏହି ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶିକ୍ଷାଦାନରୁ ବିରତ କରାଯାଇ ଉଚ୍ଚଶିକ୍ଷା ବିଭାଗରେ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କରାଯାଇ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ତଦନ୍ତ କମିଟି ସଦସ୍ୟା ତଥା ବିଜେବି କଲେଜ ଅଧ୍ୟକ୍ଷା କି ପ୍ରକାର ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠିଛି।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଲେ ଭକ୍ତ

**ଭୁବନେଶ୍ୱର,୧୩।୭(ସମିସ):** ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ତାଙ୍କ ସହ ପ୍ରଦେଶ କଂଗ୍ରେସ କମିଟିର ୪ ଜଣ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବୋଲି ସେ ଚିଠିରେ ଅବଗତ କରାଇଛନ୍ତି।

# ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୩।୭ (ସମିସ):** ଏମ୍ସରେ ଚିକିତ୍ସିତ ହେଉଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦିଲ୍ଲୀରୁ ଫେରିବା ପରେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ ଏମ୍‌ସକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍‌ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୀଡ଼ିତାଙ୍କ ଅବସ୍ଥା ବର୍ତ୍ତମାନ ଜଟିଳ ଅଛି। ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଉଛି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍‌ସ ପରି ଚିକିତ୍ସା ସେବା ଏଠାରେ ପ୍ରଦାନ କରାଯାଉଛି। ଆଗାମୀ ୨୪ ଘଣ୍ଟା ପୀଡ଼ିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ନଜରରେ ରଖାଯାଇ ଦିଲ୍ଲୀ ଏମ୍‌ସର ଏକ ଟିମ୍ ସହ ଭର୍ଚୁଆଲ ମିଟିଂ ହେବ। ସେମାନଙ୍କ ପରାମର୍ଶ ଆଧାରରେ ତାଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଆବଶ୍ୟକ ହେଲ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଦିଲ୍ଲୀ ଏମ୍‌ସ ନିଆଯିବ। ମାତ୍ର ଦିଲ୍ଲୀକୁ ନେବା ଭଳି ପରିସ୍ଥିତି ଏବେ ତାଙ୍କର ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପୀଡ଼ିତା ଆଣିଥିବା ଅଭିଯୋଗ ସମ୍ପର୍କରେ ଉତ୍ତର ଦେଇ ତଦନ୍ତ ରିପୋର୍ଟ ଅନୁସାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲେଶ୍ୱର ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି ବୋଲି ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନ ଘଟୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ଭାବେ ନେଇଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ କରି ଯେମିତି ଆଗୁଆ ପଦକ୍ଷେପ ନେଇ ହେବ, ତା'ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଜେଡି ଟିମ୍



**ଭୁବନେଶ୍ୱର,୧୩।୭ (ସମିସ):** ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସ୍ଥିତ ଏମ୍‌ସ ହସ୍ପିଟାଲ ଗସ୍ତ କର ଫକୀରମୋହନ ମହାବିଦ୍ୟାଳୟ ଆତ୍ମାହୁତି ଉଦମ୍ୟ କରିଥିବା ପୀଡିତାଙ୍କ ଚିକିତ୍ସା ବାବଦରେ ବୁଝିଛନ୍ତି। ମେଡିକାଲ ସୁପରିଟେଣ୍ଡେଣ୍ଟ ଦିଲୀପ ପରିଡା ଓ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହିତ ବିଜେଡି ନେତୃମଣ୍ଡଳୀ ଆଲୋଚନା କରିଛନ୍ତି। ଏହାସହିତ ପୀଡ଼ିତାଙ୍କ ପିତାମାତାଙ୍କୁ ସେମାନେ ଭେଟି ସମବେଦନା ଜଣାଇଛନ୍ତି। ଡଃ ଦିଲୀପ ପରିଡାଙ୍କ ସୂଚନା ଅନୁଯାୟୀ ପୀଡିତାଙ୍କୁ ଯଥାଚିତ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ଉଦ୍ୟମ କରାଯାଉଛି। ଲାଇଫ୍ ସପୋର୍ଟରେ ରଖାଯାଇ ବର୍ତ୍ତମାନ ସେ କିଭଳି ଭାବରେ ସାଧାରଣ ଅବସ୍ଥାକୁ ଫେରିପାଇବେ ତାହା ଚେଷ୍ଟା କରାଯାଉଛି। କିଡନୀ, ହାର୍ଟ, ଲଙ୍ଗସ, ଏବଂ ଶ୍ୱାସନଳୀ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଆଗାମୀ ୪୮ ଘଣ୍ଟାର ଅବଧି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡଃ ଦିଲୀପ ପରିଡା ସୂଚନ ପ୍ରଦାନ କରିଛନ୍ତି। ପିତାମାତାଙ୍କୁ ଭେଟି ଆଶ୍ୱାସନା ଦେଇ ଉତ୍ତମ ଚିକିତ୍ସା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିଷୟରେ ବିଜେଡି ଟିମ୍ ଜଣାଇଛି। ଏହି ପ୍ରତିନିଧୀ ଦଳରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ସୁଲୋଚନା ଦାସ, ମଞ୍ଜୁଲତା କହଁର, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଲେଖାଶ୍ରୀ ସାମନ୍ତସିଂହାର, ସରୋଜ ମେହେର, ପ୍ରୀତିନନ୍ଦା ରାଉତରାୟ, ମାନସୀ ସୁନ୍ଦର ରାୟ, ଭାରତୀ ସିଂହ, ପ୍ରଭାସିନି ମହାନ୍ତି, ପୂଜା ମହାରଣା, ମିହିର ରାଉତଙ୍କ ସମେତ ଅନେକ ଯୁବ ନେତା ଓ ନେତ୍ରୀ ସାମିଲ ଥିଲେ।

## ଆଜି ଏମ୍ସ ଆସିବ ୬୬୨ କଲେଜ ସଂଘ

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତନା ଘଟଣାରେ ପିଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିବା ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାର ଏମ୍ସ ହସ୍ପିଟାଲ୍‌କୁ ଆସିବ ୬୬୨ କଲେଜ ସଂଘ। ପିଡିତାଙ୍କ ବାପା ୬୬୨ କଲେଜର ଜଣେ କର୍ମଚାରୀ ଏବଂ ସଂଘର ଜଣେ ସକ୍ରିୟ ସଦସ୍ୟ। ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସଂଘ ପକ୍ଷରୁ ନିନ୍ଦା କରିବା ସହ ଏକ ୭ଜଣିଆ ପ୍ରତିନିଧି ଦଳ ଏମ୍ସ ଆସିବ। ସଭାପତି ଗୋଲକ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଅଧ୍ୟକ୍ଷଙ୍କୁ ଗିରଫ୍ ଏବଂ ସମସ୍ତ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ମଧ୍ୟ ଦାବି କରିବ।

# ପ୍ରଜାକୋର୍ଟରେ ପୁଣି ବଳଦ ଦଣ୍ଡ

**ନାରାୟଣପାଟଣା, ୧୩।୭ (ସମିସ):** ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ବିବାହ କରି ପରିବାର ଡରରେ ଗାଁ ଛାଡି ଆନ୍ଧ୍ରପ୍ରଦେଶ ପଳାଇଥିଲେ। କିଛି ଦିନ ଗାଁକୁ ଫେରିବା ପରେ ବିବାହକୁ ସ୍ୱୀକୃତି ମିଳିନଥିଲା। ଏକ ବୈଠକ ଆୟୋଜନ କରି ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଡାକିଥିଲେ। କିନ୍ତୁ ଗାଁରେ ପହଞ୍ଚିବା ପରେ ଉଭୟଙ୍କ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ କରାଯାଇଥିଲା। ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରେମୀଯୁଗଳ ବଳଦ ସାଜି ହଳ କରିଥିଲେ। ଏହା ପରେ ତାଙ୍କୁ ଘରେ ରହିବାକୁ ସ୍ୱୀକୃତି ମିଳିଥିଲା। କିଛି ଦିନ ପୂର୍ବେ ରାୟଗଡ଼ା ଜିଲ୍ଲା ଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଆଜି ଅନୁରୂପ ଘଟଣା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ନାରାୟପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ ପେଦାଇଟିକି ଗାଁର ଏହି ଘଟଣା ପୁଣି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସମୟରେ ପେଦାଇଟିକି ଗାଁର ନରେନ୍ଦ୍ର ପିଡିକା (୨୨) ଓ ପାଖ ନାରୀମିଟିଂ ଗ୍ରାମର ଜଣେ ଯୁବତୀ ଆଶ ପୀଡ଼ିକା ରଥଯାତ୍ରାରେ ଉଭୟ ପରସ୍ପରକୁ ଭଲ ପାଇ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ। କିଛିଦିନ ପରେ ଘରକୁ ଫେରିଥିଲେ। ପରିବାର ଲୋକମାନେ ଏମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇନଥିଲେ। ଦୁଇ ଗାଁର ଭଦ୍ରଲୋକ ଓ ପରିବାରର ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା ଆଦିବାସୀ ପ୍ରଥା ପରମ୍ପରା ଅନୁସାରେ, ଧରଣୀ ପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ହଳ-ଲଙ୍ଗଳ ମଗା ଯାଇଥିଲା। ପରେ ଉଭୟ ପ୍ରେମିକ-ପ୍ରେମିକାଙ୍କ ବେକରେ ରଶି ଓ ହଳ-ଲଙ୍ଗଳ ଲଗାଇ ସାତ ଘେରା ବୁଲାଇଥିଲେ। ପରେ ଯୁବକଜଣଙ୍କ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଆସି ଆଶ୍ରୟ ନେଇଛନ୍ତି। ତେବେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ସ୍ଥାନୀୟ ପୁଲିସ ଗାଁକୁ ଯାଇ ଲୋକଙ୍କୁ ଏନେଇ ପଚରାଉଚରା କରିଛନ୍ତି। ପ୍ରେମୀଯୁଗଳଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ଭିନ୍ନ ଏକ ଆଦିବାସୀ ପରମ୍ପରା ରହିଛି। ଯଦି ଗୋଟିଏ ବଂଶ, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କରନ୍ତି, ଗ୍ରାମର ବିଭିନ୍ନ କ୍ଷତି ହୋଇଥାଏ। ଫସଲ ନଷ୍ଟ ହୁଏ, ଚାଷ ଉଜୁଡ଼ି ଯାଏ ଏବଂ ବର୍ଷା ହୁଏ ନାହିଁ। ତେଣୁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟ ଏବଂ ଦମ୍ପତିଙ୍କ ଭଲ ପାଇଁ ଗାଁ ମୁଣ୍ଡରେ ଆଦିବାସୀ ରୀତିନୀତିରେ ପୁଅ-ଝିଅଙ୍କୁ ବଳଦ ସଜାଇ ଦାଣ୍ଡରେ ଜୁଆଳି ପକାଇ ଗାଁ ମୁଣ୍ଡରେ ୭ଘେରା ବୁଲାଯାଏ।

## ୮ ମାସ ହେଲା ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି

# ନ୍ୟାୟ ଅପେକ୍ଷାରେ ନିର୍ଯାତିତା

**ଭୁବନେଶ୍ୱର, ୧୩।୭ (ସମିସ):** ରାଜ୍ୟରେ ୮ ମାସ ହେବ ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି। ଫଳରେ ବିଗତ ଦିନ ହେବ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଥିବା ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବା ରାଜ୍ୟ ପ୍ରଶାସନର ସ୍ଥାଣୁତା ଆଡ଼କୁ ଅଙ୍ଗୁଳି କରିଚି।

ଦିନକୁ ଦିନ ରାଜ୍ୟରେ ବଢ଼ି ଚାଲିଛି ମହିଳା ହିଂସା। ନିକଟରେ ଗୋପାଳପୁର ବେଳାଭୂମିରେ ଘଟିଥିବା ଘଟଣା ମନରୁ ଲିଭିନଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜରେ ଘଟିଥିବା ଘଟଣା କେବଳ ଓଡ଼ିଶା ନୁହେଁ ସାରା ଭାରତବର୍ଷରେ ଚହଳ ପକାଇଛି। ନିଜର ସୁରକ୍ଷା କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନ ଏମିତିକି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟ୍ୱିଟ ଯୋଗେ ଅବଗତ କରିଥିଲେ ସୁଦ୍ଧା ଉକ୍ତ ଛାତ୍ରୀଙ୍କ ସମସ୍ୟା ଏବଂ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳସ୍ୱରୂପ ସେ ଆତ୍ମାହୁତି ଦେଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। କାର୍ଯ୍ୟକ୍ଷେତ୍ର ହେଉ ଅବା ଶିକ୍ଷାନୁଷ୍ଠାନ ସବୁଠି ମହିଳାଙ୍କ ପ୍ରତି ହିଂସା ବଢୁଛି। ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସମାଧାନ କରାଯିବାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବି ପଦରୁ ହଟାଯାଇଛି। ନୂତନ ଅଧ୍ୟକ୍ଷା ଭାବେ କାହାରିକୁ ନିଯୁକ୍ତ କରାଯାଇ ନାହିଁ ଓ ବିଭାଗୀୟ ସଚିବ ଏବେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି। ମାତ୍ର ନିୟମିତ ବହୁ ସଂଖ୍ୟାରେ ମହିଳାମାନେ ତାଙ୍କୁ ଭେଟି ନ ପାରି ଫେରିଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଭଳି କୌଣସି ଘଟଣାର ସଠିକ୍ ତଦନ୍ତ ହେଉଛି କି ନାହିଁ ତାହାକୁ ତଦାରଖ କରିବା ଦାୟିତ୍ୱ ମହିଳା କମିଶନଙ୍କର। ଆଇନଗତ ବ୍ୟବସ୍ଥା ଅନୁସାରେ ଘଟଣାର ଅଭିଯୋଗ ରିପୋର୍ଟ ଠାରୁ ଆରମ୍ଭ କରି ଆବଶ୍ୟକୀୟ ସମସ୍ତ ହସ୍ତାବିଜ୍ ସଂଗ୍ରହ କରିବା ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ମଧ୍ୟ ତଦାରଖ କରିବା ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏପରି କ୍ଷେତ୍ରରେ ମହିଳା କମିଶନଙ୍କ ନିଯୁକ୍ତି କରା ନ ଯିବା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ଆତ୍ମଦାହ ଉଦ୍ୟମ କରିଥିବା ଛାତ୍ରୀ ଦେଇଥିବା ଅଭିଯୋଗ ପରେ ଶିକ୍ଷାନୁଷ୍ଠାନର ଆଇସି କମିଟି ପକ୍ଷରୁ କ'ଣ ତଦନ୍ତ କରାଯାଇଛି, ଏହାର ରିପୋର୍ଟ କଲେଜର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ସହ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ବି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆସୁଛି ବଡ଼ ବର୍ଷା

**ଭୁବନେଶ୍ୱର,୧୩।୭ (ସମିସ):** ଯୋଡ଼ା ଲଘୁଚାପ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷା। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଅନ୍ୟ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦୁଇଟି ପୃଥକ୍ ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟରେ ଦୁଇ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପ୍ରଭାବ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରହିବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି।

ଏହି ଲଘୁଚାପ ଯୋଗୁଁ ସୋମବାର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ନୟାଗଡ଼, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି , ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ,ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ପାଣିପାଗ ବିଭାଗ ୟେଲୋ ଆଲର୍ଟ ଜାରି କରିବା ସହ ପ୍ରବଳ ବର୍ଷା ଏବଂ ବିଜୁଳି, ଘଡ଼ଘଡ଼ିର ଚେତାବନୀ ଦେଇଛି। ସେହିପରି ୧୫,୧୬,୧୭ ତାରିଖ ପାଇଁ ମଧ୍ୟ ରାଜ୍ୟର ଅନେକ ଜିଲ୍ଲାକୁ ୟେଲୋ ଆଲର୍ଟ ସହ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ଲଘୁଚାପ ଯୋଗୁଁ ସମଦ୍ର ଅଶାନ୍ତ ରହିବ ତେଣୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ଗତ ୨୪ଘଣ୍ଟାରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ କଳାହାଣ୍ଡିର ଥୁଆମୂଳ ରାମପୁର ଠାରେ ୬୫ମିମି ବର୍ଷା ରେକର୍ଡ ହୋଇଛି ଏବଂ କଟକ କଣ୍ଟାପଡ଼ାରେ ୬୨ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

## ରାଷ୍ଟ୍ରପତିଙ୍କ ଏମ୍ସ ଗସ୍ତ

# ଓପଡ଼ାଗଲା ଶହେ ଗଛ

**ଭୁବନେଶ୍ୱର, ୧୩।୭ (ସମିସ):** ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଓପାଡ଼ିଦେଲେ ଗଛ। ଗୋଟିଏ କି' ଦୁଇଟି ନୁହେଁ, ଏକ କିଲୋମିଟର ବ୍ୟାପି ଅଞ୍ଚଳରେ ଲାଗିଥିବା ପ୍ରାୟ ଶହେ ଗଛ ଉପରେ ପ୍ରଶାସନ ବୁଲ୍‌ଡୋଜର୍ ଚଲାଇଦେଲା। ଗଛଗୁଡ଼ିକୁ ମୂଳରୁ ଓପାଡ଼ିଦେବା ପରେ ସେହି ସ୍ଥାନରେ କବର ଦେଇଦେଲା। ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ସୁରକ୍ଷା ସୁନିଶ୍ଚିତ କରିବାକୁ ବର୍ଷକ ତଳେ ଲଗାଇଥିବା ଏହି ଗଛଗୁଡ଼ିକ ଉପୁଡ଼ା ଯାଇଥିବା କୁହାଯାଉଛି। ଭୁବେନଶ୍ୱର ଏମ୍‌ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଶାସନର ଏପରି ମନମୁଖୀ କାର୍ଯ୍ୟକୁ ନେଇ ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ, ଏପରି କରି ପ୍ରଶାସନ ଉକ୍ତ ସ୍ଥାନରେ ଜବରଦଖଲକାରୀଙ୍କୁ ଜବରଦଖଲ ପାଇଁ ସୁଯୋଗ ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସୋମବାର ଏମ୍‌ସ ଗସ୍ତରେ ଆସିବେ। ଏଥିପାଇଁ ଏମ୍‌ସ ଅଣ୍ଡରପାସ୍‌ରୁ ଏମ୍‌ସ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସଫେଇକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ସୁରକ୍ଷା ଏବଂ ସଫେଇ ଆଳରେ ପ୍ରାୟ ୧ କିଲୋମିଟର ବ୍ୟାପୀ



ଏହି ରାସ୍ତାକଡ଼ରେ ଲାଗିଥିବା ଶହେରୁ ଉର୍ଦ୍ଧ୍ୱ ଗଛକୁ ବୁଲଡୋଜର୍ ଜରିଆରେ ଉପାଡ଼ି ଦିଆଯାଇଛି। ବଡ଼ କଥା ହେଲା, ପ୍ରଶାସନ ପକ୍ଷରୁ ବର୍ଷେ ତଳେ ଏହି ଗଛଗୁଡ଼ିକ ପୋତା ଯାଇଥିଲା। ଏମ୍‌ସ ପାଖାପାଖି ଅଞ୍ଚଳରେ ସବୁଜିମା ସୃଷ୍ଟି ଲାଗି ସରକାରଙ୍କ ଏହି ପଦକ୍ଷେପକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବର୍ଷେ ଭିତରେ ଗଛଗୁଡ଼ିକର ଉଚ୍ଚତା ୬ରୁ ୮ ଫୁଟ୍ ହୋଇଯାଇଥିଲା। ଗଛଗୁଡ଼ିକର ସୁରକ୍ଷା ପାଇଁ ବିଏମ୍‌ସି ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟାରିକେଡିଂ କରାଯାଇଥିଲା। ଏହି ବ୍ୟାରିକେଡ୍‌ରେ ସବୁଜ ଭୁବନେଶ୍ୱର, ଆହ୍ୱାନ ବୃକ୍ଷରୋପଣର ବୋଲି ପୋଷ୍ଟର ବି ଲାଗିଥିଲା। ହେଲେ ବିଏମ୍‌ସିର 'ଆହ୍ୱାନ ବୃକ୍ଷରୋପଣର' ନାରା ଏବଂ ପରିଶ୍ରମ ଗୋଟିଏ ବର୍ଷ ମଧ୍ୟରେ ଫସର ଫାଟିଗଲା। ଚଳିତବର୍ଷ ଠିକ୍ ବର୍ଷା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେହି ଗଛକୁ ପ୍ରଶାସନ ଓପାଡ଼ି ଦେଇଛି।

ବିଏମ୍‌ସିର ପରିବେଶ ବିଭାଗ ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ପାଇଁ ୯ ହଜାର ଟଙ୍କା ଖର୍ଚ୍ଚ କରୁଛି। ଏହି ଗଛଗୁଡ଼ିକ ପାଇଁ ବିଏମ୍‌ସି ଏ ପର୍ଯ୍ୟନ୍ତ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲାଣି। କିନ୍ତୁ ରାଷ୍ଟ୍ରପତିଙ୍କ ସୁରକ୍ଷା ଏବଂ ସଫେଇ ଆଳରେ ୯ ଲକ୍ଷ ଏବେ ସ୍ୱାହା ହୋଇଗଲା। ଏପରିକି, ଗଛ କ'ଣ ପାଇଁ ଉପୁଡ଼ାଗଲା, ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ବି ନାହିଁ। ଏ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି କେଉଁ କାରଣ ପାଇଁ ଗଛ ଓପଡ଼ା ଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।

ଅପରପକ୍ଷେ, ରାସ୍ତାକଡ଼ ବୃକ୍ଷରୋପଣ ଦ୍ୱାରା ରାଜଧାନୀରେ ସବୁଜବଳୟ ସୃଷ୍ଟି ହେବା ସହ ସରକାରୀ ଜମି ଜବରଦଖଲମୁକ୍ତ ରହୁଛି। ଏହି ରାସ୍ତାରେ ଗଛ ଲାଗିବା ଦ୍ୱାରା ସରକାରୀ ଜମି ଜବରଦଖଲ ହୋଇପାରୁନଥିଲା। ଏବେ କିନ୍ତୁ ଏହି ସ୍ଥାନଗୁଡ଼ିକରୁ ଗଛ ମୁକ୍ତ ହେବା ଯୋଗୁଁ ଏଠାରେ ଜବରଦଖଲ ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା

# ବାରଣ୍ଡାରେ ଶିଶୁଙ୍କୁ ଦିଆଯାଉଛି ଶିକ୍ଷାଦାନ

ଭଦ୍ରେଶ୍ୱର,୧୩।୭ (ସମିସ)

ମାହାଙ୍ଗା ବ୍ଲକ ଅଞ୍ଚଳରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା ହୋଇ ପଡିଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସମଗ୍ର ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ ୨୯୦ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ସରକାରଙ୍କ ତରଫରୁ ୨୮୬ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ଅର୍ଥ ଯୋଗାଇ ଦିଆଯାଇଛି। ୪ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ଅର୍ଥ ଯୋଗାଇ ଦିଆଯାଇ ନ ଥିବାର ଅଭିଯୋଗ ହୋଇଛି। ୧୫୪ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଏ ପର୍ଯ୍ୟନ୍ତ ୧୩୬ଟି କେନ୍ଦ୍ରର ଗୃହ ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏହି ଗୃହ ଗୁଡିକୁ ପୂର୍ଣ୍ଣାଙ୍ଗ କରାଯିବା ଦିଗରେ ପ୍ରଶାସନ ତରଫରୁ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ୩୧ଟି ଅଙ୍ଗନବାଡି କେନ୍ଦ୍ର ଭଡା ଗୃହରେ ଚାଲିଥିବାର ଜଣାଯାଇଛି। ଭଡା ଗୃହରେ ଚାଲିଥିବା କେନ୍ଦ୍ର ଗୁଡିକ ଧର୍ମକୁ ଆଖିଠାର ବୋଲି ଚାଲିଥିବାର ଜଣାଯାଇଛି। ସେହିପରି ଭାବେ କେତେକ ଅଙ୍ଗନବାଡ଼ି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟ ବାରଣ୍ଡାରେ ଚାଲିଥିବା ବେଳେ କେତେକ କେନ୍ଦ୍ର ମନ୍ଦିର ବାରଣ୍ଡାରେ ଚାଲୁଥିବାର ଜଣାଯାଇଛି। ତେବେ ସରକାର କୋମଳମତି ଶିଶୁମାନଙ୍କୁ ଉତ୍ତମ ରୂପେ ଗଢିତୋଳିବା ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲା ବେଳେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ବହୁ ଶିଶୁ ଖରାବର୍ଷା ଶୀତ କାକରରେ ଖୋଲା ଆକାଶ ତଳେ ପାଠ ପଢୁଥିବାର ଦେଖିବାକୁ ମିଳିଛି। ଏହି ବ୍ଲକର ୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଓ ୩ଟି କେନ୍ଦ୍ରରେ ସହାୟିକା ପଦ ଖାଲି ପଡିଥିବାର ଜଣାଯାଇଛି। ୧୧ଟି ସେକ୍ଟରରେ ୧୧ଜଣ ସୁପରଭାଇଜରଙ୍କ ଆବଶ୍ୟକତା ଥିଲା ବେଳେ ମାତ୍ର ୩ଜଣ ସୁପରଭାଇଜର କାର୍ଯ୍ୟରତ ରହିଛନ୍ତି। ୮ଟି ପଦ ଖାଲି ରହିଛି। ସୁପରଭାଇଜର ଓ ସିଡିପିଓଙ୍କ ନିମନ୍ତେ କୌଣସି ଗାଡିର ସୁବିଧା ନ ଥିବା କାରଣରୁ ଠିକ୍ ଭାବେ କେନ୍ଦ୍ର ତଦାରଖ କରାଯାଇ ପାରୁନାହିଁ। ଅପରପକ୍ଷରେ ସିଡିପିଓ ଓ ସୁପରଭାଇଜର ଦୈନନ୍ଦିନ ମନଇଚ୍ଛା ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାର ଅଭିଯୋଗ ହୋଇଛି। ବହୁ ସମୟରେ ଏହି କାର୍ଯ୍ୟାଳୟକୁ ଦୂରଦୂରାନ୍ତର ଲୋକେ ବିଭିନ୍ନ ସମସ୍ୟା ନେଇ ଆସୁଥିଲେ ମଧ୍ୟ କର୍ମଚାରୀଙ୍କୁ ନ ପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ସୂଚନାଥାଉ କି ଏହି ଅଧିକାରୀମାନେ ବ୍ଲକ ହେଡକ୍ୱାର୍ଟରରେ ନ ରହି ଦୈନନ୍ଦିନ କଟକ ଭୁବନେଶ୍ୱରରୁ ଯାଆସ କରୁଥିବା ଯୋଗୁ କର୍ତ୍ତବ୍ୟରେ ଚରମ ଅବହେଳା କରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଚାଉଳ ଓଜନ ମାପରେ ବ୍ୟାପକ ଠକେଇ କରାଯାଉଥିଲା ବେଳେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ହେଉଥିବା କାରଣରୁ ବହୁ ଗର୍ଭବତୀ ଓ ପ୍ରସୂତି ମହିଳା ଏହାକୁ ଖାଉ ନ ଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବହୁ ଅଙ୍ଗନବାଡ଼ି କେନ୍ଦ୍ରର ଛାତରୁ ପାଣି ଝରୁଥିଲା ବେଳେ ବହୁ କେନ୍ଦ୍ରରେ ପାନୀୟ ଜଳର ସୁବନ୍ଦୋବସ୍ତ ନାହିଁ। ଏପରିକି କେତେକ କେନ୍ଦ୍ରରେ ମଧ୍ୟ ଶୌଚାଳୟ ଓ ପରିସ୍ରାଗାରର ସୁବିଧା ସୁଯୋଗ ନ ଥିଲା ବେଳେ ବହୁ କେନ୍ଦ୍ରର ନିଜସ୍ୱ ରୋଷେଇ ଘର ନ ଥିବାର ଜଣାଯାଇଛି। ତେବେ ଏ ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏକରକମ ଦିଗହରା ହୋଇପଡିଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି।

## ବିଜେଡି ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ



ନିଶ୍ଚିନ୍ତକୋଇଲି,୧୩।୭ (ସମିସ): ଓଡିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର, ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା ତଥା ସମାଜ ସଂସ୍କାରକ କର୍ମବୀର ଗୌରୀଶଙ୍କର ୧୮୭ ତମ ଜୟନ୍ତୀ ତାଙ୍କ ଜନ୍ମପୀଠ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତରେ ପାଳନ କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସଂଗଠକ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ଉପସଭାପତି ଯୋଗଦେଇ ଗୌରୀଶଙ୍କର ପ୍ରମୋଦ ଉଦ୍ୟାନରେ ଥିବା କର୍ମବୀରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ପଦଯାତ୍ରାରେ ଗୌରୀଶଙ୍କର ରାୟ ପ୍ରତିଷ୍ଠା କରିଥିବା ଦୀକ୍ଷିତ୍‌ପଡା ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଜିଲ୍ଲାପରିଷଦ ସଭ୍ୟ ଜସ୍ମିତା ସେଠୀ, ବିପ୍ଳବ କାପ, ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟ ହିମାଦ୍ରି ମିଶ୍ର, ଅନୀଲ ଭୂୟାଁ, ଆଶୁତୋଷ ତ୍ରିପାଠୀ, ବିନୋଦ ସାମଲ, ମନୋଜ ସେଠୀ, ଜିତେନ୍ଦ୍ର ମିଶ୍ର, ସୁଦାମ ଚରଣ ବଳ, ନିତ୍ୟାନନ୍ଦ ସେଠୀଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ, ଜନପ୍ରତିନିଧି ଉପସ୍ଥିତ ହୋଇ ଗୌରୀଶଙ୍କର ରାୟଙ୍କ ଜୀବନାଦର୍ଶ ସଂକ୍ରାନ୍ତରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ।

## ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକ



ସାଲେପୁର,୧୩।୭ (ସମିସ): ଆଜି ସାଲେପୁର ବ୍ଲକ୍ ବିଜୁ ଯୁବ ଛାତ୍ର ଜନତା ଦଳର ଏକ କାର୍ଯ୍ୟକାରିଣୀ ବୈଠକ ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶଙ୍କ ସଭାପତିତ୍ୱରେ ବାଲିସାହି ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଯୁବ ଓ ଛାତ୍ରମାନେ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବା ସହ ବିଜୁ ଯୁବ ଜନତା ଦଳକୁ ଅଧିକରୁ ଅଧିକ ସାଲେପୁର ଅଞ୍ଚଳରେ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ ବେହୁରା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ବିକ୍ରମ ସାମଲ, ବିଶ୍ୱଜିତ୍ ପଣ୍ଡା, ପ୍ରଭାତ ପାତ୍ର, ସୁମନ ନାୟକ, ବାପୁ ଷଡ଼ଙ୍ଗୀ, ପ୍ରଦୀପ୍ତ ସାମଲ, ଲିପକ ଜେନା, ବିଭୁତିଭୂଷଣ ସ୍ୱାଇଁ, ଶରତ ସାହୁ, ସତ୍ୟସାରଥି ପ୍ରଧାନ, କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି ଚିତ୍ତରଞ୍ଜନ ସାହୁ, ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି, ସଂଖ୍ୟାଲଘୁ ସେଲ୍ ସଭାପତି ସମିମ ଅଖତର, କମଳାକାନ୍ତ ସେଠୀ ଯୋଗଦେଇଥିଲେ। ଆଗାମୀ ଦିନରେ ସାଲେପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସାଲେପୁର ଠାରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାକେଶ ପାଣି, ସତ୍ୟ ପ୍ରଧାନ, ଦୀପକ ମହାନ୍ତି, ପ୍ରଦୀପ ସାହୁ, ବିକ୍ରମଜିତ୍ ବେହେରା, ସୁକାନ୍ତ ମଲ୍ଲିକ, ଚନ୍ଦନ ସାହୁ, ସୁନୀଲ ପ୍ରତାପ, ସଂଗ୍ରାମ ମହାନ୍ତି, ଦୋଳଗୋବିନ୍ଦ, ତାପସ ବେହେରା, ଗୌତମ ମାଣିଆ, ସନ୍ତୋଷ ମହାପାତ୍ର, ସୂର୍ଯ୍ୟକାନ୍ତ ଜେନାଙ୍କ ସମେତ ବହୁ ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସାଲେପୁର ବ୍ଲକ୍ ଛାତ୍ର ବିଜୁ ଜନତା ଦଳର ସଭାପତି ଶୁଭମ ଦାସ ଧନ୍ୟବାଦ ଦେଇଥିଲେ।

## 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମ

**ଦଳୀୟ ମତଭେଦକୁ ନେଇ ଆସିଲେନି ଦୁଇ ମନ୍ତ୍ରୀ**

ଚୌଦ୍ୱାର,୧୩।୭ (ସମିସ): ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ-୨୦୨୫' ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ତଥା ମଞ୍ଚର ଉପଦେଷ୍ଟା ଜ୍ଞାନେନ୍ଦ୍ର ସ୍ୱାଇଁ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ମଞ୍ଚ ସଭାପତି ଅକ୍ଷୟ ଭୂୟାଁ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍‌ଘାଟକ ଭାବେ ରାଜ୍ୟ ଗ୍ରାମ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଓ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର ସ୍ଥିର ହୋଇଥିବା ବେଳେ ଠିକ୍ ସମୟରେ ସେମାନଙ୍କ ଅନୁପସ୍ଥିତିକୁ ନେଇ ଏହା ଦଳୀୟ ମତଭେଦ ଯୋଗୁଁ ଏପରି ହୋଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଜେପି ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ନୟନ ମହାନ୍ତିଙ୍କୁ ନିମନ୍ତ୍ରଣ କରା ନ ଯିବା ଯୋଗୁଁ ମନ୍ତ୍ରୀ ଦ୍ୱୟ ଆସି ନ ଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଶେଷ ମୁହୂର୍ତ୍ତରେ କଟକ ଲୋକସଭା ସାଂସଦ ଶ୍ରୀ ମହତାବ ମୁଖ୍ୟଅତିଥି ଭାବେ ଆସନ ଅଳଙ୍କୃତ କରିବା ସହ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରେନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ଡଃ ତ୍ରିଦେବ ବେହେରା, ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଡଃ ଗଣେଶ ପ୍ରସାଦ ବେହେରା, ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସ, ସନ୍ଥଶ୍ରୀ ଦୁର୍ଗାପ୍ରସାଦ ଓ ଡାଏନା ଡ୍ୟାନ୍ସର ଶୁଭମ୍ ସରିତା କରଙ୍କୁ ଅତିଥି ଶ୍ରୀ ମହତାବ୍ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ସଚେତନ ନାଗରିକ ମଞ୍ଚର ସଦସ୍ୟ ଧିରଞ୍ଜନ ସିଂହ, ସଞ୍ଜୟ ମହାରଣା, ତନ୍ମୟ ସାହୁ, ସଞ୍ଜୀବ ତିୱାରୀ, ପ୍ରକାଶ ସାହୁ, ଭିକି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୧୩ନଂ ୱାର୍ଡ଼ ପାରିଷଦ ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ।

## କଟକ ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଶୋକସଭା




କଟକ,୧୩।୭ (ସମିସ): କଟକ ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଜିଲ୍ଲା ଲୋକସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ତଥା କଟକ ଫଟୋଗ୍ରାଫର ସଂଘର ବରିଷ୍ଠ ଫଟୋଗ୍ରାଫର ସ୍ୱର୍ଗତ ଆକାଶ ମାଝୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର ୬ ଠାରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏକାଠି ହୋଇ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ କଟକ ଫଟୋଗ୍ରାଫର ସଂଘ ସଭାପତି ସୁଜିତ ମିଶ୍ର, ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, ଉପସଭାପତି କଲ୍ୟାଣ ଭଗତ, କୋଷାଧ୍ୟକ୍ଷ ଆଶିଷ ମିତ୍ର, ଯୁଗ୍ମ ସମ୍ପାଦକ ଜାଭେଦ ଅହମ୍ମଦ, ଉପଦେଷ୍ଟା ଶରତ ଦାସ ଓ ସଚ୍ଚିଦାନନ୍ଦ ବେହେରା ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଆଠଗଡ,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହୁତୀ ଉଦ୍ୟମ ଘଟଣା ସାରା ରାଜ୍ୟକୁ ଏବେ ସ୍ତବ୍ଧ କରିଦେଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାୟୀ କରି ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲି ଛକ ଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଟାର୍ଗେଟ କରିଛି ବିଜୁ ଯୁବ ଛାତ୍ର ଜନତା ଦଳ। ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରନେତା ମହମ୍ମଦ ଖଲିଦ୍, ଜ୍ୟୋତିରଞ୍ଜନ ପ୍ରଧାନ, ପ୍ରଭଞ୍ଜନ ସେଠୀ, ତୋଫାନ ସାମଲ, ଗିରିଜା ପ୍ରସାଦ ପରିଜା, ସିଦ୍ଧାନ୍ତ ଦଳେଇ, ଧନେଶ୍ୱର ବେହେରା, ଗଜେନ୍ଦ୍ର ରାଉତ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କନକଗିରିଗୁପ୍ତ ପୀଠ ତୋରଣର ଭୂମିପୂଜା



ଟାଙ୍ଗୀ,୧୩।୭ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କନକଗିରୀ ସିଦ୍ଧ ଗୁପ୍ତ ପୀଠର ମୁଖ୍ୟଦ୍ୱାର ନୂତନ ତୋରଣ ନିମନ୍ତେ ରବିବାର ଭୂମିପୂଜନ କାର୍ଯ୍ୟକ୍ରମ କନକଗିରୀ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଓ ସିଦ୍ଧପୀଠ କନକଗିରୀ ସୁରକ୍ଷା ଓ ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୀଠର ମୁଖ୍ୟ ସରୋଜ ଷଡଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୂଜନ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, ସନ୍ଥ ମାନସ ବାବା, ହଳଧର ଅଞ୍ଚଳ, ବିରବର ବେଜ, ଦିନବନ୍ଧୁ ନାଥ, ଅଶୋକ ନାଥ, ଆଲୋକ ନାଥ ଓ ପ୍ରଦୀପ୍ତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ କନକଗିରୀ ପୀଠର ବିକାଶ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନସ୍ଥଳ ମାନ୍ୟତା ନିମନ୍ତେ ଆଲୋକପାତ କରିବା ସହ ପୀଠର ପ୍ରବେଶ ପଥରେ ଏକ ବଡ଼ ତୋରଣ ନିମନ୍ତେ ଭୂମିପୂଜା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ଅବକାରୀ ଚଢ଼ଉ; ମଦ ଓ ପୋଚ ନଷ୍ଟ



ଆଠଗଡ,୧୩।୭ (ସମିସ): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ମଦ ସହିତ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଆଠଗଡ ଥାନା ଅନ୍ତର୍ଗତ କୋରଙ୍ଗାରେ ଏହି ଚଢଉ କରାଯାଇ ୨୧୦୦ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୧୬ ହଜାର ୩୮୦ ଲିଟର ଗୁଡ ପୋଚ ଜବତ କରାଯାଇ ନଷ୍ଟ କରାଯିବା ସହିତ ଏ ବାବଦରେ ୫ଟି ମୋକଦ୍ଦମା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଜିର ଏହି ଚଢଉରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସିଏଚ ତିରୁପତି, ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, ସୌମ୍ୟରଞ୍ଜନ ମାଝୀ, ଶେଫାଳୀ ସାହୁ, ରାଜେଶ ପଟେଲଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଟିଗିରିଆ ଓଏଭିରେ ଟାରାରୋପଣ

ଟିଗିରିଆ,୧୩।୭ (ସମିସ): ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ସ୍ଥିତ ଚାରିଛକ ଠାରେ ଅବସ୍ଥିତ ଟିଗିରିଆ ଆଦର୍ଶ ବିଦ୍ୟାଳୟରେ ରବିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅମ୍ବୁଜ କୁମାର ଭୋଇଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିଗିରିଆ ବନଖଣ୍ଡର ବନପାଳ ପ୍ରଶାନ୍ତ କୁମାର ପରିଡା ଯୋଗଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଆଲୋଚନା ଚକ୍ର ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟାରାରୋପଣର ମହତ୍ୱ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସେୱାଲି ଜନ, ବେବି ସାହିଲ, ଶିକ୍ଷକ ଭଜମନ ନାୟକ, ଅମୀୟ ରଞ୍ଜନ ଷଡଙ୍ଗୀ, ସୁଦୀପ୍ତ ଗୌଡ଼, ଦୀପ୍ତିରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିଲେ।




## ଦିନିକିଆ କ୍ୟାରମ୍ ପ୍ରତିଯୋଗିତା

ସାଲେପୁର,୧୩।୭ (ସମିସ): ସାହେଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ଗୋଲଖ ଚନ୍ଦ୍ର ପରିଡ଼ାଙ୍କ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ଶ୍ରୀପତୀ କର ଉଦ୍‌ଘାଟନ କରିଥିବାବେଳେ ଏଥିରେ ମିହିର କୁମାର ଜେନା, ସମାଜସେବୀ ନନ୍ଦକିଶୋର ଭୂୟାଁ, ସାହେଶ୍ୱରୀ କ୍ଲବ୍‌ର ସଭାପତି ଶ୍ରୀପତି ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ସାହେଶ୍ୱରୀ କ୍ଲବ୍‌ର ସଦସ୍ୟ ଶକ୍ତି ପ୍ରତିକ ଷଡ଼ଙ୍ଗୀ, ଶଙ୍କର କାଣ୍ଡି, ଚନ୍ଦ୍ରକାନ୍ତ କର, ଅନୁପମ ଗୌରବ ଦାସ, ଅରବିନ୍ଦ ଭୂୟାଁ, ମୀନକେତନ କାଣ୍ଡି, ଚନ୍ଦନ ସାମଲ, ମଦନମୋହନ ସାହୁ, ଗୋପାଳକୃଷ୍ଣ ଭୂୟାଁ, ସତ୍ୟଜିତ୍ କର, ଦୟାନିଧି ପତି, କେଦାର ସ୍ୱାଇଁ, ରଞ୍ଜିତ ଭୋଇ, କେଶବ ନାୟକ, ସମ୍ବିତ ମଲ୍ଲିକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।



# ବର୍ଷା ଋତୁ ଆସିଲେ ମନେପଡ଼େ କେନାଲ ସଫେଇ


ସାଲେପୁର,୧୩।୭ (ସମିସ)



**କେନାଲରୁ ଘାସ ସଫା କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ**

ବର୍ଷା ଋତୁ ଆସିଲେ କେନାଲ ସଫେଇ କଥା ମନେ ପଡେ ଜଳସେଚନ ବିଭାଗର। କେନାଲ ସଫେଇ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କେନାଲ ସଫେଇ ନାମରେ କେନାଲରୁ ଖାଲି ଘାସ ସଫା କରାଯାଇ ବ୍ୟାପକ ଅର୍ଥ ଆତ୍ମସାତ୍ କରାଯାଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ୬ନଂ କେନାଲ ଜଳସେଚନ ବିଭାଗ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀରେ ପରିଣତ ହୋଇଛି। ପ୍ରକାଶ ଯେ କୃଷି ଓ କୃଷକର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଉକ୍ତ ଟଙ୍କା ଠିକ୍ ରୂପେ ବିନିଯୋଗ ହେଉ ନ ଥିବାରୁ କେନାଲ ଗୁଡିକ ପୋତି ହେବାକୁ ବସିଲାଣି। ପ୍ରତିବର୍ଷ କେନାଲ ସଫେଇ କରାଯାଉଥିବା ଦର୍ଶାଯାଉଥିବାବେଳେ କେନାଲର ଉଭୟ ପାର୍ଶ୍ୱରୁ କେବଳ ଘାସ ସଫା କରାଯାଉଥିବା ଅଭିଯୋଗ ହେଉଛି। ଫଳରେ କେନାଲର ବିଭିନ୍ନ୍ ସ୍ଥାନରେ ପୋତି ହୋଇଥିବା ସ୍ଥାନକୁ ଖୋଲା ନ ଯିବାରୁ ଜଳସେଚନ ଠିକ୍ ରୂପେ ହୋଇପାରୁ ନାହିଁ। ପ୍ରତିବର୍ଷ କେନାଲ ସଫେଇ ନାମରେ ଆସୁଥିବା ଅର୍ଥକୁ କେନାଲକୁ ଠିକ୍ ଭାବେ ସଫା କରା ନ ଯାଇ କେନାଲର ଉଭୟ ପାର୍ଶ୍ୱରେ ଥିବା ଘାସଲତାକୁ ଜେସିବି ସାହାଯ୍ୟରେ ରାତିଅଧିଆ ସଫା କରାଯାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି। ୬ନଂ କେନାଲର ବାରିଗୋଳ ଗ୍ରାମ ନିକଟରେ କେନାଲକୁ ସଫେଇ ନାମରେ ରାତି ଅଧିଆ ଘାସ କଟାଯାଇଥିବାବେଳେ କେନାଲକୁ ସୁଚାରୁ ରୂପେ ସଫେଇ କରାଯାଇ ନ ଥିବାରୁ ଏହି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବିଭିନ୍ନ ଶାଖା କେନାଲ ଗୁଡିକ ଠିକ୍ ଭାବେ ସଫେଇ କରାଯାଉ ନ ଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚି ପାରୁ ନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ବର୍ଷା ହେଲା ପରେ ୬ନଂ କେନାଲର ଉଭୟ ପାର୍ଶ୍ୱରୁ ମାଟି ଖସି କେନାଲ ମଧ୍ୟରେ ପଡି କେନାଲ ପୋତି ହେଉଥିଲେ ମଧ୍ୟ ଉକ୍ତ ମାଟିକୁ ସଫା କରାଯାଉ ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କଟକ ସିଟି



## ମଙ୍ଗଳବାର ରାଷ୍ଟ୍ରପତିଙ୍କ କଟକ ଗସ୍ତ

# ସୁରକ୍ଷା ଦାୟିତ୍ୱରେ ୫୫ ପ୍ଲାଟୁନ ଫୋର୍ସ

କଟକ, ୧୩।୭ (ସମିସ)

ଆସନ୍ତା ୧୫ ତାରିଖ ତଥା ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିପାଇଁ କଟକ କମିଶନରେଟ ପୁଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ୫୫ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଜଣାପଡ଼ିଛି। ଏହି କ୍ରମରେ ଆଜି କାରକେଡ ରିହର୍ସାଲ କରାଯାଇଥିଲା।

ଭୁବନେଶ୍ୱରରୁ ଜାତୀୟ ରାଜପଥ ହୋଇ ସୁରକ୍ଷାକର୍ମୀଙ୍କ ଗାଡି ଗୁଡିକ ଆସି ରାଷ୍ଟ୍ରପତି ଯୋଗଦେବାକୁ ଥିବା ସ୍ଥାନରେ ପହଞ୍ଚିଥିଲା। ଯାତାୟତ ବେଳେ କଣ ସବୁ ସୁବିଧା ଅସୁବିଧା ରାସ୍ତାରେ ରହୁଛି; କିଭଳି ସହଜରେ ଏବଂ ସୁରକ୍ଷିତ ଭାବେ ରାଷ୍ଟ୍ରପତି କଟକ ଆସି କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିବେ ତାହା ପୁଲିସ ସୁନିଶ୍ଚିତ କରିଥିଲା। କାରକେଡରେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ କାର ସହିତ ପ୍ରାୟ



ପୁଲିସ ପକ୍ଷରୁ ଶେଷ ହେଲା କାରକେଡ୍ ରିହର୍ସାଲ

୫୦ଟି କାର ସାମିଲ ରହିଥିଲା। ସମସ୍ତ ଗାଡିକୁ ନେଇ ରିହର୍ସାଲ କରାଯାଇଥିଲା। ସୁରକ୍ଷା ଟିମରେ ପୁଲିସ ପାଇଲଟ ସହିତ ଏନଏସଜିର ଯବନାଙ୍କ ଗାଡି ମଧ୍ୟ ଥିଲା। ସେହିପରି ଇଲୋକଟ୍ରୋନିକ୍ସ ଜାମର ଲାଗିଥିବା ଗାଡି ମଧ୍ୟ ସୁରକ୍ଷା ଟିମ୍ ସହିତ ଆସିଥିଲା। କାରକେଡ ରିହର୍ସାଲ ବେଳେ ଟ୍ରାଫିକ ଡିସିପି ତପନ ମହାନ୍ତି ଓ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସୁରକ୍ଷା ଟିମର ବରିଷ୍ଠ ଅଧିକାରୀ ଆସିଥିଲେ। ରାଜଭବନକୁ ନୂଆକରି ଆସିଥିବା ଏକ ଇଭି କାରରେ ରାଷ୍ଟ୍ରପତି କଟକ ଆସିବେ ବୋଲି ସୂଚନା ମିଳିଛି। ରିହର୍ସାଲ ପରେ ଇନଡୋର ଷ୍ଟାଡିୟମରେ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡ୍ୟୁଟିରେ ନିୟୋଜିତ ହେବାକୁ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ ବୁଝାଇଥିଲେ। ଏଥିରେ ପୁଲିସ ସହିତ ଅଗ୍ନିଶମ କର୍ମଚାରୀ ବି ଉପସ୍ଥିତ ଥିଲେ। ସୁରକ୍ଷା ଦାୟିତ୍ୱରେ ୫୫ ପ୍ଲାଟୁନ ଫୋର୍ସ ଓ ୨ଶହ ଅଫିସର ରହିବେ। କେବଳ ୮ ପ୍ଲାଟୁନ ଫୋର୍ସଙ୍କୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରଖାଯାଇଛି। ସେହିପରି ରାଷ୍ଟ୍ରପତି ଯିବାକୁ ଥିବା ୫ଟି ସ୍ଥଳରେ ଅଗ୍ନିଶମ ଟିମ୍ ରହିବେ। ଏହି ଟିମରେ ୫୨ ଜଣ ଫାୟାରମ୍ୟାନ, ୧୦ ଜଣ ଡ୍ରାଇଭର, ୩ ଜଣ ଏଏଫଓ, ୫ ଜଣ ଷ୍ଟେସନ ଅଫିସର, ୩ ଜଣ ଅତିରିକ୍ତ ଷ୍ଟେସନ ଅଫିସର ସାମିଲ ରହିବେ। ସବୁ ସ୍ଥାନରେ ଦୁଇଟି ଲେଖାଏଁ ଛୋଟ, ବଡ ଦମକଳ ଗାଡି ସହ ଫାୟାର ବାଇକ ମଧ୍ୟ ରହିବ। ପ୍ରାୟ ୩ ଘଣ୍ଟା ଧରି ସମସ୍ତ କର୍ମଚାରୀଙ୍କୁ ତାଙ୍କର ଡ୍ୟୁଟି ବୁଝାଯାଇଥିଲା। ପରେ ପୁଲିସ କମିଶନର ଏସ ଦେବଦତ୍ତ ସିଂହ କଟକର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସୁରକ୍ଷାରେ ଯେମିତି କୌଣସି ପ୍ରକାର ତ୍ରୁଟି ନହୁଏ ସେଥିପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା କାଲି ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ କାରକେଡ ରୁଟରେ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଏକ ଟ୍ରାଏଲ ରନ୍ କରାଯିବ। ତତ୍‌ସହିତ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ

# ୪ ଜଣଙ୍କୁ ମିଳିବ ସମ୍ମାନସୂଚକ ଡକ୍ଟରେଟ

**କଟକ, ୧୩।୭ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ ଆସନ୍ତା ୧୫ ତାରିଖରେ ଆୟୋଜନ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯିବ। ତିନୋଟି ଶିକ୍ଷାବର୍ଷର ମୋଟ ୩୨୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ସମାରୋହରେ ଡିଗ୍ରୀ, ସ୍ୱର୍ଣ୍ଣପଦକ ସହ ପୁରସ୍କୃତ କରାଯିବ। ଆଜି ବିଶ୍ୱବିଦ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମାରୋହ ବାବଦରେ ସମସ୍ତ ସୂଚନା ଦିଆଯାଇଥିଲା। ସେଭେନ୍ ପିଲାର ଅଫ ୱିଜ୍‌ଡମସ୍ଥିତ ସମ୍ମିଳନୀ କକ୍ଷରେରେ ସମାବର୍ତ୍ତନ ସମାରୋହ ଆୟୋଜନ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମ୍ପାଟି ଏହି ସମାରୋହରେ ଅଧ୍ୟକ୍ଷତା କରିବେ। ଚଳିତଥର ଏହି ସମାରୋହରେ ୨୦୨୩ ଶିକ୍ଷାବର୍ଷର ୧୦୬ ବିଦ୍ୟାର୍ଥୀ ପୁରସ୍କୃତ ହେବେ। ତନ୍ମଧ୍ୟରୁ ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ ସର୍ବୋତ୍ତମ ସ୍ନାତକ, ୩୨ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୪୨ ପିଏଚଡି ସନନ୍ଦ ଏବଂ ୧ ଡିଲିଟ୍ ପ୍ରଦାନ କରାଯିବ। ସେହିପରି ୨୦୨୪ ପାଇଁ ୧୧୮ ଛାତ୍ରଛାତ୍ରୀ ପୁରସ୍କୃତ ହେବେ। ୨୯ ସ୍ନାତକ ସ୍ୱର୍ଣ୍ଣପଦକ, ୨ ସର୍ବୋତ୍ତମ ସ୍ନାତକ, ୨୭ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ବୋରାସମ୍ବର ସେନାପତି ତର୍କ ପଦକ ୩, ୫୬ ପିଏଚଡି ସନନ୍ଦ ଏବଂ ୧ ଡିଏସ୍‌ସି ସମ୍ମାନ ପ୍ରଦାନ କରାଯିବ। ୨୦୨୫ ପାଇଁ ୧୦୫ ମଧ୍ୟରୁ ୨୬ ସ୍ନାତକ ସ୍ୱର୍ଣ୍ଣପଦକ, ୨ ସର୍ବୋତ୍ତମ ସ୍ନାତକ, ୨୭ ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ, ୪ ବୋରାସମ୍ବର ସେନାପତି ତର୍କ ପଦକ, ୪୬ ପିଏଚଡି ସନନ୍ଦ ପୁରସ୍କାର ଦିଆଯିବ। ଅନ୍ୟପକ୍ଷରେ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯିବ। ପରମାଣୁ ଶକ୍ତି ଆୟୋଗ ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ପ୍ରାକ୍ତନ ନିର୍ଦ୍ଦେଶକ ଆଣବିକ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତିଙ୍କୁ ଡକ୍ଟର ଅଫ ସାଇନ୍ସ, ସାଂସଦ ଡ. ଭର୍ତ୍ତୃହରି ମହତାବ, ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥ ଓ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ଡ. ଅଫ ଲିଟିରେଚର ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, କୁଳସଚିବ କାହ୍ନୁ ଚରଣ ମଲ୍ଲିକ, ମିଡିଆ ସେଲ ଅଧ୍ୟକ୍ଷ ଡ. ସୁଦର୍ଶନ ମିଶ୍ର ଉପସ୍ଥିତ ଥିଲେ।

## ରେଭେନ୍ସା ହଷ୍ଟେଲରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

# ଆକ୍ରାନ୍ତଙ୍କୁ ଭେଟିଲେ ମନ୍ତ୍ରୀ, ବଦଳିଲେ ୱାର୍ଡେନ

**କଟକ, ୧୩।୭ (ସମିସ):** ଝାଡାବାନ୍ତି ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସାଧିନ ଛାତ୍ରଙ୍କୁ ଭେଟିଛନ୍ତି କ୍ରୀଡ଼ା, ଯୁବସେବା ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ସମସ୍ତ ଆକ୍ରାନ୍ତଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଡାକ୍ତର ଟିମ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କହିଥିଲେ ଯେ, ଅସୁସ୍ଥ ଛାତ୍ରଙ୍କର କୌଣସି ଜଟିଳ ସମସ୍ୟା ନାହିଁ। ରାତି ସୁଦ୍ଧା ୨୦ରୁ ୨୫ ଜଣଙ୍କୁ ଡିସଚାର୍ଜ କରାଯିବ। ୨ ଜଣଙ୍କୁ ଅବଜରଭେସନରେ ରଖାଯିବ। ରେଭେନ୍ସାରେ ଖାଦ୍ୟ ଯୋଗାଉଥିବା ୨ଟି ଭେଣ୍ଡର ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରଣ କରାଯିବା ସହ ସେମାନଙ୍କୁ ବିଦା କରାଯାଇଛି। ରେଭେନ୍ସାର ଖାଦ୍ୟର ମାନ ଯାଞ୍ଚ କରିବା ଲାଗି ସାନିଟାରୀ ନିରୀକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ଆଗକୁ ଯେପରି ଏଭଳି ଅସୁବିଧା ନଉପୁଜିବ ସେଥିପ୍ରତି ଧ୍ୟାନ ଦିଆଯିବ



ବୋଲି ସେ କହିଥିଲେ। ଏଭଳି ଅଭାବନୀୟ ଘଟଣାରେ ଅନୁସନ୍ଧାନ ଚାଲିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମହାଲିଙ୍ଗ ମତ ଦେଇଥିଲେ। ଅନ୍ୟପକ୍ଷରେ ରବିବାର ପୂର୍ବାହ୍ନରେ ୫ଜଣ ଛାତ୍ରଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିଲା। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକଙ୍କ ମେଡିକାଲ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇ ହଷ୍ଟେଲ ତଥା ନ୍ୟୁପିଜି ଏବଂ ଧର୍ମପଦରେ ଅନ୍ତେବାସୀ ଝାଡ଼ାବାନ୍ତି ଆକ୍ରାନ୍ତ ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚିଫ୍ ୱାଡେନଙ୍କ ସମେତ ୪ ଜଣଙ୍କୁ ବଦଳି କରାଯାଇଛି। ଚିଫ୍ ୱାଡେନ୍ କିଶୋର କୁମାର ଦାସଙ୍କ ସ୍ଥାନରେ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିଭଳି ଡ. ମନୋଜ କୁମାର ଦାସ ଡେପୁଟି ଚିଫ୍ ୱାଡେନ୍ (ଛାତ୍ରାବାସ), ରଶ୍ମିରେଖା ଶତପଥୀ ଡେପୁଟି ଚିଫ୍ ୱାଡେନ୍ (ଛାତ୍ରୀନିବାସ) ଏବଂ କ୍ରୀଡ଼ା ଅଧିକାରୀ ଡ. ଅଞ୍ଜନ କୁମାର ଖୁଣ୍ଟିଆଙ୍କୁ ନ୍ୟୁ ପିଜି ହଷ୍ଟେଲର ୱାଡେନ୍ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ ଖୋଜିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟରୁ ଜଳ ନମୁନା ସଂଗ୍ରହ କରାଯାଇ ଏହାର ପରୀକ୍ଷା ନିମନ୍ତେ ପଠାଯାଇଛି। ମୁଖ୍ୟତଃ ଦୂଷିତ ଜଳ ବ୍ୟବହାର ଯୋଗୁଁ ଏଭଳି ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରିଛି। ରବିବାର ଦୁଇଟି ହଷ୍ଟେଲର ଅନ୍ତେବାସୀଙ୍କୁ ଗରମ ପାଣି ପିଇବାକୁ ଦିଆଯିବା ସହ ସ୍ୱାସ୍ଥ୍ୟ ବିଭାଗର ଟିମ୍ ନିୟୋଜିତ ହୋଇଛନ୍ତି।

## ସଫେଇ ଆଳରେ ସୁନା ଲୁଟ୍

# ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ

**କଟକ, ୧୩।୭ (ସମିସ):** ସହରରେ ସଫେଇ ଆଳରେ ସୁନା ଅଳଙ୍କାର ଲୁଟି ନେଉଥିବା ଏକ ଆନ୍ତଃରାଜ୍ୟ ଲୁଟେରା ଦଳର ୪ଜଣଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି ମେରିଆ ବଜାରରେ ରହୁଥିବା ବିହାର କଠିହାରର ପିଙ୍କୁ କୁମାର(୩୩), ରାଜେଶ କୁମାର(୨୯), ନିମଚୌଡିରେ ରହୁଥିବା ମହାରାଷ୍ଟ୍ରର ଉମେଶ ରଘୁନାଥ ପଟୋଲ(୨୮) ଓ ଲୋକେଶ ନାରୁଟେ(୨୨)। ଏମାନଙ୍କ ପାଖରୁ ୫୦ ଗ୍ରାମର ସୁନା ଅଳଙ୍କାର, କେମିକାଲ, ଅଳଙ୍କାର ସଫେଇରେ ବ୍ୟବହୃତ ପାଉଡର, ରଙ୍ଗ ଓ ଗୋଟିଏ ବାଇକ ଜବତ ହୋଇଛି।

### ବାଇକ୍ ଓ ୫ ଭରି ଅଳଙ୍କାର ଜବତ

ସଦର ଥାନା ଅନ୍ତର୍ଗତ ମହାବୀର ନଗରରେ ପ୍ରଦୀପ କୁମାର ବସ୍ତିଆଙ୍କ ଘର। ଗତ ୫ ତାରିଖ ଅପରାହ୍ନ ୩ଟାରେ ପ୍ରଦୀପଙ୍କ ପତ୍ନୀ ପ୍ରତିମା ଘରେ ଏକୁଟିଆ ଥିଲେ। ଏହି ସମୟରେ ୨ ଜଣ ଯୁବକ ବାଇରେ ଆସି ତାଙ୍କୁ ଡାକି ସୁନା ଅଳଙ୍କାର ସଫା କରିବା କଥା କହିଥିଲେ। ପ୍ରତୀମା ଏନେଇ ମନା କରିବାରୁ ସେମାନେ କମ ଖର୍ଚ୍ଚରେ ସମସ୍ତ ଅଳଙ୍କାରକୁ ନୂଆଭଳି ଚମକାଇଦେବେ ବୋଲି କହିଥିଲେ। ବହୁ ବାଧ କରିବାରୁ ପ୍ରତିମା ଆଲମିରାରୁ ଏକ ସୁନାର ହାର, ୩ଟି ସୁନା ଚେନ ଓ ୩ଟି ସୁନା ମୁଦି ଆଣି ତାଙ୍କୁ ଦେଇଥିଲେ। ଉକ୍ତ ଯୁବକମାନେ ଘର ଅଗଣାରେ ବସି କିଛି ପାଉଡର ଓ ତରଳ ପଦାର୍ଥ ବ୍ୟବହାର କରି ସୁନା ସଫେଇ ଆରମ୍ଭ କରିଥିଲେ। ପ୍ରାୟ ଅଧ ଘଣ୍ଟା ପରେ ଅଳଙ୍କାର ଗୁଡିକୁ ଏକ କାଗଜ ପୁଡିଆରେ ରଖି ପ୍ରତିମାଙ୍କ ହାତକୁ ଦେଇ ଯୁବକ ଦ୍ୱୟ ସେଠାରୁ ପଳାଇଥିଲେ। କିଛି ସମୟ ପରେ ଉକ୍ତ କାଗଜ ପୁଡିଆ ଖୋଲି ଦେଖିବାରୁ ସେଥିରେ ସୁନା ଅଳଙ୍କାର ନଥିଲା। ଏହି ବିଷୟ ସ୍ୱାମୀ ପ୍ରଦୀପଙ୍କୁ ଜଣାଇବା ପରେ ପ୍ରତିମା ସଦର ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାକୁ ଗୁରୁତର ସହ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ, ଗାଡି ନମ୍ବର ଏବଂ କିଛି ବୈଷୟିକ ତଥ୍ୟ ଆଧାରରେ ଉକ୍ତ ଲୁଟେରା ଦ୍ୱୟ କଟକ ସହର ଭିତରେ ଆଡ୍ଡା ଜମାଇଥିବା ଜଣାପଡ଼ିଥିଲା। ତଦନ୍ତକ୍ରମେ ଗତକାଲି ପୁଲିସ ଟିମ ମେରିଆ ବଜାର ଅଞ୍ଚଳରୁ ଅଭିଯୁକ୍ତ



ପିଙ୍କୁ ଓ ରାଜେଶକୁ କାବୁ କରିଥିଲା। ସେମାନଙ୍କୁ ଧରିଆଣି ଜେରା କରିବାରୁ ଉମେଶ ଓ ଲୋକେଶର ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ଉମେଶ ଓ ଲୋକେଶ ଲୁଟ ସୁନା ଅଳଙ୍କାର କିଣିଥିଲେ। ଗିରଫଦାରୀ ବେଳେ ଉଭୟଙ୍କ ଠାରୁ ପ୍ରାୟ ୫ ଭରିର ସୁନାର ୪ଟି ଚେନ, ହାର, ୪ ଗ୍ରାମର ତରଳ ସୁନା ଜବତ ହୋଇଛି। ସେହିପରି ଅଭିଯୁକ୍ତ ପିଙ୍କୁ ଓ ରାଜେଶ ପାଖରୁ ସୁନା ସଫେଇରେ ବ୍ୟବହୃତ ଭାୟା ନାମକ କେମିକାଲ ପାଉଡର, ଚାନ୍ଦି ସଫା ପାଇଁ ଅଭିଜ୍ୟା ନାମକ ପାଉଡର, କାଷ୍ଟ ମାଳି ନାମକ ରଙ୍ଗ ସହିତ ଲୁଟପାଟ ବେଳେ ଦୁର୍ବୃତ୍ତ ଦ୍ୱୟ ପିନ୍ଧିଥିବା କିଛି ନକଲି ଅଳଙ୍କାର ଜବତ ହୋଇଛି। ଅଧିକ ତଦନ୍ତରୁ ଜଣାପଡ଼ିଛିଯେ, ଗିରଫ ଅଭିଯୁକ୍ତମାନେ ଲୁଟପାଟ ଉଦ୍ଦେଶ୍ୟରେ ରାଜ୍ୟ ବାହାରୁ ଆସି କଟକରେ ଆଡ୍ଡା ଜମାଇଥିଲେ। ପିଙ୍କୁ ଓ ରାଜେଶ ଗହଣା ସଫେଇ ଆଳରେ ହାତ ସଫା କରିଆଣି ଉମେଶ ଓ ଲୋକେଶକୁ ଦେଉଥିଲେ। ଅଭିଯୁକ୍ତମାନେ ଏହିଭଳି ଭାବେ ସେମାନେ ଜଗତସିଂହପୁର ଅଞ୍ଚଳରେ ମଧ୍ୟ ଲୁଟପାଟ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୁଲିସ ତଦନ୍ତ ଜାରି ରହିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

# ଲକ୍ଷ୍ମଣ ବାଗଙ୍କୁ ମନ୍ତ୍ରୀ ପଦ ପାଇଁ ଯାଦବ ମହାସଭାର ଦାବି

**କଟକ, ୧୩।୭ (ସମିସ):** ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିଥିବା ବିଧାୟକ ତଥା ଉତ୍କଳ ଯାଦବ ମହାସଭାର ପ୍ରମୁଖ ମହାସଚିବ ଲକ୍ଷ୍ମଣ ବାଗଙ୍କୁ ସମ୍ପ୍ରସାରିତ ମନ୍ତ୍ରୀମଣ୍ଡଳରେ ସାମିଲ କରିବା ପାଇଁ ଉତ୍କଳ ଯାଦବ ମହାସଭାର ଏକ ପ୍ରତିନିଧି ମଣ୍ଡଳୀ ଭାରତୀୟ ଜନତା ପାର୍ଟିର ସଭାପତି ମନମୋହନ ସାମଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ ନ କରାଯିବାରୁ ସଂଗଠନ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଉତ୍କଳ ଯାଦବ ମହାସଭାର ସଭାପତି ଡ. ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଅଖିଳ ଭାରତ ବର୍ଷୀୟ ଯୁବ ଯାଦବ ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତଥା ରାଜ୍ୟ ଯୁବ ସଭାପତି ଅମର ନାୟକ, ଦିଲ୍ଲୀପ ନାୟକ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ଦାବିପତ୍ର ପ୍ରଦାନ କରିଥିଲେ।



## ଆଜି ଶ୍ରାବଣ ପ୍ରଥମ ସୋମବାର

# ଗଡ଼ଗଡ଼ିଆରେ ପ୍ରବଳ ଗହଳି: ପାଣି ଉଠାଇଲେ କାଉଡ଼ିଆ

**କଟକ, ୧୩।୭ (ସମିସ):** ଶ୍ରାବଣ ମାସର ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି କରିବେ କାଉଡିଆ। ରୀତିନୀତି ଅନୁଯାୟୀ ଏହି ଶ୍ରାବଣ ମାସକୁ ପାଳିବେ ବୋଲବମ ଶ୍ରଦ୍ଧାଳୁ। ୧୪ତାରିଖ ପ୍ରଥମ ସୋମବାର ପଡୁଥିବା ବେଳେ ଏଥିପାଇଁ ଆଜି କାଉଡିଆ ମାନେ ସକାଳୁ ଗଡ଼ଗଡ଼ିଆ ଘାଟରେ ନଦୀରୁ କଳସରେ ଜଳ ନେଇ ପୂଜାର୍ଚ୍ଚନା କରି ବାହୁଙ୍ଗି କାନ୍ଧେଇ ମାନସିକ ଅନୁଯାୟୀ ଶୈବପୀଠ ଅଭିମୁଖେ ବାହାରିଛନ୍ତି। ପରମ୍ପରା ଅନୁଯାୟୀ, ଏହି ଗଡ଼ଗଡ଼ିଆ ଘାଟ ସହିତ ପ୍ରଭୁ ଚୈତନ୍ୟଙ୍କ ସମ୍ପର୍କ ରହିଛି। ଗଡ଼ଗଡ଼ିଆ ଘାଟରୁ ପାଣି ନେଇ ଗଡ଼ଗଡ଼େଶ୍ୱରଙ୍କ ନିକଟରେ ସଂକଳ୍ପ କଲେ କାଉଡିଆଧାରୀଙ୍କ ଚାଲିବା କଷ୍ଟ ଲାଘବ ହେବା ସହ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗଡ଼ଗଡ଼ିଆ ଘାଟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ମୁତୟନ କରାଯାଇଥିବା ବେଳେ ଗଭୀର ଜଳକୁ ନଯିବା ପାଇଁ ସଚେତନ କରାଯାଇଛି। ସେହିପରି କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଘାଟକୂଳରେ



ଅନେକ ଅସ୍ଥାୟୀ ଦୋକାନ ଖୋଲିଛି। ଏହାସହ ସିଏମସି ପକ୍ଷରୁ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ୧୦ଟି ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ୨ଟି ସିଫ୍ଟରେ ସକାଳ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଘାଟ କୂଳରେ ଥିବା ଅସ୍ଥାୟୀ କ୍ୟାମ୍ପରେ ନିୟୋଜିତ ରହଛନ୍ତି। ଅଗ୍ନିଶମ ବିଭାଗର ଦୁଇଟି ଟିମରେ ୧୫ଜଣ ଲେଖାଏଁ କର୍ମଚାରୀ ମୁତୟନ କରାଯାଇଛି। ଏଥିସହ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍-ବୟଙ୍କ ସମେତ ଲାଇଫ ଜ୍ୟାକେଟ ଓ ବୋଟ୍ ମହଜୁଦ ରଖାଯାଇଥିବା ସୂଚନା ମିଳିଛି। ଏନେଇ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ପ୍ରଥମ ସୋମବାରରୁ ଶେଷ ସୋମବାର ପର୍ଯ୍ୟନ୍ତ ସବୁ ସୋମବାରରେ ଜଳଲାଗି କରିବା ପାଇଁ ରବିବାର ଘାଟକୂଳରେ ଭିଡ଼ ବଢ଼ିଥାଏ। ଭିଡ଼କୁ ନଜରରେ ରଖି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ।

# ୧୬ରୁ ସାହାଣୀ କପ୍-୨୦୨୫

**କଟକ, ୧୩।୭ (ସମିସ):** ୬୪ ତମ ବରିଷ୍ଠ ପୁରୁଷ ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩୩ଟି ଦଳ ଅଂଶ ଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଆଜି ବାରବାଟୀ ଗେଷ୍ଟ ହାଉସ୍‌ରେ ଏକ ପ୍ରସ୍ତୁତି ବୈଠକ ଡକାଯାଇଥିଲା। ସମ୍ପାଦକ ଆଶୀର୍ବାଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମ୍ୟାଚ୍ ପ୍ରୋଟୋକଲ ଏବଂ ପରିବର୍ତ୍ତିତ ମ୍ୟାଚ୍ ସୂଚୀ ବାବଦରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ଏବଂ କେନ୍ଦ୍ରାପଡ଼ା ଜୋନ୍‌ରେ ଟୁର୍ଣ୍ଣାମେଣ୍ଟର ଉଭୟ ସେମିଫାଇନାଲ ମ୍ୟାଚ୍, ବୌଦ୍ଧ ଏବଂ କେନ୍ଦୁଝର ଜୋନ୍‌ରେ ଦୁଇଟି ଯାକ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ସ୍ଥିର ହୋଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୧ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ। ରନର୍ସଅପ ଦଳ ନିମନ୍ତେ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସ୍ଥିର ହୋଇଛି। ବୈଠକରେ ଗଞ୍ଜାମ ଡିଏଏ ସମ୍ପାଦକ କାମେଶ୍ୱର ରାଓ, କେନ୍ଦୁଝର ଡିଏଏ ସମ୍ପାଦକ ଡଃ ଜନାର୍ଦ୍ଦନ ଦାସ, ବୌଦ୍ଧ ଡିଏଏ ସମ୍ପାଦକ ଯୁଗଳ କିଶୋର ସାମଲ, କେନ୍ଦ୍ରାପଡ଼ା ଡିଏଏ ସମ୍ପାଦକ ସୟଦ ଅକମଲ ଅଲ୍ଲୀଙ୍କ ସମେତ ଫାଓ ପଦାଧିକାରୀ ଉପସ୍ଥିତ ଥିଲେ।

# କାଠଯୋଡ଼ି ସାହିତ୍ୟ ସଂସଦର ବର୍ଷା ଆସର



**କଟକ, ୧୩।୭ (ସମିସ):** ରବିବାର କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ପୋପରଡାରେ ବର୍ଷା ଆସର ସହ ରଥଯାତ୍ରା ବିଶେଷାଙ୍କ ଲୋକାର୍ପଣ, ସାରସ୍ୱତ ସମ୍ମାନ ଓ ମେଧା ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏଇ ଉତ୍ସବକୁ ବରେଣ୍ୟ ଅତିଥିଭାବେ ପଣ୍ଡିତ ଚୈତନ୍ୟ ସାହୁ, ମହିଜା ଦଳବେହେରା, ଡାକ୍ତର କମଳାକାନ୍ତ ନାୟକ, ପ୍ରଧାନଶିକ୍ଷକ ଅଭିରାମ ନାୟକ, ପୀତାମ୍ବର ମହାପାତ୍ର, ଇଂ ହରେକୃଷ୍ଣ ଦଳାଇଙ୍କ ଉପସ୍ଥିତିରେ ବିଶିଷ୍ଟ ଗୀତିକବି ଓ ଗାଳ୍ପିକ ସୌରାଂଶୁ ପଟ୍ଟନାୟକ ଓ ବକ୍ତା ଓ ଶିକ୍ଷାବିତ ଚୈତନ୍ୟ ରାଉତଙ୍କୁ କାଠଯୋଡ଼ି ସାରସ୍ୱତ ସମ୍ମାନ ଏବଂ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟରେ ଶ୍ରାବଣୀ ସାହୁ, କ୍ରୀଡା ବବୁଲ ରାଉତ, ସୁଶ୍ରୀ ସ୍ୱୟଂସିଦ୍ଧା ସାହୁ, ନିକିତା ସାହୁ, ଅଭିଲିପ୍ସା ଜେନା, ଲକ୍ଷ୍ମୀପ୍ରିୟା ସାହୁ ଓ ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୫୦ରୁ ଅଧିକ କବି କବୟିତ୍ରୀଙ୍କ ବର୍ଷା କବିତାକୁ ଅଧ୍ୟାପକ ଡ. ହୃଷିକେଶ ମହାରଣା, ପ୍ରମିଳା ପତି, ଯୁବକବି ସୌମେନ୍ଦ୍ର ମହାପାତ୍ର ଓ ଅଧ୍ୟାପକ ଶରତ ପଣ୍ଡା ଓ ଜୟନ୍ତୀ ବାରିକ ସଂଯୋଜନା କରିଥିବାବେଳେ ଦୁର୍ଯ୍ୟୋଧନ ବେହେରା, ଅଶୋକ ଜେନା, ଗଦାଧର ପ୍ରଧାନ ସହଯୋଗ କରିଥିବାବେଳେ, ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଗୀତିକବି ସମ୍ପାଦକ ବାବାଜୀ ଜେନା ସୂତ୍ରଧାର ରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାନଦୀ ସାଉଥ ଡିଭିଜନ୍

# ଆକ୍ୱାରିୟମ୍ ମେଣ୍ଟେନାନ୍ସ ଏଷ୍ଟିମେଟ୍‌ରେ ଅଧିକାରୀଙ୍କ ଆର୍ଥିକ କ୍ଷମତାର ଅପବ୍ୟବହାର!


**କଟକ, ୧୩।୭ (ସମିସ):** ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟର ଆକ୍ୱାରିୟମ୍ ମେଣ୍ଟେନାନ୍ସ ଦାୟିତ୍ୱ ନେବାକୁ ଥିବା ଠିକାଦାରୀ ସଂସ୍ଥାକୁ ମାତ୍ରାଧିକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଉଠିଛି। ବିଭାଗୀୟ ଅଧିକାରୀ ନିଜର କ୍ଷମତାର ଅପବ୍ୟବହାର କରି ଏହି ସଂସ୍ଥାକୁ ଲକ୍ଷାଧିକ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, କଟକ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟର ଆକ୍ୱାରିୟମ୍ ରକ୍ଷଣାବେକ୍ଷଣ ନିମନ୍ତେ ବିଭାଗୀୟ ଟେଣ୍ଡର ଡକାଯାଇଥିଲା। ଗତ ୨୦୨୫ ମଇ ମାସ ୧୭ ତାରିଖରୁ ଜୁନ୍ ୨ ତାରିଖ ମଧ୍ୟରେ ଟେଣ୍ଡର ପକାଇବା ପାଇଁ ଆହ୍ୱାନ କରାଯାଇଥିଲା। ଓଡ଼ିଶାର ୪ଟି ସଂସ୍ଥା ଓ ଛତିଶଗଡ଼ (ରାୟପୁର)ର ଏକ ସଂସ୍ଥା ପକ୍ଷରୁ ଆବେଦନ କରାଯାଇଥିଲା। ଛତିଶଗଡ଼ ଏହି



ସଂସ୍ଥା ଏଲ-୧ରେ ମନୋନୀତ ହୋଇ ଏହି ଟେଣ୍ଡର କାର୍ଯ୍ୟାଦେଶ ପାଇଥିଲା।

ଅନ୍ୟପକ୍ଷରେ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟର ଦ୍ୱିତୀୟ ନିର୍ବାହୀ କମିଟି ବୈଠକ ତା ୩୧/୧୨/୨୦୨୧ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଟ୍ରଷ୍ଟ ମେମ୍ବରଙ୍କ ଉପସ୍ଥିତିରେ ମେଣ୍ଟେନାନ୍ସ ଟେଣ୍ଡର ଉପରେ କ୍ଷମତା ଆବଣ୍ଟନ କରାଯାଇଥିଲା। ଗୃହୀତ ପ୍ରସ୍ତାବ ଅନୁଯାୟୀ ଅଧୀକ୍ଷଣ ଯନ୍ତ୍ରୀଙ୍କର ମେଣ୍ଟେନାନ୍ସ ପାଇଁ ଆର୍ଥିକ କ୍ଷମତା ୫ ଲକ୍ଷ ଟଙ୍କା ରଖାଯାଇଥିଲା। ତେବେ କମିଟିର ବିନା ଅନୁମୋଦନରେ ଏବଂ ବିଭାଗୀୟ ପଦାଧିକାରୀଙ୍କ ଅଗୋଚରରେ ଅଧୀକ୍ଷଣ ଯନ୍ତ୍ରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଏହି ସଂସ୍ଥାକୁ ୧ କୋଟି ୬୮ ଲକ୍ଷ ୧୩ ହଜାର ୪୪୦ ଟଙ୍କା ଅଟକଳରେ ଏହି କାର୍ଯ୍ୟକୁ ବାର୍ଷିକ ୫୬ ଲକ୍ଷ ୪ ହଜାର ୪୮୦ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଆହୁରି ୨ ବର୍ଷ ଅବଧିକୁ ବଢ଼ାଯିବାର ବ୍ୟବସ୍ଥା କରାଯାଇଛି। ଏପରିକି ଆକ୍ୱାରିୟମ ମେଣ୍ଟେନାନ୍ସ ଏକ ନନ ସିଡ୍ୟୁଲ୍ଡ ଆଇଟମ ହୋଇଥିବା ନଥିପତ୍ରରେ ଦର୍ଶାଯାଇଥିବା ବେଳେ ଏହାକୁ କିଭଳି ଉଚ୍ଚପଦସ୍ଥ ଅଧିକାରୀଙ୍କ ବିନା ଅନୁମୋଦନରେ ଅଟକଳ କରାଯାଇ ଟେଣ୍ଡର କରାଗଲା ଓ ଏହାକୁ ସିଡ୍ୟୁଲ୍ଡ ଆଇଟମ ଭାବେ ଅନ୍ତର୍ଭୁକ୍ତ କରାଗଲା ସେଥିନେଇ ଟେଣ୍ଡର ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ୫ ଲକ୍ଷ ପରିବର୍ତ୍ତେ ସେ ଅଧିକ ଟଙ୍କା ମଞ୍ଜୁର କରିବା ତାଙ୍କ କ୍ଷମତାର ପରିସରଭୁକ୍ତ ବୋଲି ପ୍ରକାଶ କରିଛନ୍ତି। ଏହା ଏକ ନନ ସିଡ୍ୟୁଲ୍ଡ ଆଇଟମ ହୋଇଥିଲେ ମଧ୍ୟ ୧ କୋଟି ୬୮ ଲକ୍ଷ ୧୩ ହଜାର ୪୪୦ ଟଙ୍କା ପ୍ରଦାନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ସ୍ପଷ୍ଟ କହିଥିଲେ। ଆବେଦନ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ଆବେଦନକାରୀ ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜଳସେଚନ ବିଭାଗର ପ୍ରମୁଖ ସଚିବ, ମୁଖ୍ୟ ନିର୍ବାହୀ ଯନ୍ତ୍ରୀ, ସ୍ୱତନ୍ତ୍ର ସଚିବ, ଆରଡିସି କଟକ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଭିଜିଲାନ୍ସକୁ ଏହି ଟେଣ୍ଡରର କେଳେଙ୍କାରୀର ତଦନ୍ତ କରିବା ପାଇଁ ବିନୟ କୁମାର ସିଂହ ଓ ହିତେନ୍ଦ୍ର ଦାସ ନିବେଦନ କରିଛନ୍ତି।

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

## ପାଇଲଟ୍‌ଙ୍କ ତ୍ରୁଟି?

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ୍ ବିମାନବନ୍ଦରରେ ଘଟିଥିବା ଲୋମହର୍ଷଣକାରୀ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ(ଏଏଆଇବି)'ର ପ୍ରାଥମିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇଛି। ରିପୋର୍ଟର ନିଷ୍କର୍ଷ ଅନୁଯାୟୀ ବିମାନରେ ଯାନ୍ତ୍ରିକ ତ୍ରୁଟି ନଥିଲା, ହୁଏତ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟି ଥାଇପାରେ। କିନ୍ତୁ ବିଶେଷଜ୍ଞଙ୍କ ଦ୍ୱାରା ଏହି ରିପୋର୍ଟ ଗ୍ରହଣଯୋଗ୍ୟ ହୋଇପାରିନାହିଁ। ରିପୋର୍ଟକୁ ତର୍ଜମା କଲା ବେଳେ ଯେଉଁ କେତେକ ଯୁକ୍ତି ସାମ୍ନାକୁ ଆସୁଛି ସେଥିରୁ ରିପୋର୍ଟ ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ଆମେରିକୀୟ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ'ରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ବିମାନଟି ଉଠିବାର କିଛି ସେକେଣ୍ଡ ପରେ ଇନ୍ଧନ ନିୟନ୍ତ୍ରଣକାରୀ ଗୁରୁତ୍ୱପୂର୍ଣ୍ଣ ସ୍ୱିଚ୍ ସକ୍ରିୟ(ରନ ମୋଡ୍)ରେ ରହିବା ବଦଳରେ ନିଷ୍କ୍ରିୟ(କଟ୍‌ଅଫ୍) ସ୍ଥିତିରେ ଥିଲା। ଜଣେ ପାଇଲଟ୍ ଅନ୍ୟଜଣଙ୍କୁ 'କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଛ' ବୋଲି ପଚାରିଥିଲେ ଏବଂ ଦ୍ୱିତୀୟ ପାଇଲଟ୍ ଉତ୍ତର ଦେଇଥିଲେ ଯେ 'ମୁଁ ସ୍ୱିଚ୍ ବନ୍ଦ କରିନାହିଁ।' କକ୍‌ପିଟ୍ ଭଏସ୍ ରେକର୍ଡିଂ ବ୍ୟବସ୍ଥାରେ ରେକର୍ଡ ହୋଇଥିବା ଏତିକିମାତ୍ର ବାର୍ତ୍ତାଳାପକୁ ତର୍ଜମା କରି ଏଏଆଇବି ଏହି ନିଷ୍କର୍ଷରେ ପହଞ୍ଚି ଯାଇଛି ଯେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ଥିବାରୁ ଇଞ୍ଜିନ୍‌କୁ ଆବଶ୍ୟକ ପରିମାଣର ଇନ୍ଧନ ଯାଇପାରିଲା ନାହିଁ। ଯେତେବେଳେ ପୁଣି ସ୍ୱିଚ୍‌କୁ 'ରନ୍' କରାଗଲା ସେତେବେଳକୁ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା ଏବଂ ବିମାନ ଦୁର୍ଘଟଣା ଘଟିଲା। ଏପରିକି ୨୦୨୩ ପରଠାରୁ ସ୍ୱିଚ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ କିମ୍ବା ଅଭିଯୋଗ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ଅର୍ଥ କୌଣସି ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ବିମାନ ଦୁର୍ଘଟଣା ପଛରେ କେବଳ ପାଇଲଟ୍‌ମାନଙ୍କର ତ୍ରୁଟି ହିଁ ଦାୟୀ ବୋଲି ରିପୋର୍ଟ ସ୍ପଷ୍ଟ କରିଛି।

ବିଶେଷଜ୍ଞଙ୍କ ମତାନୁଯାୟୀ, ୪୦୦ ଫୁଟ୍ ଉଚ୍ଚତାକୁ ବିମାନ ଉଠିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା। ଯଦିବା ସ୍ୱିଚ୍ ସ୍ଥିତିରେ ବ୍ୟତିକ୍ରମ ଥିଲା ତାହା କେଉଁ ପାଇଲଟ୍ କାହାକୁ କହିଥିଲେ ତାହାର କୌଣସି ସ୍ପଷ୍ଟ ସୂଚନା ଏଏଆଇବି ରିପୋର୍ଟରେ ନାହିଁ। ଏହାଛଡ଼ା ବିମାନର ଦୁଇଟି ଇଞ୍ଜିନ୍ ପାଇଁ ଦୁଇଟି ପୃଥକ୍ ଇନ୍ଧନ ସ୍ୱିଚ୍ ରହିଥାଏ। ସେଦୁଇଟି ଏଭଳି ଢାଙ୍କୁଣି ଦ୍ୱାରା ସୁରକ୍ଷିତ ଥାଏ ଯେ ଅନ୍ୟମନସ୍କ ଭାବେ ହାତବାଜିଲେ ମଧ୍ୟ ଏତେସହଜରେ 'ରନ୍' କିମ୍ବା 'କଟ୍‌ଅଫ୍' ସ୍ଥିତିକୁ ଆସିପାରିବ ନାହିଁ। ସ୍ୱିଚ୍‌ର ସ୍ଥିତି ବଦଳାଇବା ପାଇଁ ପାଇଲଟ୍‌ଙ୍କୁ ରୀତିମତ କସରତ କରିବାକୁ ପଡ଼େ। ସ୍ୱିଚ୍ 'ରନ୍' ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ପାଇଁ ଇଞ୍ଜିନ୍ ଷ୍ଟାର୍ଟ(ଚାଲୁ) ହେବ ନାହିଁ। ବିମାନଟି ପୁଣି ଅବତରଣ କରିବା ପରେ ହିଁ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। କୌଣସି ବିଶେଷ ବା ଜରୁରିକାଳୀନ ପରିସ୍ଥିତିରେ ମଧ୍ୟାକାଶରେ ବିମାନ ଉଡ଼ୁଥିବା ବେଳେ ଯଦି ପାଇଲଟ୍ ଅନୁଭବ କରନ୍ତି ଯେ ବିମାନର କୌଣସି ଇଞ୍ଜିନ୍ କାମ କରିବା ବନ୍ଦ କରିଦେଇଛି ସେକ୍ଷେତ୍ରରେ କେବଳ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। ତେଣୁ ବିମାନଟି ପୃଥିବୀପୃଷ୍ଠରୁ ଆକାଶକୁ ଉଠିବା ମାତ୍ରେ ହିଁ ଦୁଇଟି ଯାକ ସ୍ୱିଚ୍ ସ୍ଥିତିରେ ଯେ ବ୍ୟତିକ୍ରମ ଘଟିଥିବ ବା କଟ୍‌ଅଫ୍ ସ୍ଥିତିକୁ ଅଣାଯାଇଥିବ, ତାହା କୌଣସି ସୁସ୍ଥ ମସ୍ତିଷ୍କଧାରୀ ପାଇଲଟ୍‌ଙ୍କ ପକ୍ଷେ ସମ୍ଭବ ନୁହେଁ। ଦୁର୍ଘଟଣା ପରେ ପରେ ଏୟାର ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜୁନ୍ ୧୨ ତାରିଖ ଦିନ ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ମୁଖ୍ୟ ପାଇଲଟ୍ ସୁମୀତ୍ ସବରୱାଲ୍ ଓ ସାଥୀ ପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କ ଅଭିଜ୍ଞତା ଓ ଦକ୍ଷତା ପ୍ରଶ୍ନାତୀତ। ଉଡ଼ାଣ ପୂର୍ବରୁ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନେଇ ପରବର୍ତ୍ତୀ ଉଡ଼ାଣ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣପତ୍ର ଦିଆଯାଇଥିଲା। ତେଣୁ ଏଭଳି ଆତ୍ମଘାତୀ କାର୍ଯ୍ୟକଳାପ ଜିହାଦିଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ। ତେବେ ଏଏଆଇବି କ'ଣ ପ୍ରମାଣ କରିବାକୁ ଚାହୁଁଛି?

ରିପୋର୍ଟର ପରିପକ୍ୱତା ଉପରେ ପ୍ରଶ୍ନ ଉଠାଇଥିବା ବିଶେଷଜ୍ଞମାନେ ଆହୁରି ମଧ୍ୟ କହିଛନ୍ତି ଯେ 'ୟୁଏସ୍ ଫେଡେରାଲ୍ ଆଡମିନିଷ୍ଟ୍ରେସନ୍' ଦ୍ୱାରା ୨୦୧୮ରେ 'ସ୍ପେଶାଲ୍ ଏୟାରଓର୍ଥିନେସ୍ ଇନ୍‌ଫର୍ମେସନ୍ ବୁଲେଟିନ୍'ରେ ଜାରି ମାର୍ଗଦର୍ଶିକା ଅନୁଯାୟୀ ଇନ୍ଧନ ସ୍ୱିଚ୍ ସୁରକ୍ଷା ଯାଞ୍ଚ ନିୟମିତ ବ୍ୟବଧାନରେ ହେବା ଆବଶ୍ୟକ। କିନ୍ତୁ ଡ୍ରିମ୍‌ଲାଇନର ୭୮୭-୮ ପ୍ରସ୍ତୁତକାରୀ ସଂସ୍ଥା ସେଭଳି କରିଥିବା ଉଚିତ୍ ମନେ କରି ନଥିଲା। ଏଏଆଇବି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଇନ୍ଧନ ଅଭାବ କାରଣରୁ ଇଞ୍ଜିନ ବନ୍ଦ ହୋଇଯିବା ପରେ ଲ୍ୟାଣ୍ଡିଂଗିୟର ପଛ ପାଖରେ ଥିବା ପବନଚାଳିତ ବିକଳ୍ପ ଶକ୍ତି ଉତ୍ସ ରାମ୍‌ଏୟାର ଟର୍ବାନ୍(ରାଟ୍) ତତ୍କାଳ ଚାଲୁ କରାଯାଇଥିଲା ଏବଂ ସ୍ୱିଚ୍‌କୁ 'ରନ୍' କରିବା ପରେ 'ଅକ୍ଜିଲାରୀ ପାୱାର ୟୁନିଟ୍ ବା ଏପିୟୁ ସ୍ୱୟଂକ୍ରିୟ ଭାବେ ଚାଲୁ ହୋଇଯାଇଥିଲା। ବିଶେଷଜ୍ଞଙ୍କ ମତାନୁଯାୟୀ ଦୁଇଟିଯାକ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ପରେ ହିଁ ଏହି ଦୁଇ ବିକଳ୍ପ ବ୍ୟବସ୍ଥା ଆପେ ଆପେ କାର୍ଯ୍ୟକ୍ଷମ ହେବ। ତେଣୁ ଆପାତତଃ ଇଞ୍ଜିନ୍ ଅକାମୀ ହୋଇଥିବା ଏଥିରୁ ପ୍ରମାଣିତ ହେଉଛି। ତଥାପି ଇଞ୍ଜିନ ତ୍ରୁଟି ଜନିତ କାରଣ ରିପୋର୍ଟରେ ଦର୍ଶାଯାଇନାହିଁ କି ସେ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ସୁପାରିସ ମଧ୍ୟ କରାଯାଇନାହିଁ।

ବ୍ଲାକ୍‌ବକ୍ସ ତଦନ୍ତ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ଆସିବାକୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱର୍ ସମୟ ଲାଗିପାରେ। ତେଣୁ ଯା' ଭିତରେ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରଲୋଭିତ କରି ଏଭଳି ଏକ ଉଦ୍ଦେଶ୍ୟମୂଳକ ରିପୋର୍ଟ ପ୍ରସ୍ତୁତ କରାଇନେବା ଆଶ୍ଚର୍ଯ୍ୟଜନକ ନୁହେଁ। ସ୍ୱିଚ୍ କଟ୍‌ଅଫ୍ ବିଷୟରେ କେଉଁ ପାଲଇଟ୍ କାହାକୁ କେଉଁ ପରିସ୍ଥିତିରେ କ'ଣ କହିଥିଲେ ତାହା କେବଳ ସେମାନେ ହିଁ ସ୍ପଷ୍ଟ କରିପାରିଥା'ନ୍ତେ। କିନ୍ତୁ ସେମାନେ ଜୀବିତ ନଥିବାରୁ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ। ଘଟଣାର ସାକ୍ଷୀ ବା ପ୍ରମାଣ ଦେବାକୁ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି। ଏହି ପୃଷ୍ଠଭୂମିରେ 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଦୁଇ ପାଇଲଟ୍‌ଙ୍କ ଅବର୍ତ୍ତମାନରେ ସେମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇ ଡ୍ରିମ୍‌ଲାଇନର ସଂସ୍ଥା ନିଜର ଭାବମୂର୍ତ୍ତି ସଜାଡ଼ିବାର ଭରପୂର ପ୍ରୟାସ କରିଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ନିୟମ ଅନୁଯାୟୀ କୌଣସି ଦୁର୍ଘଟଣା ଘଟିବାର ମାସକ ମଧ୍ୟରେ ଏଏଆଇବି ପ୍ରାଥମିକ ରିପୋର୍ଟ ଦେବାକୁ ପଡ଼ିବ। ତେଣୁ ତରବରିଆ ଭାବେ ପ୍ରସ୍ତୁତ ରିପୋର୍ଟର ତଦନ୍ତ ଆଧାର ଓ ନିଷ୍କର୍ଷ ଅପରିପକ୍ୱ ହୋଇପାରେ। ଏଭଳି ଏକ ସନ୍ଦେହବିଜଡ଼ିତ ପରିସ୍ଥିତିରେ ରିପୋର୍ଟକୁ ନେଇ କୌଣସି ଉପସଂହାରରେ ନ ପହଞ୍ଚିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିମାନ ଦୁର୍ଘଟଣା ଘଟିବା ପରେ ଏ ପର୍ଯ୍ୟନ୍ତ ଅନେକ ମତ ଓ ମନ୍ତବ୍ୟ ପ୍ରକାଶ ପାଇଛି। କିନ୍ତୁ ତାହା କେବଳ ଅନୁଭୂତି ଆଧାରିତ ଓ ଆନୁମାନିକ। ବ୍ଲାକ୍‌ବକ୍ସ ପରୀକ୍ଷା ଆଧାରରେ ପୂର୍ଣ୍ଣାଙ୍ଗ ରିପୋର୍ଟ ନ ଆସିବା ଯାଏଁ କୌଣସିଟିକୁ ସମ୍ପୂର୍ଣ୍ଣ ବିଶ୍ୱାସକୁ ନେବା ଠିକ୍ ହେବ ନାହିଁ। ସେହିଭଳି ରିପୋର୍ଟ ଯଦି ଉଦ୍ଦେଶ୍ୟମୂଳକ ହୁଏ ତେବେ ଏଏଆଇବି ଭଳି ଆନ୍ତର୍ଜାତିକ ସଂସ୍ଥା ବିଶ୍ୱସନୀୟତା ହରାଇବା ସାର ହେବ। ●

## ନିଦଭରା ଶିକ୍ଷା କାହା ହିତରେ?

ଡ. ଅନ୍ତର୍ଜିତା ନାୟକ

ପୂର୍ବରୁ କୁହାଯାଉଥିଲା ଶୀଘ୍ର ଶୁଅ, ଶୀଘ୍ର ଉଠ, ସ୍ୱାସ୍ଥ୍ୟବାନ, ଧନବାନ ଓ ଜ୍ଞାନୀ ହୁଅ। କିନ୍ତୁ ଅତ୍ୟାଧୁନିକ ଯୁଗରେ ତାହା ବଦଳି ଯାଇ ହୋଇଗଲାଣି- ଡେରିରେ ଶୁଅ, ଶୀଘ୍ର ଉଠ, କେବଳ ଧନୀ ହୁଅ। ଆଜିକାଲି କାଳେ ଧନ ଥିଲେ ସ୍ୱାସ୍ଥ୍ୟ ଓ ଜ୍ଞାନ କିଣି ହେଉଛି। ସେଥିଲାଗି ଧନ ଉପାର୍ଜନର ବାଟକୁ ବଢ଼ାଇବା ହେଲା ଆମର ପ୍ରମୁଖ ଲକ୍ଷ୍ୟ। କିନ୍ତୁ ଆମେ ଭୁଲି ଯାଉଛନ୍ତି ଯେ ବିଳମ୍ବିତ ରାତିରେ ଶୋଇବା ଓ ରାତି ନ ପାହୁଣୁ ଉଠିବା ଆମକୁ କେବଳ ରୋଗ କିଣିବାରେ ହିଁ ସହାୟତା କରିପାରିବ। ଆଜି ଆମ ଚାରିପାଖରେ ମାନସିକ, ଶାରୀରିକ ଓ ସାମାଜିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଉ ଆମେ ଆମ ଘରେ ଏଇ ରୋଗୀ ତିଆରି କାରଖାନା ଖୋଲିଛନ୍ତି।

ଆଗରୁ ସିନା ଟି.ଭି., ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ହ୍ୱାଟ୍‌ସଆପ୍, ଫେସବୁକ୍, ହୋମୱାର୍କ, ପ୍ରୋଜେକ୍ଟ, ଏସାଇନମେଣ୍ଟ, ଟ୍ୟୁସନ୍ ନଥିଲା ଯେ ସମସ୍ତେ ଶୀଘ୍ର ଖାଇପିଇ ରାତି ୯ଟା ସୁଦ୍ଧା ଶୋଇପଡୁଥିଲେ। ହେଲେ ଏବେ ରାତି ୧୨ଟା-୧ଟେ ଆଗରୁ ଘରର ଲାଇଟ୍ ବନ୍ଦ ହେଉ ନାହିଁ। ରାସ୍ତାରେ ଟ୍ରାଫିକ୍ ଏତେ ବଢ଼ିଯାଇଛି ଯେ କାର୍ଯ୍ୟାଳୟରୁ ଘରକୁ ଫେରିଲା ବେଳକୁ ଅଧେ ରାତି ସରିଯାଉଛି। ଖାଇ-ପିଇ ଶୋଇଲାବେଳକୁ ଉଠିବା ସମୟ ହୋଇଯାଉଛି। ଠିକ୍ ନିଦ ଆସୁଥିବ, ଆଖି ଜୋରରେ ଲାଗି ଯାଉଥିବ, ସେତେବେଳକୁ ପିଲାଙ୍କର ସ୍କୁଲ୍ ଯିବା ସମୟ ହୋଇଯାଉଥିବ। ସକାଳ ୭.୨୦ରେ ସ୍କୁଲ୍ ଆରମ୍ଭ। ୭ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବାକୁ ହେବ। ସକାଳ ୫.୪୫ରେ ସ୍କୁଲ୍ ବସ୍ ଆସିଯିବ। ଭୋର ୪.୩୦ ରୁ ୪.୪୫ ଭିତରେ ଉଠିବାକୁ ହେବ। ଶୋଇଲାବେଳକୁ ରାତି ୧୨ଟା ଏବଂ ଉଠିଲାବେଳକୁ ସକାଳ ୪.୪୫। ସମୁଦାୟ ୫ଘଣ୍ଟାର ନିଦ୍ରା। କିନ୍ତୁ ଆମ ପିଲା ଶୋଇବା କଥା ୮ ରୁ ୧୦ଘଣ୍ଟା। ଏହା ସ୍ପଷ୍ଟ କରିଦେଉଛି ଯେ, ଆମେ ଆମ ଘରେ ଗୋଟେ ଗୋଟେ ରୋଗୀ ତିଆରି କରୁଛନ୍ତି, ଯାହାଙ୍କର ନିଦ ଆମେ ଏବେ ଖରାପ କରୁଛନ୍ତି। ପରେ ସେମାନେ ଆମ ନିଦ ହଜାଇବେ।

ଛୁଆଟି ଯେତେବେଳେ ଠିକ୍ ଭାବରେ ଶୋଇପାରେ ନାହିଁ ବା ଅଳ୍ପ ସମୟ ଲାଗି ଶୋଇଲାପରେ ତାକୁ ଜୋର୍ ଜବରଦସ୍ତ ଉଠିବାକୁ ବାଧ୍ୟ କରିଦିଆଯାଏ, ସିଏ ସେତେବେଳେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଏ, ଯାହା ତା'ର ଧ୍ୟାନ, ଏକାଗ୍ରତା ଓ ସ୍ମରଣଶକ୍ତିକୁ ବ୍ୟାଘାତ କରିଥାଏ ଏବଂ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ନିଦ୍ରାଭାବ ହେତୁ ଧ୍ୟାନାଭାବ ଓ ଅତିସକ୍ରିୟତା ବିକାର ଦେଖାଦେଇଥାଏ, ଯାହାଫଳରେ ପିଲାଟି ଶ୍ରେଣୀଗୃହରେ ପଢ଼ା ଯାଉଥିବା ପାଠ ଠିକ୍‌ରେ ଶୁଣିପାରେ ନାହିଁ କି ବୁଝିପାରେ ନାହିଁ। ଶ୍ରେଣୀରେ ତା'ର ପ୍ରଦର୍ଶନ ଅତି ନୈରାଶ୍ୟଜନକ ହୋଇଯାଏ। ବାଲ୍ୟକାଳରୁ ଅନିଦ୍ରା ବା ଉପଯୁକ୍ତ ନିଦ୍ରାଭାବ, ପ୍ରତିରକ୍ଷା ପ୍ରଣାଳୀରେ ସମସ୍ୟା, ଉଦାସୀନତା, ଆଲର୍ଜି ଜନିତ ନାସାପ୍ରଦାହ ଆଦି ସମସ୍ୟା ସହିତ ଭବିଷ୍ୟତରେ ମେଦବହୁଳତା, ମଧୁମେହ, ଉଚ୍ଚରକ୍ତଚାପ ଜରିଆରେ ହୃଦ୍‌ରୋଗ ବିପଦ ଆଣିପାରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି।

ସଅଳ ସ୍କୁଲ୍ ସମୟ ଛୋଟ ପିଲା ଓ ପ୍ରାଥମିକ ଶିକ୍ଷା ଉପରେ ଯେପରି କୁପ୍ରଭାବ ପକାଇ ଥାଏ, ଠିକ୍ ସେହିପରି କିଶୋରାବସ୍ଥାର ପିଲା ଓ ସେମାନଙ୍କର ଶିକ୍ଷାରେ ମଧ୍ୟ କୁପ୍ରଭାବ ପକାଇ ଥାଏ। କିଶୋରାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ଯୋଗୁଁ ପିଲାମାନଙ୍କୁ ବିଳମ୍ବିତ ରାତି ଯାଏଁ ନିଦ ଆସେ ନାହିଁ। ବିଳମ୍ବିତ ସକାଳ ଯାଏଁ ନିଦ ଭାଙ୍ଗେ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ନିଦ ଅଭାବ ସାଙ୍ଗକୁ ଶରୀରରେ ବିଭିନ୍ନ ଜୈବ ରାସାୟନିକ (ହର୍ମୋନ୍) ପରିବର୍ତ୍ତନ, କିଶୋରାବସ୍ଥାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ, ଯାହା ମଧ୍ୟରୁ ମେଦବହୁଳତା ଖୁବ୍ ବେଶୀ। ଶରୀରରେ ହେଉଥିବା ଜୈବ ପରିବର୍ତ୍ତନ ସାଙ୍ଗକୁ ସ୍କୁଲ୍‌ର ସଅଳ ସମୟ, ବୋଝ ଉପରେ ନଳିତା ବିଡ଼ା, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅଳ୍ପ ନିଦ୍ରା ବା ଅଧା ନିଦ୍ରାରୁ ଉଠି ଶୀଘ୍ର ସ୍କୁଲ୍ ଯିବା ସାମାନ୍ୟ ଲାଗିପାରେ, କିନ୍ତୁ ଏହି ବାଧ୍ୟତାମୂଳକ ଅଭ୍ୟାସ କିଶୋରମାନଙ୍କ ମଧ୍ୟରେ ନିଶା ସେବନ, ଉଦାସୀନତା, ଆତ୍ମହତ୍ୟା ପ୍ରବଣତା, ଧୂମପାନ, ଅସୁରକ୍ଷିତ ଯୌନ ସମ୍ପର୍କ, ସଡ଼କ ଦୁର୍ଘଟଣା, ବଳାତ୍କାର ଭଳି ସମସ୍ୟାମାନଙ୍କୁ ଟାଣି ଆଣୁଛି, ଯାହାକୁ ଆମେ ବହୁ ସମୟରେ ଅଣଦେଖା କରନ୍ତି। ସମସ୍ୟାର ତର୍ଜମା କରନ୍ତି ନାହିଁ।

ସକାଳ ୭ଟାରୁ ସ୍କୁଲ୍ ଆରମ୍ଭ କରି ଦ୍ୱିପ୍ରହର୨ଟାରେ ସାରିବା କାହିଁକି ଏତେ ଜରୁରୀ? ସ୍କୁଲ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଚାଲିଲେ ଅସୁବିଧା କ'ଣ? ପିଲା କେତେସୁନ୍ଦର ସକାଳୁ ଉଠି ପାରିବେ, ନିତ୍ୟକର୍ମ ଠିକ୍‌ରେ ସାରିପାରିବେ, ଭଲରେ ଖାଇ-ପିଇ ସ୍କୁଲ୍ ଯାଇ ମନଦେଇ ପାଠ ପଢ଼ିପାରିବେ। ସ୍କୁଲ୍‌ରୁ ଫେରି ଖେଳିବାକୁ ଯାଇପାରିବେ। ସନ୍ଧ୍ୟା ସମୟରେ ପାଠପଢ଼ି ବସିପାରିବେ। ସବୁ କେତେ ବ୍ୟବସ୍ଥିତ ହୋଇପାରିବ! କେବଳ ସରକାରୀ ସ୍କୁଲ୍‌କୁ ଛାଡ଼ିଦେଲେ ଘରୋଇ ସ୍କୁଲ୍ ସବୁ ଶୀଘ୍ର ଆରମ୍ଭ କରି ଶୀଘ୍ର ଶେଷ କରିବାରେ ବ୍ୟସ୍ତ। କିନ୍ତୁ କାହିଁକି? ଏହାର କାରଣ ଯଦି ଖୋଜିବା, ତେବେ ଅସଲ ଦୋଷୀ ହେଲା ଟ୍ୟୁସନ୍। ଆଜିକାଲିକାର ଧାରଣା ଯେ ପିଲା ଯେତେ ଟ୍ୟୁସନ୍ ଯିବେ, ଯେତେ ଅଧିକ ସମୟ ପାଠପଢ଼ିବେ, ସେତେ ଅଧିକ ନମ୍ବର ପରୀକ୍ଷାରେ ରଖିବେ। ସେତେ ଅଧିକ ନାଁ ହେବ। ଗୋଟେ ଗୋଟେ ବିଷୟ ଲାଗି ଦୁଇ ଦୁଇଟା ଟ୍ୟୁସନ୍! ସ୍କୁଲ ଶେଷକରି ସିଧା ଟ୍ୟୁସନ୍ ଯାଉଛନ୍ତି, ଲଗାତାର ଟ୍ୟୁସନ୍ ସାରି ଘରକୁ ଫେରୁଛନ୍ତି। ବେଳେବେଳେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ରାତି ୧୦ଟା ଯାଏଁ ଟ୍ୟୁସନ୍ ଚାଲୁଛି। ପିଲାମାନେ ସ୍କୁଲ୍ ୟୁନିଫର୍ମ ବଦଳାଇବାକୁ ସମୟ ପାଉନାହାନ୍ତି।

ଶୀଘ୍ର ସ୍କୁଲ୍ ଯିବା ଲାଗି ରାତିର ନିଦ ସକାଳୁ ପୂର୍ଣ୍ଣ ହୋଇନଥିବ। ଖରାବେଳେ ଲଗାତାର ଟ୍ୟୁସନ୍ ଲାଗି ପିଲାଟି ଶୋଇପାରିବ ନାହିଁ। ପରୀକ୍ଷାରେ ଅଧିକ ନମ୍ବର ଲାଗି ପିଲାଙ୍କ ନିଦ ବଳି ପଡ଼ିଗଲେ ସେଥିରେ କାହାରି କିଛି ଯାଏ ଆସେ ନାହିଁ। ଆମ ପିଲାଙ୍କ ସାଙ୍ଗରେ ଆମେ ଏ କ'ଣ କରୁଛନ୍ତି? ବହୁତ ଭଲ ସ୍କୁଲ୍‌ରେ ପଢ଼ିବା ଲାଗି ରାତିର ନିଦକୁ ଅଧାରେ ଭାଙ୍ଗିବ, ତା'ବାଦ ପୁଣି ଟ୍ୟୁସନ୍ ଯିବ ବୋଲି ବଳକା ନିଦକୁ ତ୍ୟାଗ କରିବ। ସ୍କୁଲ୍‌ରେ ଯଦି ଏତେ ଭଲ ପାଠପଢ଼ା ହେଉଛି, ତେବେ ଟ୍ୟୁସନ୍ କ'ଣ ଜରୁରୀ? ଆମେ ବୋଧେ ଭୁଲି ଯାଉଛନ୍ତି ଯେ ନିଦ ଭରା ଆଖିରେ ଉଚ୍ଚ ସ୍ୱପ୍ନ ଦେଖିବାକୁ କୌଣସି ଜାଗା ରହେ ନାହିଁ। ସରକାର, ପ୍ରଶାସନ ଓ ଅଭିଭାବକମାନଙ୍କୁ କ'ଣ ଏହା ଜଣା ପଡୁନାହିଁ? ସରକାର କହିଲେ ପିଲାଙ୍କର କଲ୍ୟାଣ ଲାଗି ସେମାନଙ୍କୁ ପାଠର ଚାପ କମ ଦିଆଯିବ, ପରୀକ୍ଷା ଉଠାଇ ଦିଆଯିବ, ଶାରୀରିକ ଦଣ୍ଡ ଦିଆଯିବ ନାହିଁ, ସ୍କୁଲ୍ ବ୍ୟାଗର ଓଜନ କମେଇଦିଆଯିବ, ଏମିତି କେତେ ପ୍ରକାରର କଥା। କିନ୍ତୁ ପିଲାଙ୍କର ବାସ୍ତବ ଯନ୍ତ୍ରଣାକୁ ଦେଖିଲେ ଲାଗେ ସବୁ ନିୟମ ତା' ଜାଗାରେ ଏବଂ ପିଲାଙ୍କ ବେଦନା ପିଲାଙ୍କ ପାଖରେ। ସ୍କୁଲ ଗଲା ବେଳକୁ ପିଲା ଯଦି ଆଖିରେ ଆଖିଏ ନିଦ, କାନ୍ଧରେ ଭାରି ବୋଝ ଓ ପେଟରେ ଭୋକ ନେଇ ଯିବ, ତେବେ ପାଠ ମୁଣ୍ଡରେ ପଶିବାକୁ ଆଉ ବାଟ ରହିବ ତ? ସେଥିରେ ଆମେ ଶିଶୁ ଅଧିକାର ବିଷୟରେ କହିବା। ପ୍ରକୃତ ଶିଶୁ ଅଧିକାର କ'ଣ, ଶିଶୁ କଲ୍ୟାଣ କ'ଣ, ଆମକୁ ବୁଝିବାକୁ ହେବ। ଜୋର୍ ନିଦ ଲାଗୁଥିବ ପିଲାଟି ଶୋଇପାରିବ ନାହିଁ, କଥା ଠିକ୍‌ରେ କହି ଶିଖି ନଥିବ ପାଠପଢ଼ା ଆରମ୍ଭ ହୋଇଯିବଣି, କାନ୍ଧ କାଟୁଥିବ ହେଲେ ବହିବସ୍ତାନି ନନେଇ ସ୍କୁଲ୍ ଯାଇପାରିବନି, ଏସବୁ କ'ଣ ଶିଶୁ ଅଧିକାରର ଉଲ୍ଲଂଘନ ନୁହେଁ କି?

ପାଠପଢ଼ାକୁ ଆମେ ଗୋଟେ ଦଣ୍ଡ ଭଳିଆ କରିସାରିଲୁଣି, ଯାହାକୁ ପିଲା ଡରିକି ବାଧ୍ୟରେ କରୁଛନ୍ତି। ଯଥେଷ୍ଟ ଓ ସମ୍ପୂର୍ଣ୍ଣ ନିଦ ସମସ୍ତଙ୍କର ଅଧିକାର। ପିଲାମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ବିକାଶ, କଲ୍ୟାଣ ଓ ସ୍ଥିରତା ନିମନ୍ତେ ସମ୍ପୂର୍ଣ୍ଣ ନିଦ ଜରୁରୀ। ଆମ ବ୍ୟବସ୍ଥା ଯୋଗୁଁ ଆମେ ଯେମିତି ଆମ ପିଲାଙ୍କର ନିଦ ହଜାଉଛନ୍ତି, ସେମିତି ସେହି ବ୍ୟବସ୍ଥା ଆମ ପିଲାଙ୍କୁ ଆଗକୁ ଯାଇ ଏତେ ଅବ୍ୟବସ୍ଥିତ ନକରିଦେବ ଯେ ସେମାନେ ଆମ ନିଦ ହଜାଇବେ। ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଆମେ ନିଜେ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ନାରୀ ସମାଜ: ଆମ ମାନସିକତା ଓ ବ୍ୟବସ୍ଥା

କୃଷ୍ଣଚନ୍ଦ୍ର ସୁଆଁସିଆ



ସମ୍ପ୍ରତି ମହିଳା ସଶକ୍ତୀକରଣ ଏବଂ ସଶକ୍ତ ମହିଳା ସମାଜ ଗଠନର ନାରା ଦିଆଯାଉଛି। କିନ୍ତୁ ଆମ ସମାଜରେ ନାରୀମାନେ କ'ଣ ପ୍ରକୃତରେ ସଶକ୍ତ? ପ୍ରତିଦିନ ଆମେ ଗଣମାଧ୍ୟମରେ ନାରୀ ନିର୍ଯାତନା ସମ୍ବନ୍ଧିତ ସମ୍ବେଦନଶୀଳ ଘଟଣାମାନ ବଢ଼ି ଚାଲିଥିବାର ପଢୁଛେ, ଦେଖୁଛେ, ଶୁଣୁଛେ। ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବା ସହ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସୁଛି। ଘଟଣା ଘଟିବା ପରେ ପ୍ରତିକ୍ରିୟାମାନ ମଧ୍ୟ ପ୍ରକାଶ ପାଉଛି। କିନ୍ତୁ ପ୍ରତିକ୍ରିୟାଶୀଳତା କେବଳ ସୀମିତ ସମୟ ଓ ସ୍ୱାର୍ଥ ନିହିତରେ ଆବଦ୍ଧ ହୋଇ ରହି ଯାଉଛି। ପୀଡ଼ିତାକୁ ନେଇ ରାଜନୀତିର ପଶାପାଲି ଆରମ୍ଭ ହୋଇଯାଉଛି। 'ନାରୀ ଦୁର୍ବଳା ନୁହେଁ ସବଳା' ନାରା ଦେଇ ରାଜନୈତିକ ଦଳର ବ୍ୟକ୍ତି ରାଜଧାନୀରେ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା କରନ୍ତି। ହୋହାଲ୍ଲା ଏତିକିରେ ସୀମିତ ରୁହେ। ପରେ ପ୍ରସଙ୍ଗ ଥଣ୍ଡା ପଡ଼ିଯାଏ। ବିଶେଷରେ ପୀଡ଼ିତା କିମ୍ବା ତା'ର ପରିବାର ନ୍ୟାୟ ପାଇବା ଦୂରର କଥା, ବଦନାମ ହେବା ଦେଖିବାକୁ ମିଳୁଛି।

ସମାଜ ଯେତିକି ବିକଶିତ ହେଉଛି ନାରୀମାନଙ୍କ କାର୍ଯ୍ୟଶୈଳୀରେ ସେତିକି ବିକାଶ ପରିଲକ୍ଷିତ ହେଉଛି। କିନ୍ତୁ ଶିକ୍ଷିତ ସମାଜରେ ନାରୀମାନଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ନ ହେବା ଚିନ୍ତାର ବିଷୟ ପାଲଟିଛି। ଏପରିକି ଜଣେ ନାରୀ ସମସ୍ୟା ପ୍ରତି ସମାଜ ପ୍ରତିକ୍ରିୟାଶୀଳ ହେବା ଦୂରର କଥା ନାରୀ ସମାଜ ହିଁ ନୀରବଦ୍ରଷ୍ଟା ପାଲଟିବା ନାରୀ ସୁରକ୍ଷା ପ୍ରତି କୁଠାରଘାତ ହେଉଛି। କେଉଁଠି ରାଜନୈତିକ ଚାପ ପଡୁଛି ତ କେଉଁଠି ଅନ୍ୟ କିଛି କାରଣ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖସି ଯାଉଛି। ଆଶ୍ଚର୍ଯ୍ୟର କଥା ସମାଜସେବା ଓ ରାଜନୀତିରେ ନୂଆ ନୂଆ ମହିଳାଙ୍କ ଚେହେରା ସାମ୍ନାକୁ ଆସୁଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଆଗକୁ ଆସୁନାହାନ୍ତି। ଦଳ କିମ୍ବା ସଂଗଠନକୁ ସୁହାଇଲା ଭଳି ସ୍ୱର ଉତ୍ତୋଳନ କରିବା କେଉଁଠି ନା କେଉଁଠି ନାରୀ ପାଇଁ ନାରୀମାନଙ୍କ ଆନ୍ତରିକତାରେ ପ୍ରଶ୍ନବାଚୀ ଲାଗିଯାଉଛି।

ନାରୀମାନେ ସଂଗଠିତ ହୋଇ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସକ୍ରିୟ ହେଲେ ହିଁ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧ ହ୍ରାସ ପାଇପାରିବ। ନାରୀକୁ ଉଚିତ ସମ୍ମାନ ମିଳିବ। ନାରୀ ଶକ୍ତି ଯେତେବେଳେ ସଂଗଠିତ ହୋଇ ଏକସ୍ୱର ଉଠାଇବେ ସେତେବେଳେ ଯାଇ ରକ୍ଷକ ଭକ୍ଷକ ସାଜିବାକୁ ସାହସ କରିବ ନାହିଁ। ପୁରାଣ, ଇତିହାସକୁ ପଢ଼ିବା କିମ୍ବା ଶୁଣିବାରେ ସୀମିତ ନରହି ନାରୀ ସମାଜ ସଂଘଟିତ ହେବା ଜରୁରୀ। ନଚେତ ଏମିତି ଗୋଟେ ପରେ ଗୋଟେ ଅଭାବନୀୟ ଘଟଣାମାନ ସାମ୍ନାକୁ ଆସୁଥିବ। ଆଉ ଏସବୁକୁ ଢାଲ କରି ରାଜନୀତି ତା'ର ଫାଇଦା ଉଠାଇ ଚାଲିଥିବ।

ଏସବୁକୁ ପ୍ରତିହତ କରି ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଜୀବନଜୀବିକା ଅତିବାହିତ କରିବା ଲାଗି ଉତ୍କୃଷ୍ଟ ସମାଜ ଗଢ଼ିବାରେ ଉଭୟ ଶାସକ ଓ ବିରୋଧୀଦଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ କିଛିଦିନ କ୍ୟାଣ୍ଡେଲ ଶୋଭାଯାତ୍ରା, ଟିଭିରେ ଦୋଷାରୋପର ପ୍ରହସନ ସହ 'ପୀଡ଼ିତାଙ୍କୁ ନ୍ୟାୟ' ଦେବାର ଅଭିନୟରେ ନାରୀ ସୁରକ୍ଷା ସୀମିତ ରହିଯାଉଛି। କଥାରେ ଅଛି ପିଲା ନକାନ୍ଦିବା ଯାଏଁ ଯେମିତି ମାଆ ପିଲାର ଭୋକ ଜାଣିପାରି ନଥାଏ ସେଭଳି ସମସ୍ୟାକୁ ଗୁରୁତର ସହ ନାରୀ ସମାଜ ଯେପର୍ଯ୍ୟନ୍ତ ଶାଣିତ ଓ ପ୍ରତିକ୍ରିୟାଶୀଳ ଭାବେ ଉପସ୍ଥାପନ ନ କରିଛି, ନାରୀମାନେ ସଂଗଠିତ ନ ହୋଇଛନ୍ତି ସେତେବେଳେ ଯାଏଁ ଏଭଳି ଘଟଣା ଘଟିଚାଲିଥିବ।

ଏଭଳି ଘଟଣାଗୁଡ଼ିକ ଦେଖି ମନେ ପଡ଼େ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ରଚନା - 'ଜନ୍ମ ଆମର ମଣିଷ କୋଳରେ ନାହିଁ ଇଜ୍ଜତ ମାନ, ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।'

ସମାଜରେ ଉଭୟ ପୁରୁଷ ଓ ନାରୀ ସମାନ। କିନ୍ତୁ ସଭ୍ୟ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅନୀତି, ଅପରାଧକୁ ଦେଖି ସମାଜ ନିରବଦ୍ରଷ୍ଟା ପାଲଟିବା ଅନୁଚିତ। ବ୍ୟକ୍ତିଟି ଯେଉଁ ବିଚାର ସହ ସଂଶ୍ଳିଷ୍ଟ ଥାଉ ପଛେ ନାରୀ ସୁରକ୍ଷା ପାଇଁ ସମସ୍ତଙ୍କ ସ୍ୱର ଏକ ହେବାର ଆବଶ୍ୟକ ରହିଛି। ପୀଡ଼ିତା ଶବ ଉପରେ ସ୍ୱାର୍ଥସାଧନ ପ୍ରତି ଗୁରୁତ୍ୱ ନଦେଇ ବରଂ ପୀଡ଼ିତା ପରିବାରବର୍ଗ କିଭଳି ନ୍ୟାୟ ପାଇପାରିବେ ଏବଂ ଦୋଷୀ କଠୋର ଦଣ୍ଡ ପାଇବା ଦରକାର ସେ ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବାର ମାନସିକତା ରଖିବା ଆବଶ୍ୟକ। ଫଳରେ ଏଭଳି ଜଘନ୍ୟ ଅପରାଧ କରିବା ପୂର୍ବରୁ ଦୋଷୀ ବାରବାର ଅନୁଭବ କରିବାକୁ ବାଧ୍ୟ ହେବ। ଏପରିକି ନିଜ ପରିବାରରେ ଥିବା ମାଆ, ଝିଅ, ବୋହୂଙ୍କ ସହ ଅନ୍ୟ ନାରୀମାନଙ୍କୁ ମଧ୍ୟ ସମାନ ନଜର ଦେବାକୁ ବାଧ୍ୟ ହେବ। ସେଭଳି ବ୍ୟବସ୍ଥାରେ କଠୋର ଦଣ୍ଡ ବିଧାନ ଦ୍ୱାରା ଅପରାଧୀ ଓ ଅପରାଧ ପ୍ରତି ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ପଡ଼ିବ। ଏହାଦ୍ୱାରା ସଭ୍ୟ ସମାଜରେ ନାରୀ ପୁରୁଷ ସାଥିରେ ନିର୍ଭୟରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ। ●

ଶେରଗଡ଼(ଗଞ୍ଜାମ), ମୋ: ୬୩୭୦୯୧୨୪୦୨

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ଇନ୍ଦ୍ରମହି

### ପ୍ରକୃତି-ପରିବେଶ

ଇନ୍ଦ୍ରମହି ବା 'ମହି' ହେଉଛି ଏକ ଉଷ୍ଣମଣ୍ଡଳୀୟ ଶୁଷ୍କ ପର୍ଣ୍ଣମୋଚୀ ବୃକ୍ଷ, ଯାହା ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଦେଖାଯାଏ। ଭାରତରେ ଏହା ପ୍ରାୟ ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜରେ ବଢ଼ିଥାଏ। ପ୍ରାକୃତିକ ଉତ୍ପତ୍ତି ଆବାସ ସ୍ଥାନ ଅନୁସାରେ ମହି ଗଛ ୧୦ ରୁ ୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଗଣ୍ଡି କଠିନ, ଘନ, ଧୂସର-ବାଦାମୀ ରଙ୍ଗର। ବକଳ ବା ଛାଲି ପୃଷ୍ଠ ଧୂସରରୁ ଗାଢ଼ ବାଦାମୀ, ରୁକ୍ଷ, ଖଣ୍ଡ ଖଣ୍ଡ ହୋଇ ଉଠିଆସେ, ତନ୍ତୁମୟ; ଅଠାଳିଆ ରସ ନିର୍ଗତ ହୁଏ, ଲାଲ କଅଁଳିଆ ଶାଖା ଏବଂ ପ୍ରଶାଖାଗୁଡ଼ିକ ସୂକ୍ଷ୍ମ କେଶ ଦ୍ୱାରା ଆଚ୍ଛାଦିତ। ପତ୍ରଗୁଡ଼ିକ ସାଧାରଣତଃ ୫ ରୁ ୧୧ ଅଂଶବିଶିଷ୍ଟ, ଅଗ୍ର ଭାଗରେ ଗୋଟିଏ ପତ୍ରଅଂଶ ସହିତ ଶେଷ ହୁଏ, କଅଁଳିଆ ସମୟରେ ଘନ ମଖମଲ-ଲୋମଯୁକ୍ତ ଥାଏ। ଫୁଲଗୁଡ଼ିକ ଛୋଟ ଓ ସବୁଜ-ହଳଦିଆ। ପ୍ରତି ଫୁଲରେ ସେପାଲ୍ ବା ବହିରାବରଣ ବୃନ୍ତାଧାର ୪ଟି ଓ ପାଖୁଡ଼ା ୪ଟି ଥାଏ। ଫୁକେଶରଗୁଡ଼ିକ ବହୁତ ଛୋଟ ଏବଂ ଡିମ୍ବାଶୟ ଉପରିସ୍ଥ। ବେରି ଭଳି ଦେଖାଯାଉଥିବା ଫଳଗୁଡ଼ିକ ପାଚିଲେ ଲାଲ କିମ୍ବା ବାଇଗଣୀ ରଙ୍ଗଧାରଣ କରେ। ପେଣ୍ଟାରେ ଆକାରରେ ପତ୍ରହୀନ ଶାଖାର ଅଗ୍ର ବା ଶେଷରେ ଫଳଗୁଡ଼ିକ ଥାଏ। ଫଳ ୧ ରୁ ୨ ସେମି ଲମ୍ବା, ଲାଲ, ସଙ୍କୁଚିତ, ଚେପଟା, ବୃକକ୍ ଆକାରର ଓ ଏକକ ବିହନଯୁକ୍ତ।

ଇନ୍ଦ୍ରମହୀ ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟର ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ। ଏହାକୁ ସମଗ୍ର ଭାରତରେ ଆଦିବାସୀ ଜନଜାତିମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁଳ ବ୍ୟବହାର କରୁଥିବା ଜଣାଯାଏ। ଏହା ପ୍ରଦାହ-ବିରୋଧୀ, ଆଣ୍ଟିମାଇକ୍ରୋବାୟଲ୍, ଆଫ୍ରୋଡିସିଆକ୍ ବା କାମଉଦ୍ଦୀପକ। ଏହା ଏକ ଜଣାଶୁଣା ପାରମ୍ପରିକ ଔଷଧୀୟ ଗଛ, ଯାହା କ୍ଷତ, ଝାଡ଼ା, ହୃଦରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ନିଶାଦ୍ରବ୍ୟ ଦ୍ୱାରା ହେଉଥିବା କୋମାରେ ପ୍ରତିଷେଧକ, ଶୁକ୍ରାଣୁ କ୍ଷୟଜନିତ ଦୁର୍ବଳତା, ଦାନ୍ତ ଯନ୍ତ୍ରଣା, କାଶ ଓ ଗଳା ଯନ୍ତ୍ରଣା, ହାଡ଼ଭଙ୍ଗା ଅପସ୍ମାର, କ୍ଷତକୁ ସୁସ୍ଥ କରିବା, ଅଲସର, କାନ୍ଧ ଓ ବେକ ଯନ୍ତ୍ରଣା, କୁଷ୍ଠ ଇତ୍ୟାଦି ଚିକିତ୍ସାରେ ବହୁଳ ବ୍ୟବହୃତ ହୁଏ। ପରଜା ଏବଂ ଗଡ଼ବା ଜନଜାତି ଚର୍ମ ରୋଗର ଚିକିତ୍ସା ପାଇଁ ଛାଲି ଏବଂ ପେଟ ଯନ୍ତ୍ରଣା ପାଇଁ କୋମଳ ପତ୍ର ବ୍ୟବହାର କରନ୍ତି। ଏହି ଉଦ୍ଭିଦରେ କାର୍ବୋହାଇଡ୍ରେଟ୍, ପଲିସାକାରାଇଡ୍, ଅଠା, ପ୍ରୋଟିନ୍, ଆମିନୋ ଏସିଡ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟର୍ପେନଏଡ୍, ପଲିଫେନୋଲ୍, ଟାନିନ୍ ଭଳି ବିଭିନ୍ନ ଯୌଗିକ ଜୈବ ରସାୟନିକ ଉପାଦାନ ରହିଥିବା ଜଣାଯାଏ।

ଆଧ୍ୟାତ୍ମିକ ଭାବରେ ଏହାକୁ ଦୁଷ୍ଟ ଆତ୍ମାଙ୍କଠାରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ। କଅଁଳ ପତ୍ର ଏବଂ ଗଜାକୁ ପନିପରିବା ଭାବରେ ଖିଆଯାଏ। ଗଣ୍ଡିରୁ ମିଳୁଥିବା ଅଠା ପ୍ରାୟତଃ ମିଠା ତିଆରିରେ ଏବଂ ଛାଲି ଗୁଣ୍ଡକୁ ଏକ ସୁସ୍ୱାଦ ଉପାଦାନ ଭାବରେ ବ୍ୟବହାର କରାଯାଏ। ଗଛ ଲାଖ କୀଟ ପାଇଁ ଏକ ଆବାହକ ଭାବରେ ବ୍ୟବହୃତ ହୁଏ, ଯାହା ଲାଖ ଉତ୍ପାଦନ କରେ। ଏହାର ଉତ୍କୃଷ୍ଟ ଉଇ ପ୍ରତିରୋଧୀ ଗୁଣ ପାଇଁ ଏହା ପ୍ଲାଏ-କାଠ, ଘର ନିର୍ମାଣ, ଫର୍ଣ୍ଣିଚର, ଚାଉଳ ପାଉଡର, କାରୁକାର୍ଯ୍ୟ ଏବଂ ଟର୍ନରୀ ଇତ୍ୟାଦିରେ ବ୍ୟବହୃତ ହୁଏ। ଡ୍ରମ୍ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରି କରିବାରେ ଏହି ଗଛର କାଠ ବ୍ୟବହୃତ ହୁଏ। କାଣ୍ଡରୁ ଝିଂଗମ ଗମ୍ ନାମକ ଏକ ରେଜିନ୍ ମିଳିଥାଏ ଏବଂ ଏହାକୁ କାଲିକୋ ମୁଦ୍ରଣ ପାଇଁ ବ୍ୟବହୃତ ହୁଏ। ଆଖୁ ରସକୁ ସ୍ୱଚ୍ଛ କରିବା ପାଇଁ ଏକ ଫ୍ଲୋକୁଲେଟିଂ ଏଜେଣ୍ଟ ଭାବରେ ମଧ୍ୟ ବ୍ୟବହୃତ ହୁଏ। ଏହାର ଛାଲିରେ ଟାନିନ୍ ଥାଏ ତେଣୁ ଏହାକୁ ଟ୍ୟାନିଂ, ରଙ୍ଗ ଭାବରେ ଏବଂ ମାଛ ଧରିବା ଜାଲ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ।

ଏହା ଏକ ଲାଭଦାୟକ ଉଦ୍ଭିଦ ଏବଂ ତେଣୁ ଏହାର ଚାଷକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହାକୁ ପ୍ରାୟତଃ କୃଷି ବନୀକରଣ ପ୍ରଣାଳୀରେ ଲଗାଯାଏ, କାରଣ ଏହା ଛାଇ ପ୍ରଦାନ କରେ ଏବଂ ମାଟିର ଉର୍ବରତାକୁ ଉନ୍ନତ କରେ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ହିନ୍ଦୋଳ ମଦ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦାବିକଲା ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛି। ପୀଡିତା ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ଦଳ ଦାବି କରିଛି। ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି। ବିଷାକ୍ତ ମଦ ପିଇ ବମ୍ପା ଗ୍ରାମର ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡା ନିନ୍ଦା କରିଛି। ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି। ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୁଲମଖୋଲା ଚୋରା ମଦ କାରବାର ବିପୁଳ ପରିମାଣରେ ଚାଲୁଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

■ ବିମାନବନ୍ଦରରୁ କାରକେଡ୍ ରିହର୍ସାଲ କଲା ପୁଲିସ
■ ଟ୍ୱିନ୍ ସିଟିରେ ୧୧୦ ପ୍ଲାଟୁନ ଫୋର୍ସ ମୁତୟନ
■ ଏମ୍ସ ମେଡିକାଲ, ରେଭେନ୍ସାରେ ରହିଛି କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୭(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ସୋମବାର) ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନ ଏବଂ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଥିସହ ରାଷ୍ଟ୍ରପତି ଯିବାକୁ ଥିବା ରାସ୍ତାର ଉଭୟ ପଟରେ ପୁଲିସ ମୁତୟନ କରାଯାଇଛି। ସୁରକ୍ଷାରେ ତ୍ରୁଟି ଯେପରି ନଘଟେ, ସେଥିଲାଗି ଆଜି ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି।

ବିମାନବନ୍ଦରରୁ ପ୍ରଥମେ ରାଜ୍ୟପାଳ ଭବନ ଓ ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାରକେଡ୍ ଯାଇଥିଲା। ପରେ କଟକରେ ମଧ୍ୟ ରିହର୍ସାଲ କରାଯାଇଥିବା ଜଣାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଦ୍ୱୈତନଗରୀରେ ୧୧୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଏଥିରେ ୮ଜଣ ଡିସିପି ର୍ୟାଙ୍କ୍ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ରାଙ୍କ, ୪୪ ଇନ୍ସପେକ୍ଟର୍, ୧୮୦ଜଣ ସବ ଇନ୍ସପେକ୍ଟର୍ ରହିଛନ୍ତି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ୍ ନିୟୋଜିତ ରହିବେ। ଅପରପକ୍ଷେ, ଭୁବନେଶ୍ୱର ଏମ୍ସରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା।



ଶ୍ରୀମତୀ ମୁର୍ମୁ ଦୁଇଦିନିଆ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ଆଉ ନିର୍ବାଚନ ଲଢ଼ିବେନି ଜୁଏଲ

ରାଜ୍ୟପାଳ ହେବେ ନହେଲେ ରାଜ୍ୟସଭା ଯିବେ

ସମ୍ବଲପୁର, ୧୩।୭ (ସମିସ): ଆଉ ସିଧାସଳଖ ନିର୍ବାଚନ ଲଢ଼ିବେ ନାହିଁ। ଦଳ ସହ ରହି ଯୁବପିଢ଼ିଙ୍କୁ ସୁଯୋଗ ଦେବେ। ଦଳ ଯଦି ଚାହିଁବ, ତାହାଲେ ରାଜ୍ୟପାଳ ହେବେ, ନଚେତ ରାଜ୍ୟସଭାକୁ ଯିବେ ବୋଲି କହିଛନ୍ତି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ଶନିବାର ସମ୍ବଲପୁରରେ ଅନୁଷ୍ଠିତ ରୋଜଗାର ମେଳାରେ ସେ ଏପରି କହିଛନ୍ତି। ଗଣମାଧ୍ୟମ ଆଗରେ ସେ କହିଛନ୍ତି, ‘ମୋ ଜୀବନରେ ପଶ୍ଚାତ୍ତାପ ବୋଲି କିଛି ଆସିବ ନାହିଁ, ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ, ଦିଆଯାଇଥିବା ଦାୟିତ୍ୱ ଠିକ୍‌ରେ ନିର୍ବାହ କରିଛି’। ସୂଚନାଯୋଗ୍ୟ, କେନ୍ଦ୍ରରେ ଓଡ଼ିଶାରୁ ଜୁଏଲଙ୍କୁ ୫ବର୍ଷ ପରେ ପୁଣି ସୁଯୋଗ ମିଳିଥିଲା। ସେ ତାଙ୍କର ପୁରୁଣା ମନ୍ତ୍ରଣାଳୟ ଆଦିବାସୀ ବ୍ୟାପାର ପାଇଛନ୍ତି। ଲୋକସଭା ଆସନରୁ କ୍ରମାଗତ ବିଜୟୀ ହୋଇଆସୁଥିବା ଜୁଏଲଙ୍କୁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମନ୍ତ୍ରୀ ପଦ ମିଳିନଥିଲା। ସେହି ସମୟରେ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ଜୁଏଲ ୧୯୯୮ରେ ପ୍ରଥମ କରି ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦ୍ୱାରା ନୂଆ କରି ଗଢ଼ାଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ୨୦୦୪ରେ ସେ ତୃତୀୟ ଥର ଲାଗି ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ହାରିଯାଇଥିଲେ। ୨୦୧୪, ୨୦୧୯ ଏବଂ ୨୦୨୪ରେ ସେ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଜୁଏଲ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସେ ପ୍ରତ୍ୟେକ୍ଷ ନିର୍ବାଚନ ଲଢ଼ି ୮ଥର ସାଂସଦ ତଥା ୨ ଥର ବିଧାୟକ ହୋଇ ସାରିଛନ୍ତି।

# ବଜ୍ରପାତରେ ୫ ଚାଷୀ ମୃତ

କବାଟବନ୍ଧ/ଭଦ୍ରେଶ୍ୱର/ପାରାଦୀପ/କୁଚିଣ୍ଡା/ପାରଳାଖେମୁଣ୍ଡି, ୧୩।୭(ସମିସ): ବଜ୍ରପାତ ଆଜି ରାଜ୍ୟରେ ୫ ଚାଷୀଙ୍କ ଜୀବନ ନେଇଛି। କଟକ, ଯାଜପୁର, ଜଗତସିଂହପୁର, ସମ୍ବଲପୁର ଓ ଗଜପତି ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ବିଲରେ କାମ କରୁଥିବା ବେଳେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ଯାଜପୁର ଜିଲ୍ଲା ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଚାଷୀ ଭାଗୀରଥି ନାୟକ ଓରଫ୍ ଭାଗିନ (୬୫) ଆଜି ଅପରାହ୍ଣରେ ବିଲରେ ଚାଷ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେ ସେହିଠାରେ ହିଁ ଟଳି ପଡ଼ିଥିଲେ। ପାଖାପାଖି ଅଧଘଣ୍ଟା ପରେ ପରିବାରଲୋକ ତାଙ୍କୁ ଜମିରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ସେହିପରି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପୋଡ଼ାମରାଇ ପଞ୍ଚାୟତ ସିନ୍ଧୁପୁର ଗ୍ରାମର ପ୍ରଦୀପ୍ତ ଖଟୁଆ (୫୦) ଆଜି ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ଆକସ୍ମିକ ବଜ୍ରପାତ ହେବାରୁ ଟଳି ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅନ୍ୟ ଏକ ଘଟଣାକ୍ରମେ ଜଗତସିଂହପୁର ଜିଲ୍ଲା ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ବିଜୟ ସାମଲ ମଧ୍ୟ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଶ୍ରୀ ସାମଲ ବିଲରେ ତଳି ରୋଉଥିବା ବେଳେ ବଜ୍ରପାତ ହୋଇଥିଲା।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠ ଗୁମ୍ମା ବ୍ଲକ ଝାମିଗାଁରେ ଜମିରେ କାମ କରୁଥିବା ଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତକ ହେଲେ, ଝାମିଗାଁ କାଲିସେଟୀ ଆପଲନାଇଡୁଙ୍କ ପତ୍ନୀ କାଲିସେଟୀ ବୃନ୍ଦାବତୀ (୩୨)। ସେ ଧାନ ରୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସେହିପରି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଧୀନ ନଗରାବାହାଲ ନିକଟସ୍ଥ ସୁଢ଼େନମାଲ ଗ୍ରାମର କୈଳାସ ସେଉଲ(୩୫) ଓ ଦିନେଶ ଜମୁଡ଼ାଲିଆ ଚାଷ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ କୈଳାସଙ୍କ ମୃତ୍ୟୁ ଘଟିଥିଲା। ଦୁହେଁ ଗ୍ରାମର ଗ୍ରାମର ପିଣ୍ଟୁ ଖୁଣ୍ଟିଆଙ୍କ ଜମିରେ ପହ୍ଲାରୁଆ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା।

ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

## ରାଜ୍ୟବାସୀଙ୍କୁ କ୍ଷମା ମାଗିଲା ଡ୍ରାଇଭର ମହାସଂଘ

ରେଢ଼ାଖୋଲ, ୧୩।୭ (ସମିସ): ରାଜ୍ୟବାସୀଙ୍କୁ କ୍ଷମା ମାଗି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ କଲା ଡ୍ରାଇଭର୍ ମହାସଂଘ। ଆଜି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରମେଶ ସିଂ ନିର୍ମାଣାଧୀନ ଲଜ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ଘୋଷଣା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପ୍ରଥମ ଦିନରେ ସରକାର ମହାସଂଘ କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ। ଆଲୋଚନା ସନ୍ତୋଷଜନକ ଥିଲେ ବି ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲା। କିନ୍ତୁ ଏଥିରେ ସେମାନେ ଅରାଜି ହୋଇଥିଲେ। ପରେ ଗତ ୯ତାରିଖରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଦୁଇ ବିଧାୟକ ଆମ୍ଭମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ଅନୁରୋଧ କରିଥିଲେ। ଡ୍ରାଇଭର କଲ୍ୟାଣ ବୋର୍ଡର ସଦସ୍ୟ ବିଧାୟକ ବାବୁ ସିଂ ଗଣମାଧ୍ୟମ ଆଗରେ ଆମ ଦାବିଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀଙ୍କ ହେଉଥିବା ବିଭିନ୍ନ ଅସୁବିଧା ଏବଂ ବିଶେଷକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଆଖି ଆଗରେ ରଖି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶକ୍ରମେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଯଦି ସରକାର ଆଗାମୀ ଦିନରେ ପ୍ରତିଶ୍ରୁତି ପୂରଣ ନ କରନ୍ତି, ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ମହାସଂଘ ଚେତାବନୀ ଦେଇଛି।

ଅପରପକ୍ଷେ, ଆନ୍ଦୋଳନରେ ସମର୍ଥନ କରିଥିବାରୁ ଓଡ଼ିଶା ବସ୍ ମାଲିକ ସଂଘ, ଓଡ଼ିଶା ଟ୍ରକ୍ ମାଲିକ ସଂଘ, ଓଡ଼ିଶା ମିନି ଟ୍ରକ୍ ମାଲିକ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଡ୍ରାଇଭର ଏକତା ମହାମଞ୍ଚ କୃତଜ୍ଞତା ଜଣାଉଛି ବୋଲି କୁହାଯାଇଥିଲା। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସେଥିପାଇଁ ମହାସଂଘ କ୍ଷମା ପ୍ରାର୍ଥନା କରୁଛି ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ, କଂଗ୍ରେସକୁ ମହାସଂଘ ସମର୍ଥନ କରୁଥିବାର ଯେଉଁ ଅପପ୍ରଚାର କରାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ଡ୍ରାଇଭର ମହାସଂଘର ୩୦ଟି ଜିଲ୍ଲାର ପ୍ରତିନିଧି ଏବଂ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

## ଗୋଆରେ ଓଡ଼ିଆ ଯୁବକଙ୍କୁ ନିର୍ମମ ହତ୍ୟା



ଅଭିଯୁକ୍ତ ବାପ-ପୁଅ ଗିରଫ

ଧର୍ମଗଡ଼,୧୩।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଗଣ୍ଡାମେର ଗାଁର ଜଣେ ଯୁବକଙ୍କୁ ଗୋଆରେ ହତ୍ୟା କରାଯାଇଛି। ମୃତକ ହେଲେ, ଗଣ୍ଡାମେର ଗାଁର ଦ୍ରୋପଦ ନାଏକ(୨୮)। କିଛି ଦିନ ତଳେ ସେ କାମ କରିବାକୁ ଗୋଆ ଯାଇଥିଲେ। ଗୋଆର ମାପୁସା ଥାନା ଅଞ୍ଚଳରେ ଘରୋଇ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ସାଙ୍ଗରେ ଓଡ଼ିଶାର ଅନ୍ୟ ଦୁଇ ଯୁବକ ଥବୀର ନବରଙ୍ଗପୁରିଆ ଓ ତାଙ୍କ ପୁଅ ସତ୍ୟ ନବରଙ୍ଗପୁରିଆ ମଧ୍ୟ ରହୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିନିଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ରତିଶୋଧପରାୟଣ ହୋଇ ବାପ-ପୁଅ ମିଶି ଏକ ଧାରୁଆ ଅସ୍ତ୍ରରେ ଦ୍ରୋପଦଙ୍କୁ ହତ୍ୟା କରିଥିଲେ। ଏପରିକି, ତାଙ୍କ ଗୁପ୍ତାଙ୍ଗକୁ ମଧ୍ୟ କାଟି ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରିଥିଲା। ଦ୍ରୋପଦଙ୍କୁ ହତ୍ୟା କରିଥିବା ପୁଲିସ ସମ୍ମୁଖରେ ବାପ-ପୁଅ ସ୍ୱୀକାର କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ପୁଲିସ ଗିରଫ କରିଛି।

# ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଡକରା ସ୍ଥଗିତ

ମନ୍ତ୍ରୀଙ୍କ ସହ ଆଲୋଚନା ପରେ ମାସେ ପର୍ଯ୍ୟନ୍ତ ସ୍ଥଗିତ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୭ (ସମିସ): ୧୦ ଦଫା ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଗତ ଜୁଲାଇ ୭ରୁ କଳା ବ୍ୟାଜ୍ ପରିଧାନ ପୂର୍ବକ ଆନ୍ଦୋଳନ କରିଆସୁଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜୁଲାଇ ୯ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଦାବିଗୁଡ଼ିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସଂଘର ଦାବିଗୁଡ଼ିକ ଯୁକ୍ତିଯୁକ୍ତ କହିବା ସହ ଯଥାଶୀଘ୍ର ଏହାକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବୈଠକରେ ସଂଘର ପ୍ରତିନିଧିତ୍ୱ କରୁଥିବା କର୍ମଚାରୀ ନେତୃତ୍ୱମାନେ ରାଜସ୍ୱ ଅମଲାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ମନ୍ତ୍ରୀଙ୍କର ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ଏହାର ତୁରନ୍ତ ସମାଧାନ ପାଇଁ ଅନୁରୋଧ କରିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ସନ୍ତୋଷଜନକ ଉତ୍ତର ପାଇବା ପରେ ସଂଘର କୋର କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଦସ୍ୟ ରାଜସ୍ୱ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆଗାମୀ ୧୪ ତାରିଖରେ ହେବାକୁ ଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଏକ ମାସ ପାଇଁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଆଜି ଅନୁଷ୍ଠିତ ହୋଇଯାଇଥିବା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବହୁମତରେ ପାରିତ କରାଯାଇଛି ବୋଲି ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ଯଦି ରାଜ୍ୟ ସରକାର ସଂଘ ପକ୍ଷରୁ ଦିଆଯାଇଥିବା ସମୟ ସୀମା ମଧ୍ୟରେ ପ୍ରତିଶ୍ରୁତି ମୁତାବକ ଦାବିଗୁଡ଼ିକୁ ପୂରଣ କରିବାରେ ଅସଫଳ ହୁଅନ୍ତି, ତେବେ ସ୍ଥଗିତ ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପୁନର୍ବାର ଠିକ୍ ଏକ ମାସ ଶେଷ ହେବା ଦିନ ପରଠାରୁ ଆରମ୍ଭ କରାଯିବ ବୋଲି ଉପରୋକ୍ତ ନେତୃତ୍ୱମାନେ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ

ରେଢ଼ାଖୋଲ, ୧୩।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ସରାପାଲି ବିଟ୍ ଟିକିଲିପଡ଼ା ଗ୍ରାମ ଜଙ୍ଗଲ ଚାଷଜମି ନିକଟରେ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିଭାଗ କହିଛି। ଘଟଣାସ୍ଥଳରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ. ଏଲାବରେସନ କେ, ଏସିଏଫ୍ ଗଜେନ୍ଦ୍ର ଅନ୍ଧାଜ, ମାଳତୀଲତା ହାଁସଦା, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର୍ ଅରୁଣ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଆସିଲେ ଶବ ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

■ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ୍ ହିଁ ପ୍ରମୁଖକରଣ ବୋଲି ସ୍ପଷ୍ଟ ହୋଇଥିବା ଓ ବାରମ୍ବାର ବିଦ୍ୟୁତ ଆଘାତରେ ହାତୀଙ୍କ ଜୀବନ ଯିବା ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଘଟଣାରେ ଆମ୍ବବଗିଚା ଚାଷ ଜମି ନିକଟର ଜଣକୁ ଅଟକ ରଖି ତଦନ୍ତ କରାଯାଉଛି। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ‘ନିର୍ଯାତନା’...

ହୋଇଥିଲେ ହେଁ ତାଙ୍କୁ ନ୍ୟାୟ ଦେବାରେ କଲେଜ କର୍ତ୍ତୃପକ୍ଷ ଓ ସରକାର ବିଫଳ ହେଲେ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଛାତ୍ରୀଜଣକ ସରକାରଙ୍କୁ ଗତ ୧ ତାରିଖରେ ଅବଗତ କରିଥିଲେ, ସ୍ଥାନୀୟ ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ହେଁ କାହିଁକି ଓ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ପରିଣତିସ୍ୱରୂପ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଗଲା ତାହା ସାଧାରଣ ଲୋକଙ୍କୁ ବି ବିଚଳିତ କରିଛି।

ପ୍ରଥମରୁ ଦାୟିତ୍ୱରେ ଅବହେଳା କରିଥିବା ଉଚ୍ଚଶିକ୍ଷା ବିଭାଗ ତଦନ୍ତ ପାଇଁ ଏକ କମିଟି ଗଢ଼ିଛି। ଏହି କମିଟି ବାଲେଶ୍ୱରରେ ତଦନ୍ତ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏମ୍ସରେ ପୀଡ଼ିତା ଛାତ୍ରୀଙ୍କୁ ଭେଟିଛନ୍ତି, ତାଙ୍କୁ ଦିଲ୍ଲୀ ଏମ୍ସକୁ ଚିକିତ୍ସା ନିମନ୍ତେ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଚରମସ୍ଥିତିରେ ପହଞ୍ଚିଛି, ତେଣୁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ନିମନ୍ତେ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି ଓ ଆସନ୍ତାକାଲି ତାଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ ବାସଭବନ ଘେରାଉ କରିଛି। ସେହିପରି ପିସିସି ସଭାପତି ମଧ୍ୟ ଏହି ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜ୍ୟରେ ମହିଳା ହିଂସାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି।

### ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

କମି ଯାଇଥିବାରୁ କିଡ୍‌ନୀ କାମ କରୁନାହିଁ। ପରିସ୍ରା ହେଉ ନଥିବାରୁ କିଡ୍‌ନୀକୁ କ୍ରିୟାଶୀଳ କରିବା ଲାଗି ସାଲାଇନ ଓ ଅନ୍ୟାନ୍ୟ ଚିକିତ୍ସା କରାଯାଉଛି। ନିଆଁ ଯୋଗୁଁ ରକ୍ତରେ ଏସିଡ୍ ଅଂଶ ବ୍ୟାପି ଯାଇଥିବା ଟିଏଲ୍‌ସି ପରୀକ୍ଷାରୁ ସୂଚନା ମିଳିଛି। ପୀଡ଼ିତା ୫ ଗୁଣ ଅଧିକ ସଂକ୍ରମଣର ଶିକାର ହୋଇଛନ୍ତି। ରକ୍ତଚାପ, ପଲ୍‌ସ, ରେସ୍ପିରେଟର ରେଟ୍ ଆଦି ନିୟନ୍ତ୍ରଣ କରିବା ପାଇଁ ହେମୋଡାଇନାମିକ୍ ମନିଟରିଂ କରାଯାଉଛି। ଇଞ୍ଜେକ୍ସନ ମଧ୍ୟ ଦିଆଯାଉଛି; ସୁଗାର ଲେବଲ୍ ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଭିଟାମିନ ସି, ଡି, ଏ, ଜିଙ୍କ୍ ସପ୍ଲିମେଣ୍ଟ ଦିଆଯାଉଛି। ହାର୍ଟ ବିଟ୍ ରେଟ୍ ୧୮୦ ବିପିଏମ୍ ରହିଥିବା ବେଳେ ଅମ୍ଳଜାନ ସ୍ତର ୯୮ ପ୍ରତିଶତ ରହିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଗିରି କହିଛନ୍ତି। ସୌମ୍ୟାଶ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ୧୦ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ନିଶ୍ଚେତକ ବିଭାଗର ପ୍ରଫେସର ଜୟନ୍ତ ମିତ୍ର, ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍‌ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରି, ସହକାରୀ ପ୍ରଫେସର ଡାକ୍ତର ଶାନ୍ତନୁ ସୁବା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡାକ୍ତର ସନ୍ଦୀପ ପଣ୍ଡା, ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧୀକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧୀକ୍ଷକ ପ୍ରିୟଦର୍ଶିନୀ ସାହୁଙ୍କୁ ନେଇ କମିଟି ଗଠନ ହୋଇଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶେଷଜ୍ଞ ଡାକ୍ତର କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ସୌମାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ସୌମ୍ୟାଶ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଙ୍ଗରେ ମଧ୍ୟ ଆଘାତ ଲାଗିଛି। ଏମିତିକି ତାଙ୍କ କିଡ୍‌ନୀ ଓ ଫୁସ୍‌ଫୁସ୍ ମଧ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ତାଙ୍କ ପାଇଁ ଆସନ୍ତା ୨୪ରୁ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

### ରାଜ୍ୟପାଳ ହସ୍ତକ୍ଷେପ...

ଗଭୀର ବିଚଳିତ ଓ ମର୍ମାହତ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ଛାତ୍ରୀଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ଯୌନ ନିର୍ଯାତନା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ସେ ଏହା ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଉଲ୍ଲେଖ କରିଛନ୍ତି। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ତାରିଖରେ ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। ମାତ୍ର ଏହି ଘଟଣାକୁ କେହି ଶୁଣିଲେ ନାହିଁ କିମ୍ବା ସାହାଯ୍ୟ କଲେ ନାହିଁ। ଏଭଳି ସ୍ୱର୍ଣ୍ଣକାରତ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ, ସେ ଦୁଃଖଦ ଭାବରେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ନିଜକୁ ନିଆଁ ଲଗାଇ ଦେଲେ। ଏପରି ମର୍ମନ୍ତୁଦ ଘଟଣା ଅପ୍ରିୟ ବାସ୍ତବତାକୁ ଦର୍ଶାଉଛି ଯେ, କିପରି ସେ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ମଧ୍ୟ ନ୍ୟାୟ ପାଇପାରିଲେ ନାହିଁ। ସେ ପୁଣି କହିଛନ୍ତି ଯେ ଆମର ଉଚ୍ଚଶିକ୍ଷା ଢାଞ୍ଚାରେ ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ଏଣୁ ନ୍ୟାୟ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ଯେପରି ନ୍ୟାୟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ଘଟଣାରେ ରାଜ୍ୟପାଳଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ା ବୋଲି ନବୀନ କହିଛନ୍ତି।

### ସାରା ଦେଶରେ...

ବାଂଲାଦେଶ ଓ ମିଆଁମାରରୁ ଆସିଥିବା ଲୋକଙ୍କର ନାମ ରହିଥିବାର ଜାଣିବାକୁ ପାଇଛୁ ବୋଲି ଅଧିକାରୀମାନେ କହିଛନ୍ତି। ଅଗଷ୍ଟ ୧ରେ ବାହରୁ ଆସିଥିବା ଏହିଭଳି ଲୋକଙ୍କୁ ଯାଞ୍ଚ କରାଯିବ। ସେପ୍ଟେମ୍ବର ୩୦ରେ ଅନ୍ତିମ ଭୋଟର ତାଲିକା ଜାରି କରାଯିବ ଓ ଏଥିରେ ଅବୈଧ ପ୍ରବାସୀଙ୍କ ନାମକୁ ସାମିଲ କରାଯିବ ନାହିଁ। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ କରିବାକୁ ନିର୍ବାଚନ କମିଶନ ଏଭଳି ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଉଛି।

### ବାଲେଶ୍ୱରରେ ଖୋଳତାଡ଼...

ଉଦ୍ୟମ କଲେ, ସେ ନିର୍ଯାତନାର ଶିକାର ହେବା ପରେ କଲେଜ କର୍ତ୍ତୃପକ୍ଷ କାହିଁକି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଆଦି ବିଭିନ୍ନ ଦିଗ ଉପରେ ଟିମ୍ ତଦନ୍ତ କରିଛି। ଏହାସହ ମହାବିଦ୍ୟାଳୟରେ ଗଠିତ ହୋଇଥିବା ଆଇସିସି ଟିମ୍‌କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍ ଦୀର୍ଘ ୪ ଘଣ୍ଟା ଧରି ତଦନ୍ତ କରିଥିବା ଜଣାଯାଇଛି। ତଦନ୍ତକାରୀ କମିଟି ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରାଥମିକ ତଦନ୍ତ ହୋଇଛି। ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିର ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ମାରାଥନ୍ ପଚରାଉଚରା କରାଯାଇଛି। ପୁନର୍ବାର ସମସ୍ତଙ୍କୁ ଡକାଯାଇ ତଦନ୍ତ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କୁ ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଟିମ୍‌ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ପରେ ଅପରାହ୍ଣରେ କ୍ରାଇମବ୍ରାଞ୍ଚର ଏକ ୱିମେନ ୱିଙ୍ଗ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସ୍‌ପି ରହିଛନ୍ତି। ଏହି ଟିମ୍ ଅପରାହ୍ଣ ୫ଟା ପରେ ପହଞ୍ଚିବା ପରେ ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ କଲେଜରେ ତଦନ୍ତ ପାଇଁ ହୋଇଥିବା କମିଟି ଓ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ତଦନ୍ତରେ ସାମିଲ ହେବା ପାଇଁ ପୀଡ଼ିତାଙ୍କ ଭାଇ ସୌମ୍ୟରଞ୍ଜନ ଆଜି କଲେଜକୁ ଆସିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଡକାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସେ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପକୁମାର ଘୋଷଙ୍କୁ ଚାକିରରୁ ବହିଷ୍କାର କରାଯିବା ସହ ଗିରଫ କରାଯାଉ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ଭଉଣୀ ଦେହରେ ପେଟ୍ରୋଲି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଭାଗୀୟ ଏଚ୍‌ଓଡି ଏବଂ କଲେଜର ନିଲମ୍ବିତ ଅଧ୍ୟକ୍ଷ। ୬ମାସ ଧରି ସେମାନେ ମୋ’ ଭଉଣୀକୁ ନିର୍ଯାତନା ଦେଉଥିଲେ। ଗତକାଲି ବି ଭଉଣୀ ନ୍ୟାୟ ଆଶାରେ କଲେଜକୁ ଯାଇଥିଲା। ସେଠାରେ ତାଙ୍କୁ ବନ୍ଦ କୋଠରିରେ କିଛି ଏଭଳି କୁହାଯାଇଥିଲା ଯାହାଦ୍ୱାରା ଏଭଳି ଚରମ ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି।


**AFFIDAVIT**

By virtue of an affidavit sworn before The Notary Public, Sunabeda No. 275 dated 11/07/2025 I, Sri Sarat Talab, S/o - Ratnakar Talab, Village - Bahiripada, PO.- Nandapur, PS.- Nandapur, District- Koraput declare that, I have changed my son's name from **Udit Kumar Talab** to **Udaya Kumar Talab**. Henceforth, my son shall be known as **Udaya Kumar Talab** for all purposes.
Sd/- **Sarat Talab**

**AFFIDAVIT**

By virtue of an affidavit sworn before Executive Magistrate, PURI , dated 04/03/2025. I, RAMACHANDRA JENA , Address VTC - APITHI, P.S. - BHAMAGIRI, PURI declare that I have changed my name from SHRIRAM JENA to RAMACHANDRA JENA Henceforth, I shall be known as RAMACHANDRA JENA for all purposes.
RAMACHANDRA JENA

**PUBLIC NOTICE**

Notice is hereby given to the general public that the Partnership Firm under the name and style of "NALANDA PUBLICATION" having its principal place of business at Sukadev Bhawan, Holding No.348/8,Ward No.13, Masjid Lane, Nimchori, PO:- Chandini Chouk, Cuttack,PIN:-753002 has been dissolved as per the Dissolution Deed dated 24/05/ 2025 mutually executed by all the partners.
Sd/-
1.Smt.Arati Sahoo.
2.Smt.Rasmita Sahu.
3.Sri Subhashish Sahu.
4.Sri Soumya Prakash Sahoo

# ପ୍ରଧାନଶିକ୍ଷକ ସହ ବହୁ ପଦ ଖାଲି; ଶିକ୍ଷାଦାନ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି, ୧୩।୭ (ସମିସ)

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ଗଡିଜଙ୍ଗସ୍ଥିତ କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମେତ ବହୁ ପଦ ଖାଲି ରହିଛି । ଫଳରେ ବିଦ୍ୟାଳୟରେ ଶିକ୍ଷାଦାନରେ ଘୋର ବାଧାପ୍ରାପ୍ତ ସୃଷ୍ଟି ହୋଇଛି । ଯାହାଦ୍ୱାରା ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୩୧ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ସରକାର ଖେଳ ଖେଳୁଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ନରେନ୍ଦ୍ରପୁର ପଞ୍ଚାୟତରେ ଶିକ୍ଷାର ବିକାଶ ପାଇଁ ବହୁ ବୁଦ୍ଧିଜୀବୀଙ୍କ ଦ୍ୱାରା ଗତ ୧୯୭୩ ମସିହାରେ ଗଡ଼ିଜଙ୍ଗ ଠାରେ କଳିଙ୍ଗ ମଡ଼େଲ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ସରକାରଙ୍କର ନୀତି ନିୟମ ଅନୁଯାୟୀ ଏହି ବିଦ୍ୟାଳୟଟି ଚାଲୁଥିବା ବେଳେ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀମାନେ ଭଲ ଫଳାଫଳ ମଧ୍ୟ କରୁଛନ୍ତି । କାଳକ୍ରମେ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବା ପରେ ବିଗତ ତିନିବର୍ଷ ହେବ ଏଠାରେ ନୂତନ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ଏହାଛଡ଼ା ବିଦ୍ୟାଳୟରେ ଖେଳ ଶିକ୍ଷକ ଅବସର ଗ୍ରହଣ କରିଥିଲେ ମଧ୍ୟ କେହି ନୂଆ ଖେଳ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି । ସଂସ୍କୃତି ଶିକ୍ଷକ ପ୍ରସୂତିକାଳୀନ

**୪୩୧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ**



ଛୁଟିରେ ୯ମାସ ଯାଇଥିଲା ବେଳେ ଛାତ୍ରଛାତ୍ରୀମାନେ କିଭଳି ସଂସ୍କୃତ ଶିକ୍ଷା କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଥିଲା । ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏଠାରେ ନୂତନ ଭାବେ ବାଲବାଟିକା ଶ୍ରେଣୀ ଖୋଲାଯାଇଛି । ବର୍ତ୍ତମାନ ଏହି ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୩ଶହ ଛାତ୍ର ଛାତ୍ରୀ ପଢୁଥିବା ବେଳେ ଅନ୍ୟ ଶ୍ରେଣୀ ମାନଙ୍କରେ ୧୩୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଗୋଟିଏ ଶ୍ରେଣୀରେ ୧୦୦ ଜଣ ଛାତ୍ରଛାତ୍ରୀ ବସି ପାଠ ପଢିବା ପାଇଁ ସୁବିଧା ନ ଥିବାରୁ ସେକ୍ସନ କରିବା ପାଇଁ ଶ୍ରେଣୀ ଗୃହର ବହୁ ଅଭାବ ରହିଛି । ଏହାଛଡ଼ା ୬ ଜଣ ଶିକ୍ଷକ ପଦ ଓ ଦୁଇ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ମଧ୍ୟ ଖାଲି ପଡ଼ିଛି । ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ଓ ସଠିକ୍ ଭାବେ ଶ୍ରେଣୀ ଗୃହ ନ ଥିବା ଯୋଗୁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଯଦିଓ ଏହି ବିଦ୍ୟାଳୟଟି ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ସେଥିରେ ମଧ୍ୟ ସଠିକ୍ ଭାବେ ଭିତ୍ତିଭୂମିର ବିକାଶ ହୋଇପାରି ନାହିଁ । ବିଦ୍ୟାଳୟର କୌଣସି ସମ୍ମିଳନୀ କକ୍ଷ ନ ଥିବା କାରଣରୁ ସଭାସମିତି ହେବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ତେବେ ଏହି ବ୍ଲକର ବହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ ମଧ୍ୟ ସେଠାରୁ ରହସ୍ୟଜନକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ ନାହିଁ । ଏପରିକି ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ଅଧିକ ଶିକ୍ଷକ ଯୋଗାଇ ଦିଆ ନ ଯିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରାଭିଭାବକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ହିନ୍ଦୁସ୍ତାନ ହେଲ୍ପିଂ ହ୍ୟାଣ୍ଡସ ଅର୍ଗାନାଇଜେସନ୍ ପକ୍ଷରୁ ଚାରାରୋପଣ

**ଫୁଲନଖରା,୧୩।୭ (ସମିସ):** କଟକ ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେସନ୍ ପକ୍ଷରୁ କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ମୌଜାସ୍ଥିତ କୁଆଖାଇ ନଦୀ ପଠାରେ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ଓ ପ୍ରତାପନଗରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଆୱାକି ପଦ୍ଧତିରେ "ମା' ଧାକୁଲେଇ ଦାରୁବ୍ରହ୍ମ ଗୋୱାନ" ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠାରେ ତାରବାଡ ବୁଲା ଯାଇ ୭ ହଜାରରୁ ଉର୍ଦ୍ଧ୍ୱ 'ନିମ ଚାରା' ରୋପଣ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଦେଷ୍ଟା କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବରେ ଚିନ୍ମୟ ମିଶନ୍‌ର ବାବା କୃଷ୍ଣ ଚୈତନ୍ୟ ମହାରାଜ୍ ଜୀ, ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ଅକ୍ଷୟ ପତି, ଅଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ପୀତବାସ ମହାପାତ୍ର, ସରୋଜ କୁମାର ପ୍ରଧାନ, ଅନାଦି ଚରଣ ଦାସ, କଟକ ବାର୍ ଆସୋସିଏସନ୍ ସଂପାଦକ ଦିଲ୍ଲୀପ ମହାପାତ୍ର, ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ, ସଂପାଦକ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଜଳବାୟୁ ସନ୍ତୁଳନରେ ବୃକ୍ଷର ଭୂମିକା ଉପରେ ଆଲୋକପାତ କରିବା ସହ ଅନୁଷ୍ଠାନର ବିବିଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅର୍ଗାନାଇଜେସନ୍‌ର ପ୍ରତିଷ୍ଠାତା ବାସୁଦେବ ପାତ୍ର ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ତଥା ବୃକ୍ଷ ମାନବ ପ୍ରଭାସ ମଙ୍ଗରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠାନର ସଦସ୍ୟମାନଙ୍କ ସହିତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ଛାତ୍ରୀଗଣ, ମା' ତାରେଣୀ




କଂପ୍ୟୁଟର ଏକାଡେମୀର ଛାତ୍ରଛାତ୍ରୀ, ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ଭଉଣୀମାନେ ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ଅନୁଷ୍ଠାନର ସଭାପତି ମାନସ ରଂଜନ ନାୟକ ଓ ସଂପାଦକ ଅତୁଲ୍ୟ ସାମଲ, କୋଷାଧ୍ୟକ୍ଷ ସୁମନ ଶେଖର ସାହୁ ପ୍ରମୁଖ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା, ରେଳବାଇର କର୍ମଚାରୀ ଓ ଏଣ୍ଡାଭର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଚାରାରୋପଣ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଡକ୍ଟର ଶରତ କୁମାର ରଥ ଧନ୍ୟବାଦ ଦେଇଥିଲେ ।

## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

**ସାଲେପୁର,୧୩।୭ (ସମିସ):** ସାଲେପୁର ଆଞ୍ଚଳିକ ସାମ୍ବାଦିକ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ । ଅନୁଷ୍ଠାନ ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସାଲେପୁର ବିଡିଓ ଲୋପାମୁଦ୍ରା ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରିଣୀ ମୌସୁମୀ ତରାଇ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ସାଗର ବାରିକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ । ଏହି ଅବସରରେ ମା' ସାହେଶ୍ୱରୀ ଶ୍ରୀଜଗନ୍ନାଥ କମିଟି ପକ୍ଷରୁ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଚାରାରୋପଣ ଭଳି ମହାନ କାର୍ଯ୍ୟ କରୁଥିବାରୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଶ୍ରୀଜଗନ୍ନାଥ କମିଟିର କର୍ମକର୍ତ୍ତା ଆଇନଜୀବୀ ବିଜୟ କେତନ ନାୟକ, ମିହିର ଜେନା, ମାନସ ରଞ୍ଜନ ସାହୁ, ସାଲେପୁର ବିକାଶ କମିଟିର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲ୍ଲିକ, ସମିତିସଭ୍ୟ ପ୍ରତିନିଧି ବିନୋଦ ମଲ୍ଲିକ, ସମାଜସେବୀ ନବକିଶୋର କର, ସୌମ୍ୟ ରଞ୍ଜନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, ସହସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର ଶତପଥି, ସାମ୍ବାଦିକ ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ଶିଶିର ଦାଶ, ସୁଜିତ ଭୂୟାଁ, ମହେଶ୍ୱର ବେହେରା, ତାରାକାନ୍ତ ନାୟକ, ବିରଞ୍ଚି ନାରାୟଣ କର, ପ୍ରଦୀପ୍ତ କର, ଗୁଲୁରେଜ୍ ଅଲ୍ଲୀ, ଅମୀୟ ରଞ୍ଜନ ବିଶ୍ୱାଳ, ରଞ୍ଜନ ନାୟକ, ଯୋଗେଶ୍ୱର ବିଶ୍ୱାଳ, ଅଚ୍ୟୁତାନନ୍ଦ ପାତ୍ର, ପ୍ରିୟଦର୍ଶିନୀ ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ପ୍ରବୀର ଚନ୍ଦ୍ର ଦାସ, ଆଶୁତୋଷ ନନ୍ଦ, ଅଜୟ ସାହୁ ସମେତ ସମସ୍ତ କର୍ମକର୍ତ୍ତା ସଦସ୍ୟମାନେ ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



## ବିଜୁ ଯୁବଛାତ୍ର ଜନତା ଦଳ ସାଙ୍ଗଠନିକ ସମ୍ମିଳନୀ

**ଟାଙ୍ଗୀ,୧୩।୭ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଅଞ୍ଚଳ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ସାଙ୍ଗଠନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଦଳଗତ ଏକତା ବୃଦ୍ଧିକୁ ଗୁରୁତ୍ୱ ଦେଇଛନ୍ତି । ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱାଧୀନ କିଶୋର ମହାନ୍ତି, ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ବିଜେଡ଼ି ସଭାପତି ତଥା ସରପଞ୍ଚ ତାପସ ସାହୁ, ନିବାସ ପାଣ୍ଡବ, ମହେଶ୍ୱର ମହାନ୍ତ, ଭରତ ବେହେରା, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ଗୋବିନ୍ଦ ଦାସ, ଆଶିଷ ଷଡ଼ଙ୍ଗୀ, ଅଶୋକ ବାଇ, ସାଗର କର ଓ ପରମଜିତ ମହାନ୍ତି ପ୍ରମୁଖ ସାଙ୍ଗଠନିକ ଏକତା ସଂକ୍ରାନ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ । ତେର ପଞ୍ଚାୟତ ବିଜେଡିର ଆଗଧାଡିର କାର୍ଯ୍ୟକର୍ତ୍ତାଙ୍କ ସହ ପାଞ୍ଚଶହରୁ ଉର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ ।



## ଚୌଦ୍ୱାର କଲେଜରେ ନବାଗତଙ୍କୁ ସ୍ୱାଗତ ଉତ୍ସବ




**ଚୌଦ୍ୱାର,୧୩।୭ (ସମିସ):** ଚୌଦ୍ୱାର କଲେଜରେ +୩ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ନୂତନଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର କଲେଜ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ କଲେଜର ଗୋପବନ୍ଧୁ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଚଳିତ ନୂତନ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଅଧ୍ୟାପକ ସୁମନ୍ତ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ । ନୂତନ ଶିକ୍ଷାନୀତିରେ ପରୀକ୍ଷା ପ୍ରଣାଳୀ ଉପରେ ପ୍ରଧାପକ ଡ. ଦୀପକ କୁମାର ଦାସ ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଡ. ହରପ୍ରିୟା ମହାପାତ୍ର, ସମରଶିକ୍ଷାର୍ଥୀ ବାହିନୀର ମୁଖ୍ୟ ରତିକାନ୍ତ ସ୍ୱାଇଁ, ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାଭିମାନ ସାମନ୍ତରାୟ, ରେଡକ୍ରସ ବିଭାଗର ମୁଖ୍ୟ ଡ.ମମତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ପାଠପଢ଼ା ସହିତ ମହାବିଦ୍ୟାଳୟର ଅତିରିକ୍ତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପ୍ରଫୁଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ ।

## ମରାମତି ହେଲା ପାଇପ୍ ଲାଇନ

**ବଡମ୍ବା,୧୩।୭ (ସମିସ):** ବଡମ୍ବା ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତର କଣ୍ଟା ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳର ପାଇପ ଫାଟି ପ୍ରାୟ ୨ ମାସରୁ ଅଧିକ ହେବ ରାସ୍ତାରେ ପାଣି ମାଡୁଥିଲା । ଏହାର ଆଶୁ ସମାଧାନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର ସମାଧାନ କରାଯାଇ ନ ଥିଲା । ତେବେ ଅଭିଯୋଗକୁ କେନ୍ଦ୍ର କରି ଦୈନିକ ଖବର କାଗଜ ସକାଳରେ ଗତ ୧୦ ତାରିଖରେ ଏକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ଦେଖାଇ ରବିବାର ଫାଟିଥିବା ପାଇପକୁ ମରାମତି କରିଛି । ଫଳରେ ରାସ୍ତାରେ ଆଉ ପାଣି ଜମା ହେଉ ନାହିଁ ଓ ପାଇପ ପାଣି ଜନସାଧାରଣଙ୍କ କାର୍ଯ୍ୟରେ ଆସିପାରୁଛି ।

## ବିପୁଳ ମଦ ଜବତ; ୨ ଗିରଫ

**କଟକ,୧୩।୭ (ସମିସ):** କଟକ ଜିଲ୍ଲା ମାହାଙ୍ଗା ପୁଲିସକୁ ବଡ ସଫଳତା ମିଳିଛି । ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ବିଦେଶୀ ମଦ ଜବତ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ଯସରାଜପୁର ଗ୍ରାମରେ ଚୋରା ମଦ କାରବାର ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା ମାହଙ୍ଗା ପୁଲିସ । ଥାନା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଜଗଦୀପ ସିଂହଙ୍କ ଘର ଉପରେ ଚଢଉ କରାଯାଇଥିଲା । ସେଠାରୁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଏଥିରେ ସଂପୃକ୍ତ ଥିବା ଜଗଦୀପ ସିଂହ ଓ ସାଲେପୁରର ଅଞ୍ଚଳର ନୃସିଂହ ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହେବାରେ ସକ୍ଷମ ହୋଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗ



**କନ୍ଦରପୁର,୧୩।୭ (ସମିସ):** ବରିଷ୍ଠ ସମାଜସେବୀ ସୁରେନ୍ ମହାପାତ୍ରଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ରେବିକା ମହାପାତ୍ର (୭୮)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅସିତ ଦାସ ମହାପାତ୍ର, ସାମାଜିକ କର୍ମୀ ଶୁଭେନ୍ଦୁ ଦାସ ମହାପାତ୍ର, ପୁତ୍ରବଧୂ ରାଜଲକ୍ଷ୍ମୀ ଦାସ, ଶ୍ରାବନ୍ତିକା ମହାନ୍ତି, କନ୍ୟା କାଜୁରୀନା ଦାସ, ଜାମାତା ରଞ୍ଜନ କୁମାର ଦାସ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ସମାଜସେବୀ ଅସିତ୍ ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲା ବେଳେ ଖାନନଗର ସ୍ୱର୍ଗଧାମରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ତାଙ୍କ ବିୟୋଗରେ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ସରୋଜ ନଳିନୀ ପରିଜା, ସରସ୍ୱତୀ କଳା ପରିଷଦ ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଶୋକ ବ୍ୟକ୍ତ କରିବା ସହ ସଦଗତି କାମନା କରିଛନ୍ତି ।

## ଦାଣ୍ଡରେ ଭାସୁଛି ପାନୀୟଜଳ



**ନିଆଳି,୧୩।୭ (ସମିସ):** ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ସୁଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ନିଆଳି ବ୍ଲକ ନୂଆପାଟଣା ଗ୍ରାମ ରାସ୍ତାରେ ବିଭିନ୍ନ ସ୍ଥାନରେ ଏହି ଯୋଜନାରେ ପଡିଥିବା ପାଇପ ଫାଟି ଗାଁ ଦାଣ୍ଡରେ ପାଣିର ସୁଅ ଛୁଟୁଛି । ଦୀର୍ଘଦିନ ହେବ ଗ୍ରାମବାସୀମାନେ ଏ ନେଇ ଅଭିଯୋଗ କରୁଥିବା ବେଳେ ନିମ୍ନମାନର କାମ ଯୋଗୁଁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ମୁଖ୍ୟ ପାଇପରୁ ରାସ୍ତା ଅତିକ୍ରମ କରାଯାଇ ବିଭିନ୍ନ ପରିବାରକୁ ପାଇପ୍ ଯୋଗେଁ ପାଣି ଯାଇଥିବା ବେଳେ ଏହି ପାଇପକୁ ଅଧିକ ଗଭୀର କରି ନ ପୋତି କଂକ୍ରିଟ୍ ରାସ୍ତା ଉପରେ ମାତ୍ର ୨/୩ ଇଞ୍ଚ ଖୋଳି ନେଇଥିବା ବେଳେ ଏହି ରାସ୍ତା ଦେଇ ଗାଡିମୋଟର ଯାଇ ଏକାଧିକ ସ୍ଥାନରେ ପାଇପ୍ ଫାଟି ଅନେକ ସମୟରେ ପାଣିର ସୁଅ ଛୁଟିଥିବା ଦେଖିବାକୁ ମିଳିଛି । ପୂର୍ବାହ୍ନ ଓ ଅପରାହ୍ନରେ ଦୁଇବେଳା ଘଣ୍ଟାଏ ଲେଖାଏଁ ମଟର ଚଳାଇ ପାଣି ଯୋଗାଇ ଦିଆଯାଉଥିବା ବେଳେ ଏହି ସମୟରେ ଲୋକଙ୍କ ପାଖରେ ପାନୀୟ ଜଳ ପହଁଞ୍ଚିବା ପରିବର୍ତ୍ତେ ଗାଁ ଦାଣ୍ଡରେ ଫଟା ପାଇପ୍‌ରେ ପାଣି ବାହାରି ପାଣିର ସୁଅ ଛୁଟୁଛି । ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ପତଞ୍ଜଳି ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ



**ସାଲେପୁର,୧୩।୭ (ସମିସ):** ସାଲେପୁର ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ମା' ଜାଗୁଳାଇ ମନ୍ଦିର ପରିସରରେ ସାଲେପୁର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଯଜ୍ଞ ଓ ଯୋଗ ସହିତ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୈଳାସ ଚନ୍ଦ୍ର ବେହେରା, ଆଜୀବନ ସଭ୍ୟ ଶ୍ରୀକାନ୍ତ ଭୂୟାଁ, ଯଜ୍ଞ, ଯୋଗ ଓ ଗୁରୁପୂର୍ଣ୍ଣିମା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଲେପୁର ଯୋଗ କେନ୍ଦ୍ରର ସାଧକମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଯୋଗ ସାଧକ କାମଦେବ କର, ସଂଗ୍ରାମ କେଶରୀ କର, ଅରୁଣ ନାୟକ, ଧନଞ୍ଜୟ ସାମଲ, ଧ୍ରୁବାନନ୍ଦ ଶରଣ, ସୌମ୍ୟରଞ୍ଜନ ଦାସ, ଶ୍ୟାମସୁନ୍ଦର ସାହୁ, ନିଶିକାନ୍ତ ଦାସ, ସୁରେଶ ଚନ୍ଦ୍ର ବେହୁରା, ଦିବାକର ପ୍ରଧାନ, ହୃଷୀକେଶ ପଣ୍ଡା, ଦେବବ୍ରତ ବେଉରିଆ, କାଳୀଚରଣ ଦୀକ୍ଷିତ୍, ଗିରିଜା ଶଙ୍କର ମଲ୍ଲ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ରାଇସୁଙ୍ଗୁଡାଠାରେ ମହାବୀର ଯୋଗ କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି । ଯୋଗ ଗୁରୁ ଏସ୍‌ପି ଡିଆର୍ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଯୋଗ କେନ୍ଦ୍ର ସମେତ ଭୀମଦାସପୁର, ଯପକୁଦ ଯୋଗ କେନ୍ଦ୍ରର ଯୋଗ ସାଧକମାନେ ଯୋଗଦେଇଥିଲେ ।

## ବିଦ୍ୟୁତ ବିଭାଗର ମନମାନି ବିରୋଧରେ ପ୍ରତିବାଦ

**କନ୍ଦରପୁର,୧୩।୭ (ସମିସ):** କଟକ ସଦର ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ଆଜକୁ ଦୀର୍ଘ ଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି ରବିବାର ଦିନ ଅଞ୍ଚଳବାସୀ ମେଳି ହୋଇଥିବା ଜଣାପଡିଛି । ଏଥିପାଇଁ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ରଣେଷଣ୍ଟ ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମତପ୍ରକାଶ ପାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ସମେତ ଶାନ୍ତକୃଷ୍ଣ ଦେବତା, ମଧୁସୂଦନ ଦେବତା, ବୁଲେଇ ବେହେରା, ରବିନ୍ଦ୍ର ଦେବତା, ଚିନ୍ମୟ ଦେବତା, ଦୁଷ୍ମନ୍ତ ନନ୍ଦ, ଆନନ୍ଦ ଦେବତା, ପ୍ରଶନ୍ନ ବେହେରା, ଗୌତମ ସ୍ୱାଇଁ, ବିଜୟ ନାୟକ, ଦୀପକ ଆଚାର୍ଯ୍ୟ, ପ୍ରକାଶ ମାଝି ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



# ବ୍ଲକ୍ ପ୍ରଶାସନର ମନମୁଖୀ କାର୍ଯ୍ୟରେ ଜନପ୍ରତିନିଧି ଅତିଷ୍ଠ

**ସମସ୍ୟା ସମାଧାନ ନ ହେଲେ ଧାରଣା ପାଇଁ ଚେତାବନୀ**

ନିଶ୍ଚିନ୍ତକୋଇଲି, ୧୩।୭ (ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେବାରେ ସମସ୍ୟା ଉପୁଜିଛି । ଯାହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏ ସଂକ୍ରାନ୍ତରେ ଜନପ୍ରତିନିଧି ବାରମ୍ବାର ପ୍ରଶାସନ ନିକଟରେ ଅବଗତ କରାଉଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରୁ ନ ଥିବାରୁ ଜନପ୍ରତିନିଧିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚରମ ଚେତାବନୀ ଦେଇଛନ୍ତି । ଆବଶ୍ୟକ ହେଲେ ସଂପୃକ୍ତ ଜନପ୍ରତିନିଧିମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ପୂର୍ବରୁ ପଞ୍ଚାୟତ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଲ୍ ପାଇଁ ବିଡିଓଙ୍କ ଅନୁମୋଦନ ଆବଶ୍ୟକ ପଡୁ ନ ଥିଲା । ହେଲେ ଗତ ସାଧାରଣ ନିର୍ବାଚନ ପରେ ସରପଞ୍ଚମାନଙ୍କ ପଞ୍ଚାୟତ ପାଣ୍ଠିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଡିଓଙ୍କର କାଉଣ୍ଟର ଦସ୍ତଖତ ହେବା ପାଇଁ ବାଧ୍ୟତାମୂଳକ କରାଯାଉଥିବା ଜନପ୍ରତିନିଧି ଅଭିଯୋଗ କରିଛନ୍ତି । ଫଳରେ ବିଡିଓ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ହୋଇଛି । ପୂର୍ବ ସରକାରଙ୍କ ଅମଳରେ ଆମ ଓଡିଶା ନବୀନ ଓଡିଶା ଯୋଜନା ଅନୁଦାନରେ ଏହି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟ ଗୁଡିକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା । ସରକାର ବଦଳିବା ପରେ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପରେ କାର୍ଯ୍ୟ ଅଧା ହୋଇଥିବା ଓ ଶେଷ ହୋଇଥିବା ପ୍ରକଳ୍ପ ଗୁଡିକର ବିଲ୍ ଅଦ୍ୟାବଧି ମିଳିପାରୁ ନାହିଁ । କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ବିଲ ସଠିକ୍ ଭାବେ ବିଲ୍ କରାଯାଉଥିଲା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୭ଟି ଗ୍ରାମପଞ୍ଚାୟତର ଆନୋ ପ୍ରକଳ୍ପ ଏ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଭାବେ ବିଲ ପ୍ରଦାନ କରା ନ ଯାଇ ବନ୍ଦ ରଖାଯାଇଥିବାର ଅଭିଯୋଗ ହୋଇଛି । ବ୍ଲକ ପ୍ରଶାସନ ତରଫରୁ ସମସ୍ତ ନୀତିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରାଯାଇ ସମିତିସଭ୍ୟ ସଭ୍ୟାମାନଙ୍କ ଅନୁଦାନରେ କିଏ କେତେବେଳେ କାମ କରୁଛି ସେ ସମ୍ପର୍କରେ ସମିତିସଭ୍ୟ ସଭ୍ୟାମାନେ ଅଗବତ ହୋଇପାରୁ ନାହାନ୍ତି । ବର୍ତ୍ତମାନ ଏହି ବ୍ଲକରେ ପ୍ରଶାସନିକସ୍ତରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରି ନ ଥିବାରୁ ପ୍ରଶାସନରେ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏହା ବଡ ଧରଣର ରୂପ ନେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ସରପଞ୍ଚ ଓ ସମିତିସଭ୍ୟମାନେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୦୯ ● ପାଉଣ୍ଡ ୧୧୬.୩୨
- ୟୁରୋ ୧୦୦.୪୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୧୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଆଫ୍ରିକୀୟ ଦେଶରୁ ଲିଥିୟମ୍ ଆଣିବ ଏନ୍‌ଏଲ୍‌ସି ଇଣ୍ଡିଆ



**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ରାଷ୍ଟ୍ରାୟତ୍ତ ଏନଏଲସି ଇଣ୍ଡିଆ ଲିମିଟେଡ ରୁଷର ଏକ ସରକାରୀ କମ୍ପାନୀ ସହ ହାତ ମିଳାଇବାକୁ ଯାଉଛି । ଏହାର ଉଦ୍ଦେଶ୍ୟ ଆଫ୍ରିକାରେ ଥିବା ରୁଷ କମ୍ପାନୀର ଲିଥିୟମ ଖଣିରୁ ଖଣିଜ ଆମଦାନୀ କରିବା । ଆଫ୍ରିକାର ମାଲିରେ ଥିବା ଏହି ଲିଥିୟମ ଖଣିରେ ସେୟାର ପାଇଁ ଏନଏଲସି ଇଣ୍ଡିଆ, ରୁଷ କମ୍ପାନି ସହ ଆଲୋଚନା ଜାରି ରହିଥିବା ସୂଚନା ମିଳିଛି । ଭାରତ ନିଜର ସ୍ୱଚ୍ଛ ଉର୍ଜା ଲକ୍ଷ୍ୟକୁ ଧ୍ୟାନରେ ରଖି ଲିଥିୟମ ଭଳି ଗୁରୁତ୍ୱପୂର୍ଣ୍ଣ ଧାତୁର ନିରବଚ୍ଛିନ୍ନ ଯୋଗାଣ ଉପରେ ଧ୍ୟାନ ଦେଉଥିବାବେଳେ ଏହି ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ବର୍ତ୍ତମାନ ଦେଶରେ ଇଲେକ୍ଟ୍ରିକ ଗାଡ଼ି ଏବଂ ଏହାର ବ୍ୟାଟେରୀର ଚାହିଦା ବଢ଼ୁଛି ଫଳରେ ଲିଥିୟମର ଆବଶ୍ୟକତା ମଧ୍ୟ ଦ୍ରୁତ ଭାବରେ ବଢ଼ୁଛି । ସୂଚନାଥାଉକି, ଏନଏଲସି ଇଣ୍ଡିଆ ମୁଖ୍ୟତଃ କୋଇଲା ଏବଂ ଲିଗ୍‌ନାଇଟ ଖନନ ତଥା ବିଜୁଳି ଉତ୍ପାଦନ କରୁଛି । କମ୍ପାନି ଅକ୍ଷୟ ଶକ୍ତି ଏବଂ କୋଇଲା ଖନନ କ୍ଷେତ୍ରରେ ମଧ୍ୟ ଦେଶ ବିଦେଶରେ ନିଜର ଆଧିପତ୍ୟ ବିସ୍ତାର କରିଛି ।ନିକଟରେ ଏନଏଲସି ଇଣ୍ଡିଆକୁ ପଞ୍ଚମ ପର୍ଯ୍ୟାୟ ଖଣିଜ ନିଲାମୀରେ ଦୁଇ ବଡ଼ ଖଣିଜ ବ୍ଲକ୍ ମିଳିଛି । ଛତିଶଗଡ଼ରେ ଫସ୍ଫୋରାଇଟ ଏବଂ ଚୂନ ପଥରର ଦୁଇଟି ବ୍ଲକ୍ ମିଳିଛି । ଏନଏଲସି ଇଣ୍ଡିଆର ଏହି ରଣନୀତିକ ପଦକ୍ଷେପରେ କେବଳ ଯେ, ଭାରତର ଲିଥିୟମ ଆପୂର୍ତ୍ତି ଶୃଙ୍ଖଳାକୁ ମଜଭୁତ କରିବ ତାହା ନୁହେଁ, ବରଂ ଦେଶର ସ୍ୱଚ୍ଛ ଶକ୍ତି ପ୍ରକଳ୍ପକୁ ମଧ୍ୟ ବଳ ଯୋଗାଇବ ।

**ରୁଷ କମ୍ପାନୀ ସହ ଚାଲିଛି ଆଲୋଚନା**

● ଟାରିଫ୍ ପ୍ରସଙ୍ଗରେ ଟ୍ରମ୍ପ ଭାରତକୁ ଚିଠି ପଠାଇବେନାହିଁ

# ଶୁଳ୍କ ୨୦% ତଳକୁ ହ୍ରାସ ଆଶା

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ଭାରତ ଏବଂ ଆମେରିକା ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ପାଇଁ ଦ୍ରୁତ ଗତିରେ କାମ କରୁଛନ୍ତି, ଯାହା ପ୍ରସ୍ତାବିତ ଶୁଳ୍କକୁ ୨୦% ତଳକୁ ଆଣିପାରିବ । ଏହି ଚୁକ୍ତିନାମା ଭାରତକୁ ଏହି କ୍ଷେତ୍ରର ଅନ୍ୟ ଦେଶମାନଙ୍କ ତୁଳନାରେ ବାଣିଜ୍ୟିକ ଭାବରେ ଭଲ ସ୍ଥିତିରେ ରଖିବ । ଏକ ରିପୋର୍ଟ ଅନୁଯାୟୀ, ତେବେ ଆମେରିକା ଏହି ସପ୍ତାହରେ ଭାରତକୁ ଶୁଳ୍କ ବୃଦ୍ଧିର ଆନୁଷ୍ଠାନିକ ସୂଚନା ଦେବନାହିଁ, ଯେତେବେଳେ ଅନ୍ୟ ଅନେକ ଦେଶକୁ ଅପ୍ରତ୍ୟାଶିତ ଭାବରେ ୫୦% ପର୍ଯ୍ୟନ୍ତ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିଛି । ଟ୍ରମ୍ପ ପ୍ରାୟ ୨୦ଟି ଦେଶକୁ ଶୁଳ୍କ ଲାଗୁ କରିବା ସମ୍ପର୍କରେ ଚିଠି ପଠାଇଛନ୍ତି । ଯେଉଁଥିରେ ବହୁତ କଠୋର ଚେତାବନୀ ଏବଂ ଧମକ ଦିଆଯାଇଛି । ତଥାପି, ବର୍ତ୍ତମାନ ଭାରତକୁ ଏପରି କୌଣସି ଚିଠି ପଠାଇବାର କୌଣସି ଉଦ୍ଦେଶ୍ୟ ନାହିଁ । ଏହାର କାରଣ ହେଉଛି ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ।

ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ଏହି ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଉଭୟ ଦେଶକୁ ଆହୁରି ଆଲୋଚନା ପାଇଁ ସମୟ ଦେବ, ଯାହା ଭାରତକୁ ଏକ ବ୍ୟାପକ ଚୁକ୍ତିନାମା ପୂର୍ବରୁ ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରିବାର ସୁଯୋଗଦେବ । ଏହି ଚୁକ୍ତିନାମାର ଆନୁଷ୍ଠାନିକ ଘୋଷଣା ଏକ ସରକାରୀ ବିବୃତ୍ତି ମାଧ୍ୟମରେ କରାଯାଇପାରିବ । ରିପୋର୍ଟ ଅନୁଯାୟୀ, ପ୍ରାରମ୍ଭରେ ଆମେରିକା ଭାରତ ପାଇଁ ୨୬% ଶୁଳ୍କ ପ୍ରସ୍ତାବ ଦେଇଥିଲା, କିନ୍ତୁ ଏବେ ଏହି ଟିକସ ହାରକୁ ୨୦% ତଳକୁ ହ୍ରାସ କରାଯିବା ନେଇ ବିଚାର ଚାଲିଛି । ଏହାସହିତ, ଚୂଡ଼ାନ୍ତ ଚୁକ୍ତିନାମା ଅନୁଯାୟୀ ଏଥିରେ ଆହୁରି ସଂଶୋଧନ ସମ୍ଭବ ହେବ । ତଥାପି, ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମାର ସଠିକ୍ ସମୟସୀମା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ଯଦି ଏହି ଚୁକ୍ତିନାମା ଚୂଡ଼ାନ୍ତ ହୁଏ, ତେବେ ଭାରତ ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଥିବା କିଛି ଦେଶ ସହିତ ସାମିଲ ହେବ । ଏ ପର୍ଯ୍ୟନ୍ତ କେବଳ ବ୍ରିଟେନ ଆମେରିକା ସହିତ ଏକ ଆନୁଷ୍ଠାନିକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ସେହି ସମୟରେ ଭିଏତନାମ ଏବଂ ଫିଲିପାଇନ୍ସ ଭଳି ଦେଶଗୁଡ଼ିକୁ ୨୦% ପର୍ଯ୍ୟନ୍ତ ଶୁଳ୍କ ହାର ଘୋଷଣା କରାଯାଇଛି, ଯେତେବେଳେ କି ଲାଓସ ଏବଂ ମିଆଁମାର ୪୦% ପର୍ଯ୍ୟନ୍ତ ଉଚ୍ଚ ଶୁଳ୍କ ହାରର ସମ୍ମୁଖୀନ ହେଉଛନ୍ତି । ଭାରତ ଆମେରିକାର ଭିଏତନାମ ସହିତ ହୋଇଥିବା ଚୁକ୍ତିନାମା ଅପେକ୍ଷା ଅଧିକ ଅନୁକୂଳ ଚୁକ୍ତି ଚାହୁଁଛି । ଭିଏତନାମ୍ ଆମେରିକା ଦ୍ୱାରା ଲାଗୁ ୨୦% ଉଚ୍ଚ ଶୁଳ୍କ ହାରରେ ଆଶ୍ଚର୍ଯ୍ୟ ହୋଇଯାଇଥିଲା ଏବଂ ବର୍ତ୍ତମାନ ସେହି ହାରରେ ହ୍ରାସ କରିବାକୁ ଦାବି କରୁଛି ।



ଟ୍ରମ୍ପ ଗୁରୁବାର ଗଣମାଧ୍ୟମ କହିଛନ୍ତି ଯେ ,ସେ ଆମେରିକା ସହିତ କୌଣସି ବିଶେଷ ଶୁଳ୍କ ହାର ଉପରେ ନିଷ୍ପତ୍ତି ନେଇ ନ ଥିବା ଦେଶଗୁଡ଼ିକ ଉପରେ ୧୫% ରୁ ୨୦% ପର୍ଯ୍ୟନ୍ତ ସାଧାରଣ ଶୁଳ୍କ ହାର ଲାଗୁ କରିବାକୁ ବିଚାର କରୁଛନ୍ତି । ବର୍ତ୍ତମାନ ଅଧିକାଂଶ ଆମେରିକୀୟ ବାଣିଜ୍ୟିକ ଅଂଶୀଦାରଙ୍କ ପାଇଁ ହାରାହାରି ଶୁଳ୍କ ହାର ୧୦% ।ଯଦିଓ ଭାରତ ବର୍ଷ ଆରମ୍ଭରେ ଆମେରିକା ସହିତ ବାଣିଜ୍ୟ ଆଲୋଚନା ଆରମ୍ଭ କରିଥିଲା, କିନ୍ତୁ ଗତ କିଛି ମାସ ମଧ୍ୟରେ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କରେ କିଛି ଉତ୍ତେଜନା ଦେଖାଦେଇଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ମଧ୍ୟ ସୂଚନା ମିଳିଛି ଯେ ଭାରତର ବ୍ରିକ୍ସ ସଦସ୍ୟତା ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇପାରେ । ବାଣିଜ୍ୟ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ଆଲୋଚନାକାରୀ ଦଳ ଶୀଘ୍ର ୱାଶିଂଟନ ଗସ୍ତ କରିପାରନ୍ତି । ରିପୋର୍ଟ ଅନୁଯାୟୀ, ଭାରତ ପୂର୍ବରୁ ଆମେରିକାକୁ ଏହାର ଶେଷ ପ୍ରସ୍ତାବ ଦେଇସାରିଛି । ଏହି ବାଣିଜ୍ୟ ଆଲୋଚନାରେ ସବୁଠାରୁ ବଡ଼ ବାଧା ହେଉଛି ଭାରତ ଜେନେଟିକାଲି ପରିବର୍ତ୍ତିତ (ଜିଏମ୍) ଫସଲକୁ ଅନୁମତି ଦେବା ପାଇଁ ଆମେରିକାର ଦାବି, ଯାହାକୁ ଚାଷୀମାନଙ୍କ ଚିନ୍ତା ଯୋଗୁଁ ଭାରତ ପ୍ରତ୍ୟାଖ୍ୟାନ କରିଛି । ଏହାବ୍ୟତୀତ, କୃଷି କ୍ଷେତ୍ରରେ ଅଣ-ଶୁଳ୍କ ବାଧା ଏବଂ ଔଷଧ କ୍ଷେତ୍ରରେ ନିୟାମକ ଚ୍ୟାଲେଞ୍ଜ ମଧ୍ୟ ପ୍ରମୁଖ ବାଧା ରହିଛି । ଭାରତ ଏହି ଚୁକ୍ତି ପାଇଁ ନିଜର ସ୍ଥିତି ସ୍ପଷ୍ଟ କରିଛି, ବିଶେଷକରି କୃଷି ଏବଂ ଦୁଗ୍ଧ କ୍ଷେତ୍ରରେ । ଭାରତ ପୂର୍ବରୁ ସମସ୍ତ ବାଣିଜ୍ୟ ଚୁକ୍ତିନାମାରେ ତାର ଦୁଗ୍ଧ କ୍ଷେତ୍ରକୁ ସୁରକ୍ଷା ଦେଇଛି ଏବଂ ଏଥର ମଧ୍ୟ ସମାନ ମତ ରଖିଛି । ପ୍ରତିବଦଳରେ, ଭାରତ ବୟନ ଏବଂ ଫୁଟ୍‌ୱେର ଭଳି ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଆମେରିକୀୟ ଉତ୍ପାଦ ପାଇଁ ଉତ୍ତମ ବଜାର ପ୍ରବେଶ ପ୍ରଦାନ କରିଛି । ଭାରତ ପୂର୍ବରୁ ଟ୍ରମ୍ପ ପ୍ରଶାସନକୁ ଏହାର ସର୍ବୋତ୍ତମ ପ୍ରସ୍ତାବ ଦେଇସାରିଛି, ଏହା ସ୍ପଷ୍ଟ କରିଛି ଯେ କିଛି ପ୍ରସଙ୍ଗରେ ଦେଶ ସାଲିସ କରିବନାହିଁ ।

**ଜିଏସ୍‌ଟି ହ୍ରାସ ପାଇଁ ଚାଲିଛି ପ୍ରସ୍ତୁତି**

# ୧୮ % ସ୍ଲାବ୍ ୧୨%କୁ ଖସିପାରେ

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି)**




● କମିବ ଆଚାର, ଟୁଥପେଷ୍ଟ, ସାଇକଲ୍, ଛତା ମୂଲ୍ୟ

● ମଧ୍ୟମବର୍ଗଙ୍କୁ ମିଳିପାରେ ଆଶ୍ୱସ୍ତି

ମହଙ୍ଗା ମାଡ଼ରେ କଲବଲ ହେଉଥିବା ସାଧାରଣ ଲୋକଙ୍କ ପାଇଁ ଆଶ୍ୱସ୍ତିକର ଖବର । ଆଗାମୀ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ପରିଷଦ ବୈଠକରେ ଘରୋଇ ଭାବେ ବ୍ୟବହାର କରାଯାଉଥିବା ଅନେକ ସାମଗ୍ରୀର ଟିକସ ହାର ହ୍ରାସ ପ୍ରସ୍ତାବ ଚର୍ଚ୍ଚାରେ ରହିଛି । ଯଦି ଏହି ପ୍ରସ୍ତାବ ଗୃହୀତ ହୋଇଯାଏ ଏହାର ସିଧା ଲାଭ ମଧ୍ୟମ ବର୍ଗ ଓ ନିମ୍ନ ଆୟକାରୀ ବର୍ଗର ଲୋକଙ୍କୁ ମିଳିବ । ବର୍ତ୍ତମାନ ସରକାର ୮ ବର୍ଷ ପୁରୁଣା ଜିଏସ୍‌ଟି ଢାଞ୍ଚାର ସମୀକ୍ଷା କରୁଛନ୍ତି, ଯେଉଁଥିରେ ଖାସ କରି ୧୨% ଟ୍ୟାକ୍ସ ସ୍ଲାବ ବସ୍ତୁ ଗୁଡିକୁ ରିହାତି ଦେବା ପାଇଁ ବିଚାର ହେଉଛି । ୧୨% ସ୍ଲାବରେ ଏପରି ସବୁ ଦ୍ରବ୍ୟ ଆସୁଛି ଯେଉଁଗୁଡିକ ଦୈନନ୍ଦିନ ଜୀବନରେ ଆବଶ୍ୟକତାରେ ଆସୁଛି । ଯେପରି କି ଆଚାର, ଘିଅ, ଜାମ, ଚଟଣୀ, ଫ୍ରୁଟ ଜୁସ୍, ପଇଡ ପାଣି, ଟୁଥପେଷ୍ଟ, ସାଇକଲ, ଛତା,ମୋବାଇଲ ଫୋନ,ପ୍ରକ୍ରିୟାକୃତ ଖାଦ୍ୟ, ଜୋତା ଓ ପୋଷାକ ଆଦି । ସରକାର ଭାବୁଛନ୍ତି ଏହି ସବୁ ଉତ୍ପାଦ ଉପରେ ଶୁଳ୍କ ହ୍ରାସ ହେଲେ ଲୋକଙ୍କ ପକେଟ ଉପରୁ ବୋଝ କମିବ ଓ ଏପରି ଜିନିଷର ଚାହିଦା ବଢିବ । ଯାହାଫଳରେ ଅର୍ଥ ବ୍ୟବସ୍ଥାକୁ ନୂଆ ବଳ ମିଳିବ ।

ବର୍ତ୍ତମାନ ପ୍ୟୋର ଟର୍ମ ଇନସ୍ୟୁରାନ୍ସ ପ୍ଲାନ ଉପରେ ୧୮% ଜିଏସ୍‌ଟି ଲାଗୁଛି । ତେବେ ସରକାର ଏହାକୁ ୧୨%କୁ ଆଣିବା ପାଇଁ ଯୋଜନା କରୁଛନ୍ତି । ଏହାସହିତ ସ୍ୱାସ୍ଥ୍ୟ ବୀମା ଉପରେ ଟିକସ ରିଆତି ମଧ୍ୟ ମିଳିପାରେ । ଏଣୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆପଣେଇବା ସାଧାରଣ ଲୋକଙ୍କ ଲାଗି ଏବେ ସହଜ ହେବ । ଜନୈକ ବରିଷ୍ଠ ଅଧିକାରୀଙ୍କ ଅନୁସାରେ ଜିଏସଟି ହାର ହ୍ରାସ ଯୋଗୁ ନା କେବଳ ଗ୍ରାହକଙ୍କୁ ଲାଭ ମିଳିବ ବରଂ ବଜାରରେ ବିକ୍ରି ବଢ଼ିବ । ଏହା ଦ୍ୱାରା ସରକାର ଦୀର୍ଘ ଅବଧିରେ ଅଧିକ ରାଜସ୍ୱ ଆୟ କରିବେ । ତେବେ ଏହି ପ୍ରସ୍ତାବ ସବୁ ଲାଗୁ କରିବାରେ ରାଜ୍ୟଙ୍କ ସହମତି ଜରୁରୀ । ଅନେକ ରାଜ୍ୟ ପୂର୍ବରୁ ଟିକସ ହ୍ରାସକୁ ବିରୋଧ କରିଛନ୍ତି । କାରଣ ଏହା ଦ୍ୱାରା ରାଜ୍ୟ ରାଜସ୍ୱ ହ୍ରାସର ଆଶଙ୍କା ରହୁଛି ।

**ଅର୍ଥ ବ୍ୟବସ୍ଥାକୁ ନେଇ ରାଜନ୍‌ଙ୍କ ଚେତାବନୀ**

# ବିଶ୍ୱ ସ୍ତରୀୟ ଉତ୍ପାଦ ନିର୍ମାଣରେ ଭାରତ ବିଫଳ

**ନୂଆଦିଲ୍ଲୀ ୧୩।୭(ଏଜେନ୍ସି):** ଜାପାନ ଓ ଜର୍ମାନୀକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି । ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍‌ଙ୍କ ଯୁକ୍ତି ହେଉଛି ଗ୍ଲୋବାଲ ଇନୋଭେସନ ନେତୃତ୍ୱ ବିନା ଏପରି ଉପଲବ୍ଧି ଫମ୍ପା । ଏକ ସ୍ତମ୍ଭରେ ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ଲୋବାଲ ପ୍ରଡକ୍ଟ ଆଇକନ ବା ବିଶ୍ୱ ସ୍ତରୀୟ ଉତ୍ପାଦ ନିର୍ମାଣରେ ଦେଶର ଘୋର ବିଫଳତାକୁ ଉଜାଗର କରିଛନ୍ତି ।

ରାଜନ୍ କହିଛନ୍ତି ଯେ ଘରୋଇ ସ୍ତର ଓ ସରକାରୀ ସମର୍ଥନ ସତ୍ତ୍ୱେ ଭାରତ ଗ୍ଲୋବାଲ ପ୍ରଡକ୍ଟ ଆଇକନ ନିର୍ମାଣ ପାରିନାହିଁ । ସେ ଲେଖିଛନ୍ତି 'ଆମ ପାଖରେ ଗୋଟିଏ ବି ଏମିତି କମ୍ପାନୀ ନାହିଁ ଯେ କି ନିଜର ଉତ୍ପାଦ ପାଇଁ ବିଶ୍ୱ ସ୍ତରରେ ପରିଚିତ ହେଉଛି । ନା ନିଣ୍ଟେଡୋ ନା ସୋନୀ ନା ଟୟୋଟା ଭାରତରେ ଏପରି ଏକ ବିଶ୍ୱସ୍ତରରେ ପରିଚିତ କମ୍ପାନୀଟିଏ ବି ନାହିଁ । ସେ କହିଛନ୍ତି ଯେ ହାଇ ଟାରିଫ ଦ୍ୱାରା ସଂରକ୍ଷିତ ବିଶାଳ କାର ବଜାର ସତ୍ତ୍ୱେ ବିକଶିତ ଦେଶରେ ଗୋଟିଏ ବି ଭାରତୀୟ କାର ମଡେଲ ବିପୁଳ ମାତ୍ରାରେ ବିକ୍ରି ହେଉ ନାହିଁ । ଭାରତର ଅଟୋ ରପ୍ତାନୀ କେବଳ ମୂଲ୍ୟ ସମ୍ବେଦନଶୀଳ ବଜାର ପର୍ଯ୍ୟନ୍ତ ସୀମିତ ହୋଇଯାଇଛି ।



ରାଜନ ବିଦେଶୀ କମ୍ପିଟେଟର୍ସଙ୍କ ସମ୍ପର୍କରେ ଲେଖିଛନ୍ତି ଯେ 'ଯଦି ୱାଲମାର୍ଟ ଭଳି ପ୍ରତ୍ୟକ୍ଷ ବିଦେଶୀ ନିବେଶକ ବିପଦ ସୃଷ୍ଟି କରୁଛନ୍ତି, ତାଙ୍କ ଉପରେ ନିୟାମକ କଟକଣା ଲଗାଅ । ନଚେତ ତାଙ୍କର ପ୍ରତିଯୋଗୀତା କ୍ଷମତାକୁ ଦୁର୍ବଳ କରିବା ଲାଗି ଅବିଶ୍ୱାସ ପ୍ରସ୍ତାବ ଆଣ । ରାଜନଙ୍କ ତର୍କ ହେଉଛି 'ଅନ୍ତରୀଣ ଧ୍ୟାନ' ଏକ ଲକ୍ଷଣ ଓ ଏକ ଜାଲ ମଧ୍ୟ । ସେ ଚେତାବନୀ ଦେଇଛନ୍ତି ଘରୋଇ ବଜାର ଯେତିକି ପରିବର୍ଦ୍ଧିତ ହେଉଛି, ସମସ୍ୟା ଆହୁରି ଜଟିଳ ହେବାରେ ଲାଗିଛି । ରାଜନ କହିଛନ୍ତି ଭାରତୀୟ ଔଷଧ କମ୍ପାନୀଙ୍କ ଯଦିଓ ବୈଶ୍ୱିକ ଉପସ୍ଥିତି ଅଛି ତେବେ ଜେନେରିକ ଔଷଧର ମୂଳ ଫର୍ମେସନ ଆଡକୁ ମୁହାଁଇବାକୁ ବିଫଳ ହୋଇଛନ୍ତି । ସେହିପରି ସଫ୍ଟୱେର କ୍ଷେତ୍ର ଯାହା 'ୱାଇ୨କେ' କାଳରେ ସମ୍ପ୍ରସାରିତ ହୋଇଥିଲା ଏପର୍ଯ୍ୟନ୍ତ ବୈଶ୍ୱିକ ସ୍ତରରେ ପ୍ରଭାବଶାଳୀ ଉତ୍ପାଦ ପ୍ରସ୍ତୁତ କରିପାରିନାହିଁ ।

## 'ସବ୍‌ସେ ପେହେଲେ ଜୀବନ ବୀମା' ଅଭିଯାନ ଆରମ୍ଭ

**ମୁମ୍ବାଇ ,୧୩।୭:** ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ ବୀମା ସୁରକ୍ଷା ବ୍ୟବଧାନ ସହିତ ସଂଘର୍ଷ ଜାରି ରଖିଛି । ଡିସେମ୍ବର ୨୦୨୩ ଏନଆଇଏ ଅଧ୍ୟୟନ ଅନୁସାରେ ଯାହା ୨୦୧୯ରେ ୮୩%ରୁ ୨୦୨୩ରେ ୮୭%କୁ ବୃଦ୍ଧି ପାଇଛି । ୧୮-୩୫ ବର୍ଷ ବୟସ୍କଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଅଧିକ ସ୍ପଷ୍ଟ ଓ ୯୦% ଅତିକ୍ରମ କରିଛି । ପ୍ରବେଶର ଚ୍ୟାଲେଂଜକୁ ମୁକାବିଲା କରିବା ଲାଗି ଭାରତର ସମସ୍ତ ଜୀବନବୀମାକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବୀମା ସଚେତନତା କମିଟି ଏହାର ଜାତୀୟ ଅଭିଯାନର ପରବର୍ତି ପର୍ଯ୍ୟାୟ ସବସେ ପେହେଲେ ଜୀବନ ବୀମା ଆରମ୍ଭ କରିଛି । ଏହି ପଦକ୍ଷେପ ପ୍ରତ୍ୟେକ ଭାରତୀୟଙ୍କୁ ନୂଆ ଉତ୍ସାହ ସହ ଜୀବନ ବୀମାକୁ ସେମାନଙ୍କ ଆର୍ଥିକ ଯାତ୍ରାରେ ମୂଳଦୁଆ କରିବା ପାଇଁ ପ୍ରେରଣା ଯୋଗାଇବ । ଏହାର ମୂଳରେ ଏହି ଅଭିଯାନ ମୌଳିକ ସୁରକ୍ଷାକୁ ଅଣଦେଖା କରି ସଂଚୟ ଓ ନିବେଶକୁ ପ୍ରାଥମିକତା ଦେବାର ସାଧାରଣ ଅଭ୍ୟାସକୁ ଚ୍ୟାଲେଞ୍ଜ କରିଛି । ଏହା ପୁନଃନିର୍ଦ୍ଦେଶ କରେ ଯେ, ଜୀବନ ବୀମା ଯେକୌଣସି ସୁରକ୍ଷିତ ଆର୍ଥିକ ଯୋଜନାର ଆରମ୍ଭ ବିନ୍ଦୁ ହେବା ଉଚିତ- ଯାହା ପିଲାମାନଙ୍କ ପାଇଁ ଶିକ୍ଷା, ଅବସର ଓ ଭବିଷ୍ୟତ ଲକ୍ଷ୍ୟ ପୂରଣ ପାଇଁ ମୂଳଦୁଆ ପ୍ରଦାନ କରେ ।

## ଆମାଜନ୍ ପ୍ରାଇମ୍ ଡେ' ୨୦୨୫ ଆରମ୍ଭ

**ନୂଆଦିଲ୍ଲୀ ,୧୩।୭:** ଆମାଜନ ଇଣ୍ଡିଆ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଏହାର ସବୁଠାରୁ ପ୍ରତୀକ୍ଷିତ ସପିଂ ଫେଷ୍ଟିଭାଲ୍-ପ୍ରାଇମ୍ ଡେ ୨୦୨୫ ଆରମ୍ଭ ହୋଇଯାଇଛି । ଜୁଲାଇ ୧୨ ରାତି ୧୨ଟା ରୁ ଜୁଲାଇ ୧୪ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ, ଗ୍ରାହକମାନେ ସ୍ମାର୍ଟଫୋନ୍,ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ, ଘର ଏବଂ ରୋଷେଇ ଘର, ଗ୍ରୋସେରୀ ଏବଂ ଅନ୍ୟାନ୍ୟ ବର୍ଗରେ ୭୨ ଘଣ୍ଟା ପର୍ଯ୍ୟନ୍ତ ସର୍ବୋତ୍ତମ ଡିଲ୍, ବ୍ଲକବଷ୍ଟର ଶୁଭାରମ୍ଭ ଏବଂ ସବୁଠାରୁ ଦ୍ରୁତତମ ଡେଲିଭରିର ମଜା ନେଇପାରିବେ । ପ୍ରାଇମ୍ ସଦସ୍ୟମାନେ ସ୍ମାର୍ଟଫୋନ୍,ଇଲେକ୍ଟ୍ରୋନିକ୍ସ ଏବଂ ଉପକରଣ, ଫ୍ୟାଶନ୍, ସୌନ୍ଦର୍ଯ୍ୟ ଉତ୍ପାଦ, ଘର ଏବଂ ରୋଷେଇ ଘରର ଆବଶ୍ୟକୀୟ ସାମଗ୍ରୀ, ଗ୍ରୋସେରୀ ଏବଂ ଅନ୍ୟାନ୍ୟ ବର୍ଗ ସହିତ ୪୦୦ ରୁ ଅଧିକ ଶ୍ରେଷ୍ଠ ଭାରତୀୟ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ହଜାର ହଜାର ନୂତନ ଉତ୍ପାଦ ଲଂଚର ପ୍ରାରମ୍ଭିକ ପ୍ରବେଶ ପାଇବେ । ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ, ଏସବିଆଇ କ୍ରେଡିଟ୍ କାର୍ଡ ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଏସବିଆଇ କ୍ରେଡିଟ୍ କାର୍ଡରେ ଇଏମଆଇ କାରବାର ବ୍ୟବହାର କରି ପେମେଂଟରେ ୧୦% ସଞ୍ଚୟ ସହିତ ଅଧିକ ସଞ୍ଚୟ କରିପାରିବେ ।

amazon.in

## ଏଚ୍‌ପି ଲେଜର୍ ଏମ୍-୩୦୦ ସିରିଜ୍ ପ୍ରିଣ୍ଟର

**ନୂଆଦିଲ୍ଲୀ,୧୩।୭:** ଏଚ୍‌ପି ପକ୍ଷରୁ ଭାରତରେ ନୂଆ ଏଚ୍‌ପି ଲେଜର ଏମ୩୦୦ ସିରିଜ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଲେଜର ପ୍ରିଂଟର୍ ରେଞ୍ଜକୁ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ଏମବି, ସ୍ଥାନୀୟ ବ୍ୟବସାୟ ଓ ପ୍ରିଂଟିଂଙ୍ଗ ସର୍ଭିସ ଦୋକାନଗୁଡିକର ଆବଶ୍ୟକତା ପୂରଣ ପାଇଁ ନିର୍ମାଣ କରାଯାଇଛି । ଏହି ସିରିଜରେ ୫ଟି ମଡେଲ ଯଥା ଲେଜର ଏମଏଫପି ୩୨୩ଏସ୍‌ଡିଏନଡବ୍ଲ୍ୟୁ, ୩୨୩ଡିଏନଡବ୍ଲ୍ୟୁ, ୩୨୩ଡି, ୩୦୩ଡିଡବ୍ଲ୍ୟୁ ଓ ୩୦୩ଡି ସାମିଲ ରହିଛି ଯାହା ସୁଲଭ ମୂଲ୍ୟ ବର୍ଗରେ ଦ୍ରୁତ ଅଟୋ-ଡୁପ୍ଲେକ୍ସ ପ୍ରିଂଟିଂଙ୍ଗ, ଉନ୍ନତ ପ୍ରିଂଟ୍ ଗୁଣବତ୍ତା ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି । ନୂଆ ଏଚ୍‌ପି ଲେଜର ଏମ୩୦୦ ସିରିଜକୁ ଭାରତୀୟ ବ୍ୟବସାୟଗୁଡିକ ପାଇଁ ନିର୍ମାଣ କରାଯାଇଛି ଯାହା ବେଗ,ମଜବୁତ ଡିଜାଇନ, କମ୍ ରକ୍ଷଣାବେକ୍ଷଣ ଓ ପରିବେଶ ଅନୁକୂଳ ପ୍ରିଂଟିଂଙ୍ଗ ଆବଶ୍ୟକ କରିଥାଏ । ପ୍ରତି ମିନିଟ ପିଛା ୩୦ଟି ପର୍ଯ୍ୟନ୍ତ ପୃଷ୍ଠାର ପ୍ରିଂଟ୍ ସ୍ପିଡ ଓ ସମସ୍ତ ମଡେଲରେ ଅଟୋମାଟିକ ଟୁ-ସାଇଡେଡ ପ୍ରିଂଟିଂଙ୍ଗ ସହିତ ଏହି ସିରିଜ ଉପଭୋକ୍ତାଙ୍କୁ ସହଜରେ ଅଧିକ କାର୍ଯ୍ୟଭାରକୁ ନିୟନ୍ତ୍ରଣ କରିବା ପାଇଁ ସକ୍ଷମ କରିଥାଏ । ଏହି ସିରିଜ ସ୍ପଷ୍ଟ କଳା ରଙ୍ଗର ଟେକ୍ସଟ ଓ ଗ୍ରାଫିକ୍ସ ପ୍ରଦାନ କରିବା ପାଇଁ ଆଡ୍‌ଭାନ୍ସଡ ଟୋନରର ବ୍ୟବହାର କରୁଛି ଏବଂ ଏଚ୍‌ପି ସ୍ମାର୍ଟ ମାଧ୍ୟମରେ ସହଜ ମୋବାଇଲ ପ୍ରିଂଟିଂଙ୍ଗକୁ ସପୋର୍ଟ କରୁଛି ।

# ରେଳବାଇର ୭୪ ହଜାର କୋଚ୍‌ରେ ଲାଗିବ ସିସିଟିଭି କ୍ୟାମେରା

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି)**



● ୧୫ ହଜାର ଇଞ୍ଜିନ୍‌ରେ ସଂସ୍ଥାପନ ଯୋଜନା

● ସନ୍ଦିଗ୍ଧଙ୍କ ଗତିବିଧି ଉପରେ ରହିବ ତୀକ୍ଷ୍ଣ ନଜର

ଭାରତୀୟ ରେଳବାଇ ଦେଶର ସମସ୍ତ ୭୪,୦୦୦ ଟ୍ରେନ କୋଚ ଏବଂ ୧୫,୦୦୦ ଲୋକୋମୋଟିଭ୍ (ବୈଦ୍ୟୁତିକ ଇଞ୍ଜିନ୍)ରେ ହାଇ-ଟେକ୍ ସିସି ଟିଭି କ୍ୟାମେରା ଲଗାଇବାକୁ ଘୋଷଣା କରିଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜୁଲାଇ ୧୨ରେ ଅନୁଷ୍ଠିତ ଏକ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି । ଏହି ପ୍ରକଳ୍ପକୁ ଉତ୍ତର ରେଳବାଇରେ ପରୀକ୍ଷଣ କରାଯାଇଛି । ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କଠାରୁ ମିଳିଥିବା ପ୍ରକଳ୍ପର ପ୍ରତିକ୍ରିୟା ପରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି । ରେଳବାଇ ପ୍ରତ୍ୟେକ କୋଚ୍‌ରେ ୪ଟି ଡୋମ୍ ପ୍ରକାରର ସିସି ଟିଭି କ୍ୟାମେରା ଲଗାଇବ । କୋଚ୍‌ର ପ୍ରତ୍ୟେକ ଗେଟରେ ଦୁଇଟି କ୍ୟାମେରା ରହିବ । ଏହାବ୍ୟତୀତ, ପ୍ରତ୍ୟେକ ଇଞ୍ଜିନ୍‌ରେ ୬ଟି ସିସି ଟିଭି କ୍ୟାମେରା ଲଗାଯିବ । ସେମାନଙ୍କର ସ୍ଥିତି ଇଞ୍ଜିନର ଆଗ, ପଛ ଏବଂ ଉଭୟ ପାର୍ଶ୍ୱରେ ରହିବ । ଗୁଣାତ୍ମକ ଫୁଟେଜ୍ ପାଇଁ ସର୍ବଶେଷ ପ୍ରଯୁକ୍ତିବିଦ୍ୟା କ୍ୟାମେରା ଲଗାଯିବ । ଇଞ୍ଜିନ୍‌ରେ ଲୋକୋର ପ୍ରତ୍ୟେକ କ୍ୟାବିନ୍‌ରେ (ସମ୍ମୁଖ ଏବଂ ପଛ) ଗୋଟିଏ ଡୋମ୍ କ୍ୟାମେରା ଏବଂ ଦୁଇଟି ଡେସ୍କ ମାଉଣ୍ଟେଡ୍ ମାଇକ୍ରୋଫୋନ୍ ମଧ୍ୟ ଲଗାଯିବ । ଏହି କ୍ୟାମେରାଗୁଡ଼ିକ ଏସ୍‌ଟିକ୍ୟୁସି(ମାନକୀକରଣ ପରୀକ୍ଷା ଏବଂ ଗୁଣବତ୍ତା) ପ୍ରମାଣିତ ଏବଂ ସର୍ବଶେଷ ପ୍ରଯୁକ୍ତିବିଦ୍ୟାର ହେବ, ଯାହା ଦ୍ୱାରା ୧୦୦ କିଲୋମିଟରରୁ ଅଧିକ ବେଗରେ ଏବଂ କମ୍ ଆଲୋକରେ ମଧ୍ୟ ଉଚ୍ଚମାନର ଫୁଟେଜ୍ ମିଳିପାରିବ । ଯାତ୍ରୀଙ୍କ ଗୋପନୀୟତାକୁ ଧ୍ୟାନରେ ରଖି ରେଳବାଇ କେବଳ ଦ୍ୱାର ନିକଟରେ ସାଧାରଣ ଅଞ୍ଚଳରେ କ୍ୟାମେରା ଲଗାଯିବ । ଏହାବ୍ୟତୀତ, ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସିସିଟିଭି ଫୁଟେଜ୍ ଏବଂ ଡାଟା ସୁରକ୍ଷାର ଗୁଣବତ୍ତା ସହିତ କୌଣସି ସାଲିସ କରାଯିବନାହିଁ ।

ଭାରତ ଏଆଇ ମିଶନ ସହିତ ମିଳିତ ଭାବରେ ରେଳବାଇ, ସିସିଟିଭି ଡାଟାରେ ଏଆଇ ମଧ୍ୟ ବ୍ୟବହାର କରିବ, ଯାହା ସନ୍ଦେହଜନକ କାର୍ଯ୍ୟକଳାପକୁ ଚିହ୍ନଟ କରିବା ସହଜ କରିବ । ଏହା ସହିତ, ଟ୍ରେନରେ ଚୋରି, ଟାମ୍ପରିଂ, ଡକାୟତି ଏବଂ ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ଏବେ ସମ୍ଭବ ହେବ । ଯେଉଁମାନେ ରେଳ ସମ୍ପତ୍ତିକୁ କ୍ଷତି ପହଞ୍ଚାଉଛନ୍ତି ସେମାନଙ୍କ ବିରୁଦ୍ଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ସମ୍ଭବ ହେବ ।

## ନେକ୍ସଟକ୍ୱାଣ୍ଟମ ପକ୍ଷରୁ ଏଆଇ+ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୩।୭:** ନେକ୍ସଟକ୍ୱାଣ୍ଟମ ପକ୍ଷରୁ ଭାରତର ପ୍ରଥମ ଫୁଲି ଅଥର୍‌ଡ ସ୍ମାର୍ଟଫୋନ ଏଆଇ+ସ୍ମାର୍ଟଫୋନର ଉନ୍ମୋଚନ କରିଛି, ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ନିର୍ମାଣ କରାଯାଇଛି । ନେକ୍ସଟକ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଓ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠଙ୍କ ସମେତ ଗୁଗଲ କ୍ଲାଉଡ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶଶୀକୁମାର ଶ୍ରୀଧରନ ଏବଂ ଫ୍ଲିପ୍‌କାର୍ଟର ମୋବାଇଲ ବିଭାଗର ଉପାଧକ୍ଷ ସ୍ମୃତି ରବିଚନ୍ଦ୍ରନଙ୍କ ନେତୃତ୍ୱରେ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି । ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟକ୍ୱାଣ୍ଟମ ଓଏସ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି । ମାଧବ ସେଠ୍‌ଙ୍କ ଦ୍ୱାରା ଉନ୍ମୋଚିତ ଓ ନେକ୍ସଟକ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିରେ ତା ଙ୍କ ଟିମ୍ ଦ୍ୱାରା ନିର୍ମିତ ଏଆଇ+ ସ୍ମାର୍ଟଫୋନ ଶୃଙ୍ଖଳାରେ ୨ଟି ସ୍ମାର୍ଟଫୋନ ପଲ୍‌ସ ଓ ନୋଭା ୫ଜି ଅନ୍ତର୍ଭୁକ୍ତ ରହିଛି ଏବଂ ପ୍ରତ୍ୟେକ ସ୍ମାର୍ଟଫୋନର ୫ଟି ରଙ୍ଗ ଉପଲବ୍ଧ ।



# ଆଇପିଏସ୍ ସୋନାଲି ମିଶ୍ରା ଆର୍‌ପିଏଫ୍‌ର ପ୍ରଥମ ମହିଳା ଡିଜି

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ବରିଷ୍ଠ ଆଇପିଏସ୍ ଅଫିସର ସୋନାଲି ମିଶ୍ରା ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ପ୍ରଥମ ମହିଳା ମହା ନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩୧ରୁ ସେ ମନୋଜ ଯାଦବଙ୍କଠାରୁ ଏହି ଗୁରୁଦାୟିତ୍ୱ ବହନ କରିବେ। ଏହାକୁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ ଅନୁମୋଦନ ଦେଇଛି। ସୋନାଲି ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର। ଭାରତର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ବହନ କରିବେ। ସେ ଏବେ ମଧ୍ୟପ୍ରଦେଶ ପୁଲିସରେ ଆଡିସନାଲ ଡାଇରେକ୍ଟର ଜେନେରାଲ (ସିଲେକସନ) ଭାବେ କାର୍ଯ୍ୟରତ ଅଛନ୍ତି। ସୋନାଲି ପୂର୍ବରୁ ୨୦୨୧ ଜୁଲାଇରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍)ର ପ୍ରଥମ ମହିଳା କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପଞ୍ଜାବର ଭାରତ- ପାକିସ୍ତାନୀ ସୀମାରେ ନିୟୋଜିତ ଥିଲେ। କଶ୍ମୀର ଉପତ୍ୟକାରେ ମଧ୍ୟ ସେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ବିଏସ୍‌ଏଫ୍ ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ପିପିଏମ୍‌ଡିଏସ୍ (ପ୍ରେସିଡେଣ୍ଟ ପୁଲିସ ମେଡାଲ ଫର ଡିଷ୍ଟିଙ୍ଗୁଇସ୍ ସର୍ଭିସ) ଓ ପିଏମ୍‌ଏମ୍‌ଏସ୍ (ପୁଲିସ ମେଡାଲ ଫର୍ ମେରିଟୋରିୟସ ସର୍ଭିସ) ପୁରସ୍କାର ହାସଲ କରିଛନ୍ତି।



## ଅମରନାଥ ଯାତ୍ରାରେ ଅଘଟଣ | ପରସ୍ପରକୁ ଧକ୍କାଦେଲେ ୩ ବସ୍; ୧୦ ଆହତ

ପହଲଗାମ,୧୩।୭(ଏଜେନ୍ସି): ଅମରନାଥ ଯାତ୍ରା ୧୦ମ ଦିବସରେ ପହଞ୍ଚିଛି। ଯାତ୍ରା ବେଳେ ୩ଟି ବସ୍ ପରସ୍ପରକୁ ଧକ୍କା ଦେବା ଫଳରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବାଲଟାଲକୁ ଯାଉଥିବା ଥିବା ବେଳେ ୩ଟି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ତାଚଲୁ କ୍ରସିଂ ନିକଟ୍‌ରେ ଦୁର୍ଘଟଣା ହୋଇଥିଲା। ରବିବାର ଦଶମ ଦିବସରେ ମୋଟ୍ ୧୯,୦୨୦ ଶ୍ରଦ୍ଧାଳୁ ଅମରନାଥର ପବିତ୍ର ଗୁମ୍ଫାରେ ହିମ ଶିବଲିଙ୍ଗ ଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ଏକ ଲକ୍ଷ ୮୩ ହଜାର ଭକ୍ତ ଅମରନାଥ ଦର୍ଶନ କରିସାରିଛନ୍ତି। ଏହି ପବିତ୍ର ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଥିଲା ଓ ଏହା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ୭,୦୪୯ ଯାତ୍ରୀଙ୍କୁ ନେଇ ଦ୍ୱାଦଶ ପର୍ଯ୍ୟାୟର ଯାତ୍ରା ଭଗବତୀ ନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ ଦିନ



ଗୁରୁବାରରେ ୧୨୩୪୮, ଶୁକ୍ରବାର ୧୪୫୧୫, ଶନିବାର ୨୧୧୦୯, ରବିବାର ୨୧୫୧୨, ସୋମବାର ୨୩୮୫୭ ଭକ୍ତ ଦର୍ଶନ ପାଇଁ ଅମରନାଥ ପହଞ୍ଚିଥିଲେ।

## କୋଟାରେ ଟ୍ରକ୍‌କୁ ପିଟିଲା ଟ୍ରାଭେଲର | ଗୋଟିଏ ପରିବାରର ୪ ମୃତ, ୧୦ ଆହତ

କୋଟା,୧୩।୭(ଏଜେନ୍ସି): ରବିବାର ସକାଳେ ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଠିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ ମିନିବସ ତଥା ଟ୍ରାଭେଲର ଧକ୍କା ଦେଇଥିଲା। ଗ୍ରାମୀଣ କୋଟାର ବୁଦ୍ଧାଦିତ ଅଞ୍ଚଳରେ ଭୋର ୫ଟାରେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ଥିତି ଅତି ଗମ୍ଭୀର ବୋଲି କୁହାଯାଇଛି। ଚମ୍ବଲ ବ୍ରିଜ୍ ଉପରେ ଏହି ଟ୍ରକ୍ ଠିଆ ହୋଇଥିଲା। ଆହତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହ ଗୁଡିକୁ ମଧ୍ୟ ଏହି ହସ୍ପିଟାଲରେ ରଖାଯାଇଛି। ମଧ୍ୟପ୍ରଦେଶରୁ ଇନ୍ଦୋରୁ ବସ୍‌ରେ ଏହି ପରିବାର ରାଜସ୍ଥାନର କାରୁଲି



ଯାଉଥିଲେ। ଏକ ନିର୍ବନ୍ଧ ସମାରୋହରେ ଅଂଶଗ୍ରହଣ କରି ଏମାନେ ଘରକୁ ଫେରୁଥିଲେ। ରାତି ୯ଟାରେ ଏହି ବସ୍ ଇନ୍ଦୋରରୁ ବାହାରି ଥିଲା।

## ପାଟନାରେ ସ୍ୱଷ୍ଟ ଦିବାଲୋକରେ ଓକିଲଙ୍କୁ ଗୁଳି

# ୨୪ ଘଣ୍ଟାରେ ୪ ହତ୍ୟା

ପଟନା,୧୩।୭(ଏଜେନ୍ସି): ଅପରାଧୀଙ୍କ ଚରାଭୂଇଁ କୁହାଯାଉଥିବା ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଜଣଙ୍କୁ ହତ୍ୟା କରାଯାଇଛି। ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକିଥିବା ବେଳେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟୟକୁ ନେଇ ପ୍ରଶ୍ନ ଉଠିଛି ଓ ସାଧରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସ୍ୱଷ୍ଟ ଦିବାଲୋକରେ ଜିତେନ୍ଦ୍ର କୁମାର ମାହତୋ ନାମକ ଜଣେ ଓକିଲଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଛନ୍ତି। ପାଟନା ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ହୋଇଛି। ୫୮ ବର୍ଷୀୟ ଜିତେନ୍ଦ୍ର ଚା' ପିଇ ଫେରୁଥିବା ବେଳେ ତାଙ୍କୁ ଗୁଳି ହୋଇଥିଲା। ସଙ୍ଗେସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିଦିନ ସେହି ସ୍ଥାନକୁ ଚା ପିଇବାକୁ ଯାଉଥିବା ଜିତେନ୍ଦ୍ରଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଜଣାପଡ଼ିନାହିଁ। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୁଲତାନପୁର ପୁଲିସ ଏହି ଘଟଣା ତଦନ୍ତ ଭାର ହାତକୁ ନେଇଛି। ତଦନ୍ତ ପାଇଁ ଫୋରେନସିକ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

**ଦୁର୍ବୃତ୍ତଙ୍କ ଶୀକାର ହେଲେ ପଶୁ ଡାକ୍ତର, ବ୍ୟବସାୟୀ**

ଏହାପୂର୍ବରୁ ଶନିବାର ସୀତାମାରି ଜିଲ୍ଲାର ବ୍ୟସ୍ତବହୁଳ ମେହସାଉଲ ଛକରେ ବ୍ୟବସାୟୀ ପୁଟୁ ଖାନ୍‌ଙ୍କୁ ଅତି ନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରାଯାଇଛି।

ସେହିପରି ପାଟନା ଜିଲ୍ଲାର ଶେଖପୁରା ଗାଁରେ ପଶୁ ଡାକ୍ତର ସୁରେନ୍ଦ୍ର କୁମାରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚାଷ ଜମିରେ ପାଣି ଦେବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ।

ଅନ୍ୟଏକ ଘଟଣାରେ ପାଟନାର ବିକ୍ରମ ଝା ନାମକ ଜଣେ ତେଜରାତି ଦୋକାନୀଙ୍କୁ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ରାମକୃଷ୍ଣ ନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ୨୪ ଘଣ୍ଟାରେ ଏଭଳି ୪ଟି ହତ୍ୟାକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ୪ ଜଣ ସଦସ୍ୟଙ୍କୁ ପଠାଇବାକୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ସରକାରୀ ଓକିଲ ତଥା ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ଉଜ୍ଜ୍ୱଳ ନିକମ୍ ସାମିଲ ରହିଛନ୍ତି। ନିକମ୍ ମୁମ୍ବଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମେତ ଏକାଧିକ ମାମଲାରେ ପବ୍ଲିକ ପ୍ରସିକ୍ୟୁଟର ଥିଲେ। ସେହିପରି କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ସି. ଚିଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ମୁମ୍ବଇର ହର୍ଷବର୍ଦ୍ଧନ ଶୃଙ୍ଗଲା ଏବଂ ଦିଲ୍ଲୀର ଇତିହାସକାର ତଥା ଶିକ୍ଷାବିତ୍ ମିନାକ୍ଷୀ ଜୈନ୍ ମଧ୍ୟ ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ରାଜ୍ୟସଭା ଯିବା ନିଶ୍ଚିତ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୮୦ (୩) ଅନୁସାରେ ରାଷ୍ଟ୍ରପତି ୧୨ଜଣଙ୍କୁ ରାଜ୍ୟସଭା ସଦସ୍ୟ ମନୋନୀତ କରିବାର ବ୍ୟବସ୍ଥା ରହିଛି।

## ଲଣ୍ଡନରେ ବିମାନ ଦୁର୍ଘଟଣା



ଲଣ୍ଡନ,୧୩।୭(ଏଜେନ୍ସି): ଲଣ୍ଡନର ଏସେକ୍ସସ୍ଥିତ ସାଉଥ୍‌ଏଣ୍ଡ ବିମାନ ବନ୍ଦରରେ ରବିବାର ଏକ ପ୍ୟାସେଞ୍ଜର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବିମାନଟି ବିଚ୍ ବି-୨୦୦ ମଡେଲର ଥିଲା ଓ ଏହା ନେଦରଲାଣ୍ଡସର ଲେଲିଷ୍ଟାଡକୁ ଯାତ୍ରା କରୁଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟି ଆକାଶରେ ଏକ ନିଆଁଗୋଳା ଭଳି ଦେଖାଯାଉଥିଲା। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁର୍ଘଟଣାର କାରଣ ନେଇ କିଛି ସୂଚନା ମିଳିନାହିଁ। ସ୍ଥାନୀୟ ସମୟ ଅପରାହ୍ଣ ୪ ଟା ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

## ଆମେରିକାରେ ଗିରଫ ହେଲେ ୮ ଖଲିସ୍ତାନୀ ଆତଙ୍କବାଦୀ




ଜଲନ୍ଧର,୧୩।୭(ଏଜେନ୍ସି): ଭାରତରୁ ଫେରାର ହୋଇ ଆମେରିକା ଯାଇଥିବା କେତେଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦେଶର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇ ଗିରଫ କରିଛି। ଏଫ୍‌ବିଆଇ ଓ କେତେକ ସ୍ଥାନୀୟ ଏଜେନ୍ସି ଜୁଲାଇ ୧୧ରେ କାର୍ଲିଫର୍ଣ୍ଣିଆର ସେନ୍ ଜୋକ୍ୱିନ କାଉଣ୍ଟିରେ ବଡ଼ ଧରଣର ଚଢ଼ାଉ କରି ୮ ଜଣ ଖଲିସ୍ତାନୀ ଆତଙ୍କୀଙ୍କୁ ଗିରଫ କରିଛି। ଏହି ଆତଙ୍କୀମାନେ ହେଲେ ଦିଲପ୍ରୀତ ସିଂହ, ଅର୍ଶପ୍ରୀତ ସିଂହ, ଅମୃତପାଲ ସିଂହ, ବିଶାଳ, ପବିତ୍ର ସିଂହ ଓର୍ଫ ପବିତ୍ର ବାଟ୍‌ଲା, ଗୁରତାଜ ସିଂହ, ମନପ୍ରୀତ ରାନ୍ଧୱା ଓ ସରବଜିତ ସିଂହ। ଏମାନଙ୍କ ବିରୋଧରେ ଭିନ୍ନ ଭିନ୍ନ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଲିସ୍ତାନ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ୍ କରାଯିବା ପରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏମାନଙ୍କ ବିରୋଧରେ ଅପହରଣ, ନିର୍ଯାତନା, ଅପରାଧିକ ଷଡ଼ଯନ୍ତ୍ର, ସାକ୍ଷୀଙ୍କୁ ଭୟଭିତ କରାଇବା ଓ ଅନ୍ୟ ମାମଲା ରୁଜୁ କରାଯାଇଛି। ପବିତ୍ର ବାଟଲାକୁ ଗିରଫ କରାଯିବା ସବୁଠାରୁ ବଡ଼ ଘଟଣା ବୋଲି କୁହାଯାଇଛି। ସେ ବାବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡିତ ରହିଛି। ଏମାନେ ସବୁ ଅବୈଧ ଉପାୟରେ ଭାରତରୁ ଯାଇ ଆମେରିକାରେ ପ୍ରବେଶ କରିଥିଲେ ବୋଲି ଭାରତୀୟ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି।

## ତୈଳବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ | ଜଳିଗଲା ୧୮ ବଗି

ଚେନ୍ନଇ,୧୩।୭(ଏଜେନ୍ସି): ତାମିଲନାଡୁର ଥିରୁଭାଲୁର ରେଲ ଷ୍ଟେସନ ନିକଟ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ମନାଲୀରୁ ଜୋଲାରକେଟ ବାଟ ଦେଇ କର୍ଣ୍ଣାଟକ ଯାଉଥିଲା। ଡିଜେଲକୁ ନେଇ ଯାଉଥିବା ଏହି ମାଲଗାଡି ଲାଇନଚ୍ୟୁତ ହେବା ଫଳରେ ୧୮ଟି ବଗି ଜଳିଯାଇଛି। ୫୨ଟି ବଗିରେ ଡିଜେଲ ଥିଲା। ସେଥିମଧ୍ୟରୁ ୪୦ଟି ଅଲଗା କରାଯାଇଛି। ଷ୍ଟେଶନ ଓ ଆଖପାଖ ଅଞ୍ଚଳକୁ ଖାଲି କରାଯାଇଛି ଓ ଏଲ୍‌ପିଜି ସିଲିଣ୍ଡରଗୁଡିକୁ ଦୂରକୁ ନିଆଯାଇଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି।ରବିବାର ସକାଳ ୫.୩୦ରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବା ନେଇ କାରଣ ସମ୍ପର୍କରେ ଏବେ କିଛି ସୂଚନା ମିଳିନାହିଁ। ଦମକଳର ଏକାଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୧୦ଟି ଦମକଳ ଗାଡି ସହାୟତାରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ରେଳବାଇ ଓ ପୁଲିସ ରେଳ ଲାଇନ୍‌ରେ ଥିବା ଫାଟ ନେଇ ଯାଞ୍ଚ କରୁଛି।



## ଅପରେସନ କାଳନେମୀ | ୨୫୯ ନକଲି ବାବା ଗିରଫ

ଡେରାଡୁନ,୧୩।୭(ଏଜେନ୍ସି): ଅପରେସନ କାଳନେମୀ ଦ୍ୱାର ଉତ୍ତରାଖଣ୍ଡ ପୁଲିସ୍ ରାଜ୍ୟରେ ୨୫୯ ଜଣ ନକଲି ବାବାଙ୍କୁ ଗିରଫ କରିଛି। ଧର୍ମନାମରେ ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସ ସହ ଖେଳିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଉତ୍ତରାଖଣ୍ଡକୁ ଦେବଭୂମି ବୋଲି ଅଭିହିତ କରାଯାଇଥାଏ। ଏବେ ଶ୍ରାବଣ ମାସ ଚାଲିଥିବା ବେଳେ କାଉଡିଆଙ୍କୁ ଭ୍ରମିତ କରିବାକୁ ଏହି ବାବାମାନେ ପ୍ରୟାସ କରୁଥିଲେ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସାରା ରାଜ୍ୟରେ ଲୋକଙ୍କୁ ଠକୁଥିବା ଏହି ନକଲି ସାଧୁବାବାମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅପରେସନ କାଳନେମୀ ବୋଲି କୁହାଯାଉଛି। ଗିରଫ ହୋଇଥିବା ବାବାମାନଙ୍କ ମଧ୍ୟରୁ ଏକାଧିକ ରାଜ୍ୟ ବାହରର ଓ ଜଣେ ବାଂଲାଦେଶର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କାଳନେମୀ ହେଉଛି ହିନ୍ଦୁ ପୁରାଣର ଏକ ଅସୁର ତଥା ରାକ୍ଷସର ନାମ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ସେ ବିଭିନ୍ନ ରୂପରେ ଦେଖା ଦେଇଛି। ରାମାୟଣରେ ସେ ମାରିଚର ପୁଅ ଓ ରାବଣର ମାମୁଁ ଥିଲା। ହନୁମାନଙ୍କୁ ରୋକିବା ପାଇ ତାକୁ ପଠାଯାଇଥିଲା। ମହାଭାରତରେ ସେ ଜଣେ ଶକ୍ତଶାଳୀ ଅସୁର ଥିଲା ଓ ତାକୁ ଭଗବାନ ବିଷ୍ଣୁ ତାରକାମୟ ଯୁଦ୍ଧରେ ବଧ କରିଥିଲେ। ପରେ ସେ କଂସ ରୂପରେ ଜନ୍ମ ନେଇଥିଲା ଓ କୃଷ୍ଣ ତାକୁ ମାରିଥିଲେ।



## ■ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ୨୦୨୪
## ସୁପର୍ ଲିଗ୍‌ରେ ୧୫ ସହର

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୪ର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଶ୍ରେଷ୍ଠ ୧୫ଟି ସ୍ୱଚ୍ଛ ସହରକୁ 'ସ୍ୱଚ୍ଛତା ସୁପର ଲିଗ୍'ରେ ସାମଲ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର, ସୁରତ, ନବୀ ମୁମ୍ବଇ ସମେତ ୧୫ଟି ସହରକୁ ସୁପର ଲିଗ୍‌ରେ ସାମିଲ କରାଯାଇଛି। ଜୁଲାଇ ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛତା ସର୍ଭେ ପୁରସ୍କାର ପ୍ରଦାନ କରିବେ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହି ଲିଗ୍‌ରେ ସାମିଲ ହୋଇଥିବା ସହରଗୁଡିକର ର୍‍ୟାଙ୍କିଙ୍ଗ୍ ତଥା ମାନ୍ୟତା ପ୍ରଦାନ କରାଯାଇନଥାଏ। କିନ୍ତୁ ସହରଗୁଡିକୁ ୧୨,୫୦୦ ଅଙ୍କର ସ୍କିମ୍ ବାବଦରେ ଅଙ୍କ ମିଳିବ। ସ୍ୱଚ୍ଛତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ଗୁଜରାଟର ଅହମଦାବାଦ୍ ପ୍ରଥମ ଓ ଲକ୍ଷ୍ନୌ ଦ୍ୱିତୀୟ ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସର୍ଭେ କମିଟିରେ ସ୍ଥାନ ପାଇଥିବା ଅଧିକାରୀ କହିଛନ୍ତି। ତେବେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ରାଷ୍ଟ୍ରପତି ପୁରସ୍କାର ଦେବା ଅବସରରେ ହିଁ ତାଲିକା ଘୋଷଣା କରାଯିବ ବୋଲି କୁହାଯାଇଛି।


## ସାମରିକ ମେଣ୍ଟ ନ କରିବାକୁ ଆମେରିକା, ଦ. କୋରିଆ ଓ ଜାପାନକୁ ରୁଷ୍‌ର ଚେତାବନୀ

ପୋଙ୍ଗୟାଙ୍ଗ,୧୩।୭(ଏଜେନ୍ସି): ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ ଶନିବାର ଆମେରିକା, ଦକ୍ଷିଣ କୋରିଆ ଓ ଜାପାନକୁ କଡ଼ା ଚେତାବନୀ ଦେଇଛନ୍ତି। ଉତ୍ତର କୋରିଆ ବିରୋଧରେ କୌଣସି ସାମରିକ ମେଣ୍ଟ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ଲାଭରୋଭ ଉତ୍ତର କୋରିଆ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି କିମ୍ ଜଙ୍ଗଙ୍କୁ ସାକ୍ଷାତ କରି ତାଙ୍କୁ ଭ୍ଲାଡିମୀର ପୁଟିନଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ଗତ କେତେବର୍ଷ ମଧ୍ୟରେ ରୁଷିଆ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ବେଶ୍ ଦୃଢ଼ ହୋଇଛି। ୟୁକ୍ରେନ ବିରୋଧରେ ଯୁଦ୍ଧ ଚାଲିଥିବା ବେଳେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବଦଳରେ ରୁଷିଆ ମଧ୍ୟ ଉତ୍ତର କୋରିଆକୁ ଅର୍ଥନୈତିକ ଓ ସାମରିକ ସହାୟତା ଯୋଗାଇ ଦେଉଛି। ଲାଭରୋଭ ଉତ୍ତର କୋରିଆ ବୈଦେଶିକ ମନ୍ତ୍ରୀ ଚୋଇ ସୋନଙ୍କୁ ମଧ୍ୟ ଭେଟିଛନ୍ତି। ଉତ୍ତର କୋରିଆର ଚାରିପଟେ ଜାପାନ, ଆମେରିକା ଓ ଦକ୍ଷିଣ କୋରିଆ ସେନା ଉପସ୍ଥିତିକୁ ଜୋରଦାର କରିଛି ଓ ସୈନ୍ୟ ସଂଖ୍ୟା ବଢାଇବାରେ ଲାଗିଛି ବୋଲି ସେ କହିଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସେ ଏହି ୩ଟି ଦେଶକୁ ସତର୍କ କରାଇଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ବିପକ୍ଷରେ ଚାଲିଥିବା ଯୁଦ୍ଧରେ ରୁଷିଆର ସମର୍ଥନ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ରୁଷ ଓ ଉତ୍ତର କୋରିଆ ମଧ୍ୟରେ ଗତବର୍ଷ ଏକ ସାମରିକ ଚୁକ୍ତି ହୋଇଥିଲା।

### ■ ଇଣ୍ଡୋନେସିଆରେ ଅବୈଧ ଡ୍ରଗ୍ସ ଚାଲାଣ
## ୩ ଭାରତୀୟଙ୍କ ମୃତ୍ୟୁଦଣ୍ଡ ହାଇକୋର୍ଟରେ କାଏମ

ଜାକର୍ତ୍ତା,୧୩।୭(ଏଜେନ୍ସି): ଡ୍ରଗ୍ ତଥା ନିଶାଦ୍ରବ୍ୟ ଅବୈଧ ଚାଲାଣ ଅଭିଯୋଗରେ ୩ ଜଣ ଭାରତୀୟଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ ଇଣ୍ଡୋନେସିଆ ହାଇକୋର୍ଟ ବଜାୟ ରଖିଛନ୍ତି। ଏହି ୩ ଜଣ ଭାରତୀୟ ହେଲେ ରାଜୁ ମୁଥୁକୁମାରନ, ସେଲବଦୁରାଇ ଦିନାକରନ ଓ ଗୋବିନ୍ଦସ୍ୱାମୀ ବିମଲକନ୍ଦନ। ପୂର୍ବରୁ ଏହି ୩ ଜଣଙ୍କୁ ଗତ ଜୁନ୍ ୨୦ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୪ ଜୁଲାଇ ୪ରେ ଏହି ୩ ଜଣଙ୍କୁ ଇଣ୍ଡୋନେସିଆର ରିୟାଉ ଦୀପରେ ଗିରଫ୍ କରାଯାଇଥିଲା। ତାଙ୍କୁ ବାଲାଇ କରିମୁନ ଡିଷ୍ଟ୍ରିକ୍ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲା। ଏବେ ଏହାକୁ ହାଇକୋର୍ଟ ବଜାୟ ରଖିଛନ୍ତି। ଅବଶ୍ୟ ଭାରତ ଏହି ମାମଲାରେ ଆପତ୍ତି ଉଠାଇଛି। ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦୀପ ଚକ୍ରବର୍ତ୍ତୀ ଏ ନେଇ ନିଜର ମତ ରଖିଛନ୍ତି। ଇଣ୍ଡୋନେସିଆର ନ୍ୟାୟ ବ୍ୟବସ୍ଥା ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। କିନ୍ତୁ ଏହି ମାମଲାରେ ପ୍ରମାଣଗୁଡିକୁ ଭଲ ଭାବେ ଯାଞ୍ଚ କରାଯାଇନାହିଁ। ରେୟାର ଅଫ୍ ଦି ରେୟାରେଷ୍ଟ କେସ୍‌ରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ତେଣୁ ଏ ନେଇ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଯମୁନା ନଦୀରୁ ନିଖୋଜ ତ୍ରିପୁରା ଛାତ୍ରୀଙ୍କ ମୃତଦେହ ଉଦ୍ଧାର



ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ତ୍ରିପୁରାର ଜଣେ ୧୯ ବର୍ଷୀୟ ଝିଅ ଦିଲ୍ଲୀରେ ନିଖୋଜ ହେବା ୬ ଦିନପରେ ତାଙ୍କ ମୃତଦେହ ଯମୁନା ନଦୀରେ ମିଳିଛି। ଏହି ଝିଅ ହେଉଛନ୍ତି ଦକ୍ଷିଣ ତ୍ରିପୁରା ଜିଲ୍ଲାର ୧୯ ବର୍ଷୀୟା ସ୍ନେହା ଦେବନାଥ। ଉତ୍ତର ଦିଲ୍ଲୀର ଗୀତା କଲୋନ ଫ୍ଲାଏ ଓଭର ନିକଟରେ ଯମୁନା ନଦୀରୁ ତାଙ୍କୁ ମୃତହେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ସେ ଦକ୍ଷିଣ ଦିଲ୍ଲୀର ପର୍ଯ୍ୟାବରଣ କମ୍ପ୍ଲେକ୍ସରେ ରହୁଥିଲେ। ସ୍ନେହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆତ୍ମାରାମ୍ ସନାତନ ଧର୍ମ କଲେଜରେ ପଢୁଥିଲେ ଓ ଜୁଲାଇ ୭ରେ ଶେଷଥର ପାଇଁ ନିଜ ପରିବାର ସହ ଫୋନ୍‌ରେ କଥା ହୋଇଥିଲେ। ସେ ପିତୁଆନ ନାମକ ଜଣେ ବନ୍ଧୁ ସହ ସରାଇ ରୋହିଲା ରେଳ ଷ୍ଟେସନକୁ ଯାଉଛନ୍ତି ବୋଲି ଭୋର ୫.୫୬ରେ ମାଙ୍କୁ ଫୋନ କରି ଜଣାଇଥିଲେ। କିନ୍ତୁ ୮.୪୫ରେ ସ୍ନେହାଙ୍କ ମୋବାଇଲ ସ୍ୱିଚ୍‌ଅଫ୍ ହୋଇଥିଲା। କିନ୍ତୁ ସେ ପିତୁଆନାଙ୍କୁ ଦେଖା କରି ନଥିବା ପରେ ଜଣା ପଡିଥିଲା। ତେବେ ଜଣେ କ୍ୟାବ ଡ୍ରାଇଭର ସ୍ନେହାଙ୍କୁ ଦିଲ୍ଲୀର ସିଗ୍‌ନେଚର ବ୍ରିଜ୍‌ଠାରେ ଛାଡିଦେଇଥିବା କଥା ତାଙ୍କ ପରିବାର ଦାବି କରିଛନ୍ତି। କିନ୍ତୁ ଏହାପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ଘଟଣାର ତଦନ୍ତ ଚାଲୁରହିଛି।

# ପ୍ରେମିକ ସହ ବାରମ୍ବାର ପଳାଉଥିଲେ ପତ୍ନୀ

**ବିବାହ ବିଚ୍ଛେଦ ପରେ ଖୁସିରେ ୪ ବାଲ୍ଟି କ୍ଷୀରରେ ଗାଧୋଇଲେ ଯୁବକ**

ଗୌହାଟୀ,୧୩।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିବାହ ବିଚ୍ଛେଦ ପରେ ଜଣେ ଯୁବକ ଖୁସିରେ ଆତ୍ମହରା ହୋଇ ୪ ବାଲ୍ଟି କ୍ଷୀରରେ ସ୍ନାନ କରିବା ସହ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ଓ ବହୁତ ଆନନ୍ଦିତ ଅଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ କ୍ୟାମେରାରେ ରେକର୍ଡିଂ କରିଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ତାଙ୍କ ପତ୍ନୀ ବାରମ୍ବାର ତା'ର ପ୍ରେମିକ ସହ ପଳାଇ ଯାଇଥିଲେ। କିନ୍ତୁ ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ଚୁପ୍ ରହୁଥିଲେ ବୋଲି ସେ କହିଛନ୍ତି। ଏହି ଯୁବକଙ୍କ ନାମ ହେଉଛି ମାନିକ ଅଲି। ତାଙ୍କ ପତ୍ନୀ ପୂର୍ବରୁ ମଧ୍ୟ ଦୁଇଥର ଘରଛାଡି ଚାଲିଯାଇଥିଲେ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଶେଷରେ ଆପୋସ ବୁଝାମଣାରେ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଗତକାଲି ମୋ ଓକିଲ ଛାଡ଼ପତ୍ର ଫାଇନାଲ ହୋଇଛି ବୋଲି କହିଥିଲେ। ତେଣୁ ଆଜି କ୍ଷୀରରେ ସ୍ନାନ କରି ଖୁସି ମନାଉଛି ବୋଲି ମାନିକ କହିଛନ୍ତି। ଭାଇରାଲ ଭିଡିଓରେ ମାନିକ ନିଜ ଘର ବାହାରେ ଏକ ପ୍ଲାଷ୍ଟିକ୍ ସିଟ୍ ଉପରେ ଠିଆ ହୋଇଥିବାର ଦେଖାଯାଇଛି। ତାଙ୍କ ପାଖରେ ୪ ବାଲ୍ଟି କ୍ଷୀର ରଖାଯାଇଛି। ସେ ଗୋଟିଏ ପରେ ଗୋଟିଏ ବାଲ୍ଟିରୁ କ୍ଷୀର ଆଣି ଭିଡିଓରେ ସ୍ନାନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହାକୁ 'ସ୍ୱତନ୍ତ୍ରତା ଅର୍ଥାତ ସ୍ୱାଧୀନତା ଘୋଷଣା' କହୁଥିବା ବେଳେ ଆଉ କେତେକ ଏହାକୁ ନାଟକ ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜ୍ୟ ଓ ଦେଶରେ ଚର୍ଚ୍ଚା ସୃଷ୍ଟି କରିଛି।



## ଆଜିର ରାଶିଫଳ

**ମେଷ:** ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ଧାର୍ମିକ ଯାତ୍ରା ଯୋଗ ଅଛି। କର୍ମ ଅନୁସାରେ ଫଳ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ବହୁ ଦିନର ଆଶା ପୂରଣ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬-କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।

# ରାଜ୍‌ଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ସାମନ୍ଥା



ସାଉଥ୍ ସିନେମା ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ସୋସିଆଲ ମିଡିଆରେ ମଧ ବେଶ୍ ସକ୍ରିୟ। ସେ ଏବେ ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ପୁଣି ଥରେ ଚର୍ଚ୍ଚାରେ। ନିକଟରେ ସେ ଆମେରିକାରେ ଛୁଟି କାଟୁଥିବାର ଫଟୋ ସେୟାର୍ କରିଥିଲେ। ଏହି ଫଟୋଗୁଡ଼ିକରେ ସେ ରାଜ୍ ଓ ଅନ୍ୟ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଫଟୋରେ ସାମନ୍ଥା ରାଜ୍ ନିଦିମୋରୁଙ୍କ ସହ ଆମେରିକାର ଏକ ରାସ୍ତାରେ ବୁଲୁଥିବାର ଦେଖାଯାଇଥିଲେ। ତେବେ ଏହି ଫଟୋ ମାଧ୍ୟମରେ ସାମନ୍ଥା ରାଜ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଲୁଚାଇବାକୁ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ସାମନ୍ଥା କି ରାଜ୍ ଏଯାଏଁ କିଛି କହି ନାହାନ୍ତି। ସାମନ୍ଥାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ସିଟାଡେଲ: ହନିବନି'ରେ ଦେଖାଯାଇଥିଲେ।

# ଜନସଂଖ୍ୟା ପ୍ରତି ବିପଦ ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଚାକିରି ପ୍ରତି ବିପଦ ସୃଷ୍ଟି କରିବା ସମସ୍ତେ ଜାଣନ୍ତି। ତେବେ ଆଗାମୀ ଦିନରେ ଏଆଇର ପ୍ରଭାବ ମଣିଷ ଅସ୍ତିତ୍ୱ ଉପରେ ପଡ଼ିପାରେ ବୋଲି କୁହାଯାଉଛି। ଓକଲାହୋମା ଷ୍ଟେଟ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସୁଭାଷ କାକଙ୍କ ମତରେ, ଯଦି କୃତ୍ରିମ ବୁଦ୍ଧିମତ୍ତାର ଅଭିବୃଦ୍ଧି ଏହି ଗତିରେ ଜାରି ରହିବ, ତେବେ ୨୩୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦ କୋଟିକୁ ହ୍ରାସ ପାଇପାରେ। ସେହିପରି ଏହି ଧାରା ଯଦି ବଳବତ୍ତର ରହିବ, ଆଗାମୀ ଦିନରେ ଦୁନିଆର ବଡ଼ ବଡ଼ ସହର ନିଶ୍ଚିହ୍ନ ବା ଜନଶୂନ୍ୟ ହୋଇପାରେ। କାକ ଏହାକୁ ଅତ୍ୟନ୍ତ ଭୟାନକ ବୋଲି କହିଛନ୍ତି। ଏହାବାଦ୍ ଲୋକ ଏକଥା ବି ଜାଣିପାରୁ ନାହାନ୍ତି, ଏଆଇ କିଭଳି ଭାବେ ପ୍ରଭାବ ପକାଇବାକୁ ଯାଉଛି। ଏଆଇ ଆସିବା ଦ୍ୱାରା



କାମଧନ୍ଦା ସ୍ୱୟଂଚାଳିତ ହୋଇଯିବ। ଫଳରେ ଲୋକଙ୍କ ଆବଶ୍ୟକତା କମିବ। ଚାକିରି ସଂଖ୍ୟା ହ୍ରାସ ପାଇବ ଏବଂ ଲୋକେ ପରିବାରକୁ ଆଗକୁ ବଢ଼ାଇବାକୁ ପଛଘୁଞ୍ଚା ଦେବେ। ଯେତେବେଳେ ଏଆଇ ଲୋକଙ୍କ ସ୍ଥାନରେ କାମ କରିବା ଆରମ୍ଭ କରିବ, ସେତେବେଳେ ମଣିଷର ଆବଶ୍ୟକତା କେତେ ରହିବ ବୋଲି କାକ କହିଛନ୍ତି। ସେହିପରି ବିଶ୍ୱର କେତେକ ସ୍ଥାନରେ ଜନ୍ମସଂଖ୍ୟା ପୂର୍ବତୁଳନାରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜାପାନ, ଚୀନ୍, ୟୁରୋପ ଏବଂ ଦକ୍ଷିଣ କୋରିଆରେ ଜନସଂଖ୍ୟା ହ୍ରାସ ପାଇ ଚାଲିଛି। ଯଦି ସାରା ବିଶ୍ୱର ଜନସଂଖ୍ୟା ୧୦ କୋଟି ହୋଇଯିବ, ତେବେ ଲଣ୍ଡନ, ନ୍ୟୁୟର୍କ ଭଳି ସହର ଖାଲି ହୋଇଯିବ ଏବଂ ଧାତୁ ଓ ଯନ୍ତ୍ରପାତିରେ ପରିପୂର୍ଣ୍ଣ ହୋଇଯିବ। ଅନ୍ୟପଟେ କାକଙ୍କ କହିବାର ଅର୍ଥ ହେଉଛି, ଏଆଇର ପ୍ରଭାବ କେବଳ କାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ସମାଜ, ପରିବାର, ମାନବ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଆଇର ପ୍ରଭାବ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ଆମେ କିନ୍ତୁ ଏହାକୁ ଧ୍ୟାନ ଦେଉ ନାହାନ୍ତି।

# ୩୦ କୋଟି ଟଙ୍କା ଚାକିରି ପାଇଁ ମିଳୁନାହାନ୍ତି କର୍ମଚାରୀ

ସାଧାରଣତଃ ଅଧିକାଂଶ ଲୋକ ଏମିତି ଚାକିରି ଚାହାନ୍ତି, ଯେଉଁଥିରେ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡୁଥିବ ଏବଂ ଅଧିକ ଦରମା ମିଳୁଥିବ। ଏହି କ୍ରମରେ ଏମିତି ବି ଏକ ଚାକିରି ଅଛି, ଯେଉଁଥିରେ ଲୋକଙ୍କୁ ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ହେଲେ ବିଡମ୍ବନାର ବିଷୟ ହେଉଛି, ଚାକିରି ପାଇଁ ଲୋକ ମିଳୁ ନାହାନ୍ତି। ଅବଶ୍ୟ ଏହା ଏମିତି ଏକ ଚାକିରି ଯେଉଁଥିରେ କର୍ମଚାରୀଙ୍କୁ ବେଶୀ କିଛି କରିବାକୁ ପଡ଼ିବ ନାହିଁ। ଏହା ସତ୍ତ୍ୱେ ବି ଏହାକୁ ବିଶ୍ୱର ସବୁଠୁ କଷ୍ଟକର କାମ ବୋଲି କୁହାଯାଉଛି। ଏହି ଚାକିରିଟି ଇଜିପ୍ଟର ଫାରୋସ୍



ଦ୍ୱୀପରେ ଥିବା ଆଲେକଜାଣ୍ଡ୍ରିଆ ଲାଇଟ୍ ହାଉସ୍‌ରେ ଅଛି। ଏଠାରେ ବତିଘରର କିପର୍ ଭାବେ କାମ କରିବାକୁ ହେବ। ଏହି ଚାକିରି ଲାଗି ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ଚାକିରିର ବିଶେଷତ୍ୱ ହେଉଛି, ଏଠାରେ ନିଯୁକ୍ତ କର୍ମଚାରୀ ଜଣକ ନିଜ ଇଚ୍ଛା ଅନୁସାରେ ଶୋଇପାରିବେ। କିନ୍ତୁ ଗୋଟିଏ କଥା ଉପରେ ଦୃଷ୍ଟି ଦେବାକୁ ହେବ ଯେ, ଲାଇଟ୍ ହାଉସ୍‌ର ଲାଇଟ୍ ଯେମିତି ଜଳୁଥିବ। ସେହିପରି ବତିଘରେ କାମ କରୁଥିବା କର୍ମଚାରୀଙ୍କୁ ଏଠାରେ ଏକୁଟିଆ ହିଁ ରହିବାକୁ ପଡ଼ିବ। କାରଣ ଏହି ବତିଘର ସମୁଦ୍ର ମଝିରେ ରହିଛି। ତେଣୁ ଏଠାରେ ଦୂର ଦୂରାନ୍ତରୁ କୌଣସି ଲୋକ ନଜର ଆସନ୍ତି ନାହିଁ। ଏହାବାଦ୍ ଏଠାରେ ବଡ଼ ଧରଣର ଝଡ଼ ତୋଫାନ ଆସିଲେ କିପର୍‌ଙ୍କ ଜୀବନକୁ ବିପଦ ମଧ ରହିଛି। ଏହି ଚାକିରି ଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିଲେ ହେଁ, ଯାନ୍ତ୍ରିକ ଜ୍ଞାନ କୌଶଳ ଜାଣିଥିବା ଦରକାର। ଅନ୍ୟପକ୍ଷରେ ବଡ଼ ବଡ଼ ଜାହାଜକୁ ବାଟ ଦେଖାଇବା ପାଇଁ ଏହି ବତିଘରକୁ ନିର୍ମାଣ କରାଯାଇଥିଲା।

# ଶ୍ରାବଣରେ ଶିବ ଉପାସନା



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

**ଜଳବର୍ଷା:** ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

**ପ୍ରସନ୍ନ ମୁଦ୍ରାରେ ମହାଦେବ :** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ସ୍ୱସ୍ତି

# ରୁପା କଇଁଛ ମୁଦି ଧାରଣର ଲାଭ

**ବାସ୍ତୁ ଶାସ୍ତ୍ର ଏବଂ ଫେଙ୍ଗସୁଇରେ କଇଁଛକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଇଛି। କିଛି ଲୋକେ ଘରେ କଇଁଛ ମୂର୍ତ୍ତି ରଖୁଥିବା ବେଳେ ଆଉ କେହି କେହି କଇଁଛ ମୁଦି ହାତରେ ପିନ୍ଧୁଛନ୍ତି। ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, କଇଁଛ ମୁଦି ପିନ୍ଧୁଥିବା ଲୋକଙ୍କ ଉପରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ ରୁପା କଇଁଛ ମୁଦି ଧାରଣର କ'ଣ ରହିଛି ନିୟମ ଓ କେଉଁ ରାଶିଙ୍କ ପାଇଁ ଏହା ଶୁଭ, ସେ ସମ୍ପର୍କରେ ଜାଣିବା।**



### ଧାରଣର ନିୟମ

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସବୁବେଳେ ରୁପା କଇଁଛ ମୁଦି ଧାରଣ କରିବା ଉଚିତ।
- କଇଁଛ ପିଠିରେ 'ଶ୍ରୀ' ଚିହ୍ନ ଥିବା ଭଲ।
- ଧାରଣ ପୂର୍ବରୁ ଏହାକୁ ଗଙ୍ଗାଜଳ କିମ୍ବା ପଞ୍ଚାମୃତରେ ବିଶୁଦ୍ଧ କରନ୍ତୁ।
- ହାତର ମଝି ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦରକାର।
- କଇଁଛ ମୁଦିକୁ ସବୁବେଳେ ସଫା କରିବା ଉଚିତ।
- ଶୌଚାଳୟ ଯିବା ପୂର୍ବରୁ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- କୌଣସି ଅଶୁଦ୍ଧ ସ୍ଥାନକୁ ଏହାକୁ ପିନ୍ଧିକି ଯାଆନ୍ତୁ ନାହିଁ।

**କେଉଁ ରାଶି ପାଇଁ ଶୁଭ:** ରତ୍ନ ଶାସ୍ତ୍ର ଅନୁସାରେ, ବୃଷ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କଇଁଛ ମୁଦି ପିନ୍ଧିବା ଶୁଭ। ଏହାକୁ ଧାରଣ କରିବା ଦ୍ୱାରା ଅନେକ ଲାଭ ଏହି ରାଶି ଦ୍ୱୟକୁ ମିଳେ। ଧନ, ସୁଖ, ସମୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେଷ, ମୀନ, କନ୍ୟା ଏବଂ ବିଛା ରାଶି ଲୋକେ କଇଁଛ ମୁଦି ପିନ୍ଧିବା ଅନୁଚିତ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଏ।

## ଜାଣନ୍ତୁ

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **'ଡାକୁଆ'**। ମନ୍ଦିରରେ ପାଳି ଖଟୁଥିବା ସେବକମାନଙ୍କୁ ଡାକି ସେମାନଙ୍କୁ ନିଜ କାର୍ଯ୍ୟରେ ହାଜର କରାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସେବକମାନଙ୍କୁ ଡାକି କାର୍ଯ୍ୟରେ ମୁତୟନ କରାଉଥିବା ବ୍ୟକ୍ତିଙ୍କୁ **ଡାକୁଆ** କୁହାଯାଏ।



# ବାସି ରୁଟି ଦାନ କରୁଥିଲେ...

**ଜ୍ୟୋତିଷ ଶାସ୍ତ୍ରରେ ଦାନର ଖୁବ୍ ମହତ୍ତ୍ୱ ଅଛି। ଏହି କ୍ରମରେ ଅନେକ ବାସି ଖାଦ୍ୟ ମଧ ଦାନ କରନ୍ତି। ତେବେ ବାସି ରୁଟି ଦାନ କରିବା ଠିକ୍ ନା ଭୁଲ, ସେ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।**

- ଖାଦ୍ୟ ଦାନ କରିବା ଶୁଭ କଥା। ହେଲେ କାହାକୁ ଅଇଁଠା କିମ୍ବା ବାସି ଖାଦ୍ୟ ଦାନ କରିବା ଅନୁଚିତ। ଏହାଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇ ନ ଥାଏ
- ବାସି ରୁଟି ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ନାଶ ହୁଏ।
- ବାସି ରୁଟି ଦାନ ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ। ଘରର ସଦସ୍ୟ ଅସୁସ୍ଥ ରହନ୍ତି।
- ଅଇଁଠା ବା ବାସି ଖାଦ୍ୟ ଦାନ କରନ୍ତୁ ନାହିଁ କି ଏହାକୁ ଫିଙ୍ଗନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଅନ୍ନ ପ୍ରତି ଅପମାନ ହୁଏ।
- ବାସି ରୁଟିରେ ଚିନି ମିଶାଇ ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ପିମ୍ପୁଡ଼ିକୁ ଖାଇବାକୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ।
- ବାସି ରୁଟିକୁ ଗାଈକୁ ଦିଅନ୍ତୁ। ଗୋ ସେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସେ। ବାସି ରୁଟିରେ ତେଲ ଲଗାଇ କୁକୁରକୁ ଖାଇବାକୁ ଦିଅନ୍ତୁ। ଶନି ଦୋଷ ଦୂର ହେବ।
- ବାସି ରୁଟି ଖଣ୍ଡକୁ ପକ୍ଷୀ ଦାନ କରିବା ବି ଶୁଭ।



# ସିରିଜ୍ ଜିତିଲେ ମହିଳା




**ବର୍ମିଂହାମ, ୧୩।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚ୍‌କୁ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ଜିତିନେଇଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଟି-୨୦ ସିରିଜ ୩-୨ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୯୭ ରନ ଓ ୨୪ ରନ ଏବଂ ୪ର୍ଥ ମ୍ୟାଚକୁ ୬ ୱିକେଟ୍‌ରେ ଜିତିଥିଲା। ସେହିଭଳି ଇଂଲଣ୍ଡ ମଧ୍ୟ ୩ୟ ଟି-୨୦କୁ ୫ ରନରେ ଜିତିଥିଲା। ଶନିବାର ରାତିରେ ଖେଳାଯାଇଥିବା ୫ମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର୍ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୬୭ ରନ କରିଥିଲା। ଶେଫାଳି ୪୧ ବଲରେ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ୍ କୌର ୧୫, ରାଧା ଯାଦବ ୧୪, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଇଂଲଣ୍ଡର ଚାର୍ଲି ଡିନ ୩ ଓ ସୋଫି ଇକଲେଷ୍ଟୋନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର୍ ସୋଫି ଡଙ୍କଲେ (୪୬), ଡାନିଏଲ୍ ୱେଟ୍ (୫୬) ଓ ଅଧିନାୟିକା ତାମି ବିଉମଣ୍ଟ (୩୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫ ୱିକେଟ୍ ହରାଇ ୨୦ ଓଭରର ଶେଷ ବଲରେ ବିଜୟୀ ହୋଇଥିଲା। ଶେଷ ଓଭରରେ ଜିତିବାକୁ ୬ ରନ ଆବଶ୍ୟକ ହେଉଥିବାବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ୱିକେଟ୍ ନେଇ ମ୍ୟାଚରେ ରୋମାଞ୍ଚ ଆଣିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

**୫ମ ଟି-୨୦ରେ ଇଂଲଣ୍ଡର ରୋମାଞ୍ଚକ ବିଜୟ**

**ଘାତକ ସାଜିଲା ପିଚ୍; ଗୋଟିଏ ଦିନରେ ୧୪ ୱିକେଟର ପତନ**

# ଟାର୍ଗେଟ୍ ୧୯୩; ଭାରତ ୫୮/୪

**ଲର୍ଡ୍ସ,୧୩।୭ (ଏଜେନ୍ସି):** ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର (୪/୨୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ ରନ୍‌ରେ ଶେଷ ହୋଇଛି। ପୂର୍ବରୁ ଉଭୟ ଦଳ ପ୍ରଥମ ଇନିଂସରେ ସମାନ ୩୮୭ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ତୃତୀୟ ଟେଷ୍ଟ ଜିତିବାକୁ ଭାରତ ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ମାତ୍ର ୫୮ ରନ୍ ଭରଣା କରିଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୩୫ ରନ୍ ଆବଶ୍ୟକ ହେଉଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଲୋକେଶ ରାହୁଲ ୩୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ୦, କରୁନ ନାୟାର ୧୬, ଅଧିନାୟକ ଶୁବମନ ଗିଲ୍ ୬ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ୧ ରନ୍ କରି ଭାରତକୁ ବିପଦ ମଧ୍ୟକୁ ଠେଲି ଦେଇଛନ୍ତି। ଇଂଲଣ୍ଡର ଯୁବ ଫାଷ୍ଟ ବୋଲର ବ୍ରାଇଡନ କାର୍ସ ୨ଟି, ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଲର୍ଡ୍ସ ପିଚ୍ ଘାତକ ସାଜିବା ଫଳରେ ମ୍ୟାଚ୍‌ର ଚତୁର୍ଥ ଦିନରେ ୧୪ ୱିକେଟର ପତନ ଘଟିଛି। ଏହା ମଧ୍ୟରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସମସ୍ତ ୧୦ଟି ଓ ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇଛି। ପୂର୍ବରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସୁନ୍ଦର ୪ଟି, ସିରାଜ ଓ ବୁମ୍ରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ଦଳ ୧୯୨ ରନ୍ କରିଥିଲା। ଘରୋଇ ଦଳପକ୍ଷରୁ ଜୋ ରୁଟ୍ ସର୍ବାଧିକ ୪୦, ଅଧିନାୟକ ବେନ୍ ଷ୍ଟୋକ୍ସ ୩୩, ହ୍ୟାରୀ ବ୍ରୁକ୍ ୨୩ ଓ ଜ୍ୟାକ୍ କ୍ରାଲୀ ୨୨ ରନ୍ କରିଥିଲେ। ଏହି ସିରିଜ୍‌ର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟ ହାସଲ କରିଥିଲା। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।




**ରୁଟ୍-ଷ୍ଟୋକ୍ସଙ୍କ ଲଢୁଆ ପାର୍ଟନରସିପ୍**

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଦ୍ୱିତୀୟ ଇନିଂସ ଅତି ସତର୍କତାର ସହ ଖେଳିଥିଲା। କିନ୍ତୁ ଭାରତୀୟ ଫାଷ୍ଟ ବୋଲରଙ୍କ ସଫଳତା ବଳରେ ଇଂଲଣ୍ଡ ୮୭ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ୫ମ ୱିକେଟ ଭାଗୀଦାରିରେ ୧୨୮ ବଲ୍‌ରୁ ୬୭ ରନ୍ କରି ଇଂଲଣ୍ଡର ସମ୍ମାନ ରଖିଥିଲେ। ରୁଟ୍‌ଙ୍କୁ ୪୦ ରନ୍‌ରେ ବୋଲ୍ଡ କରି ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହି ସମୟରେ ସେ ଚମତ୍କାର ବୋଲିଂ କରି ଜେମି ସ୍ମିଥ୍ (୮) ଓ ଅଧିନାୟକ ବେନ୍ ଷ୍ଟୋକ୍ସ (୩୩)ଙ୍କୁ ବୋଲ୍ଡ ଆଉଟ କରିଥିଲେ। ଏହା ଫଳରେ ଦଳର ଶେଷ ୫ ୱିକେଟ ମାତ୍ର ୩୮ ରନ୍‌ରେ ହରାଇଥିଲା। ଶେଷ ଖେଳାଳି ସୋଏବ ବସିରଙ୍କୁ ବୋଲ୍ଡ କରି ସୁନ୍ଦର ଇଂଲଣ୍ଡ ଇନିଂସ ଶେଷ କରିଥିଲେ। ଇନିଂସ ଆରମ୍ଭରେ ମହମ୍ମଦ୍ ସିରାଜ ଓ ଶେଷ ଭାଗରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ବୋଲ୍ଡ ହୋଇଥିଲେ। ଭାରତ ଅତିରିକ୍ତରୁ ୩୨ ରନ୍ ବ୍ୟୟ କରିଥିଲା। ଏହା ମଧ୍ୟରେ ବାଇରୁ ୨୫ ରନ୍ ଦେଇଥିଲା। ନିୟମିତ ୱିକେଟ ରକ୍ଷକ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୨ଟି କ୍ୟାଚ୍ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର** (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୬, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍ରା-୫/୭୪, ସିରାଜ-୨/୮୫, ରେଡ୍ଡୀ-୨/୬୨)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର** (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର** (ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରାଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍ରା-୨/୩୮)।

**ଭାରତ ଦ୍ୱିତୀୟ ଇନିଂସ : ୫୮/୪, ୧୭.୪ ଓଭର** (ରାହୁଲ-୩୩*, ଗିଲ୍-୬, ନାୟାର-୧୪, ଜୟସ୍ୱାଲ-୦, କାର୍ସ-୧/୭, ଷ୍ଟୋକ୍ସ-୧/୧୫, ଆର୍ଚର-୧/୧୮)।

**୧୮ ବର୍ଷରୁ କମ୍ ଜାତୀୟ ରଗବୀ**

# ଓଡ଼ିଶା ବାଳକ ରନର୍ସ ଅପ୍



**ଭୁବନେଶ୍ୱର,୧୩।୭ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ବାଳକ ଦଳ ଉତ୍ତରାଖଣ୍ଡରେ ଆଜି ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିହାର ୧୭-୧୫ରେ ଓଡ଼ିଶାକୁ ପରାସ୍ତ କରି ଜାତୀୟ ରଗ୍‌ବୀରେ ପ୍ରାଧାନ୍ୟ ବିସ୍ତାର ଆରମ୍ଭ କରିଛି। ବାଳିକା ବିଭାଗରେ ମଧ୍ୟ ଓଡ଼ିଶା ରନର୍ସ ଅପ୍ ହୋଇଥିଲାବେଳେ ବିହାର ଚାମ୍ପିଅନ ହୋଇଥିଲା। କ୍ରମାଗତ ଭାବେ ବିହାର ଦଳ ରଗ୍‌ବୀରେ ଉନ୍ନତି କରି ଚାଲିଛି। ପୂର୍ବରୁ ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶାଠାରୁ ୨୨-୦ ଗୋଲରେ ଦିଲ୍ଲୀ ଓ ସେମିଫାଇନାଲରେ ୫୯-୦ ପଏଣ୍ଟରେ ତେଲଙ୍ଗାନା ପରାସ୍ତ ହୋଇଥିଲା। ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭଲ ଖେଳିଥିଲେ ମଧ୍ୟ ଟାଣୁଆ ଦଳକୁ ହରାଇବାରେ ଓଡ଼ିଶା ବିଫଳ ହୋଇଥିଲା। ରନର୍ସ ଅପ୍ ଓଡ଼ିଶା ଦଳରେ ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୁରଜ କୁମାର ଦୋରା, ଇଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ୍, ଭରତ କିସାନ, ଆମ୍ବା ମୁର୍ମୁ, ସୁଭାଷ ହାଁସ୍‌ଦା ଓ ଶୁଭପତି ନାଏକ ସାମିଲ ଥିଲେ। ଧୀରେନ ରାଉତ ଏହି ଟିମ୍‌ର ମ୍ୟାନେଜର ଓ ମୁନା ମୁର୍ମୁ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ସଭାପତି ପ୍ରିୟଦର୍ଶୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ୟୁଥ୍ ଟେଷ୍ଟରେ ଭାରତର ବିଶାଳ ସ୍କୋର

**ବେକେନହାମ୍, ୧୩।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଛି। ପ୍ରଥମ ଦିନରେ ୭ ୱିକେଟ୍‌ରେ ୪୪୨ ରନ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସରେ ଆଉ ୯୮ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ଅଧିନାୟକ ଆୟୁଷ ମହାତ୍ରେ ସର୍ବାଧିକ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ ଆମ୍ବ୍ରିସ ୭୦, ଅଭିଜ୍ଞ କୁଣ୍ଡୁ ୯୦, ରାହୁଲ କୁମାର ୮୫, ହେନିଲ ପଟେଲ ୩୮ ରନ କରିଥିଲେ। ବୋଲିଂରେ ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ରାଲଫି ଆଲବର୍ଟ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୬୦ ଓଭରରେ ୫ ୱିକେଟ୍ ହରାଇ ୨୩୦ ରନ କରିଛି। ହମ୍‌ଜା ଶେଖ ୮୪ ଓ ରକି ଫ୍ଲିଣ୍ଟଫ ୯୩ ରନ କରି ଆଉଟ୍ ହୋଇଛନ୍ତି। ହମ୍‌ଜା ଅର୍ଦ୍ଧଶତକୀୟ ପାଳିରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ଭାରତକୁ ଲଢୁଆ ଜବାବ ଦେବାରେ ସମର୍ଥ ହୋଇଛନ୍ତି। ହେନିଲ ପଟେଲଙ୍କୁ ୨ଟି ୱିକେଟ୍ ମିଳିଛି।


**ସର୍ବଭାରତୀୟ ର୍ୟାଙ୍କିଂଙ୍ଗ ବ୍ୟାଡମିଣ୍ଟନ**

# କ୍ୱାର୍ଟରରେ ରଘୁ ଓ ମାନସୀ



**ଭୁବନେଶ୍ୱର,୧୩।୭ (ସମିସ):** ପୁରୁଷ ବିଭାଗ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ୍ ଓ ମହିଳା ବିଭାଗରେ ଉତ୍ତରପ୍ରଦେଶର ଟପ୍ ସିଡ୍ ମାନସୀ ସିଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍ୟାଙ୍କିଂଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ସହ ଅନ୍ୟ ସିଡେଡ୍ ଖେଳାଳି ମଧ୍ୟ ଶେଷ-୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗ ଏକକରେ ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର, ହରିୟାଣାର ମନରାଜ ସିଂ, ପଞ୍ଜାବର ଅଭିନବ ଠାକୁର, ମଣିପୁରର ଅଣସିଡେଡ ଖେଳାଳି ମଇସ୍‌ନାମ ମେଇରବା, ୯ମ ସିଡ୍ ହରିୟାଣାର ରବି, ଦିଲ୍ଲୀର ଏସ୍ ଜିନପଲ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗର ଦ୍ୱିତୀୟ ସିଡ୍ ହରିୟାଣାର ଗୌତମ ଅରୋରା, ୫ମ ସିଡ୍ କର୍ଣ୍ଣାଟକର ତୁଷାର ସଭୀର ପ୍ରି-କ୍ୱାର୍ଟରରେ ପରାଜିତ ହୋଇଛନ୍ତି। ମହିଳା ଏକକରେ ଟପ୍ ସିଡ୍ ମାନସୀ ସିଂଙ୍କ ସହ ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ୫ମ ସିଡ୍ ଆନ୍ଧ୍ରର ସୂର୍ଯ୍ୟା ଚାରିସ୍ମା ତାମିରି, ଗୁଜରାଟର ଆୟେଷା ଗାନ୍ଧି, ମହାରାଷ୍ଟ୍ରର ଦିଲ୍ଲୀର ଦିଆଙ୍କା ୱାଲଦିଆ, ରାଜସ୍ଥାନର ସାକ୍ଷୀ ଫୋଗତ, କର୍ଣ୍ଣାଟକର ଇଲିଶା ପଲ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ବିଭାଗର ସେମିଫାଇନାଲ ଓ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଆଙ୍କ ଚମକ





**ଭୁବନେଶ୍ୱର, ୧୩।୭ (ସମିସ):** ପୁନେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକଦିବସୀୟ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସ୍-ଏ'ରେ ଭେଟେରାନ ଅମୀୟ ମଲ୍ଲିକ ୧୦.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ରେସ୍-ବି'ରେ ଅବିନାଶ ସାହୁ ୧୦.୭୭ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଲକ୍ଷ୍ମୀପ୍ରିୟା କିଶାନ ବାଜିମାତ୍ କରିନେଇଛନ୍ତି। ସେ ୨ ମିନିଟ୍ ୧୩.୭୧ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପରେ ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ମନୀଷା ମେରେଲ ଓ ଅନନ୍ୟା ସିଂ। ମନୀଷା ୫.୭୨ ମିଟର ଡେଇଁ ପ୍ରଥମ ଓ ଅନନ୍ୟା ୫.୧୨ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ (୨.୧୦ ମିଟର) ଓ ଲଙ୍ଗ ଜମ୍ପରେ ସରୂନ ପୟାସିଂହ (୭.୬୮ ମିଟର) ମଧ୍ୟ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି।

# ସ୍କୁଲ ଓପନ ଚେସ୍: ବିନୀତ ଚାମ୍ପିଅନ



**ଭୁବନେଶ୍ୱର,୧୩।୭ (ସମିସ):** ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଜେଇଏମ୍ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ ରାଉଣ୍ଡ ବିଶିଷ୍ଟ ଖେଳରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ତୃତୀୟ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟା ଅଦ୍ୱୈତ ଦାସ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରିନ୍ସିପାଲ ସନ୍ଧ୍ୟାରାଣୀ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଏପ୍‌ସିଲନ୍ ଫାଉଣ୍ଡେସନ ପକ୍ଷରୁ କୋର୍ଟ ଓ ପିଚ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୩।୭ (ସମିସ):** ଏପସିଲନ କାର୍ବନ ପ୍ରାଇଭେଟ୍ ଲିମିଟେଡର ସିଏସ୍‌ଆର୍ ଶାଖା, ଏପ୍‌ସିଲନ ଫାଉଣ୍ଡେସନ ଝାରସୁଗୁଡ଼ାର ବେରୁଣପଦି ଅଞ୍ଚଳରେ ନବନିର୍ମିତ ସ୍ପୋର୍ଟ୍ସ କୋର୍ଟ ଓ କ୍ରିକେଟ୍ ପିଚ୍ ଉଦ୍‌ଘାଟନ କରିଛି। ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ୍, ହକି ତୀରନ୍ଦାଜ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଏହି ଉଦ୍‌ଘାଟନ ଅବସରରେ ଏପସିଲନ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ହାରିଲେ ଆଲ୍‌କାରାଜ; ସିନ୍ନର ନୂଆ ଚାମ୍ପିଅନ

**ଲଣ୍ଡନ,୧୩।୭ (ଏଜେନ୍ସି)**

**ୱିମ୍ବଲଡନ**

ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ପୁରୁଷ ସିଙ୍ଗଲ୍ସରେ ନୂଆ ୱିମ୍ବଲଡନ ଚାମ୍ପିଅନ ହୋଇଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସେ ଗତ ଦୁଇ ବର୍ଷର ଚାମ୍ପିଅନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହା ଫଳରେ ସିନ୍ନର ଚତୁର୍ଥଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ କବ୍‌ଜା କରିଛନ୍ତି। ପୂର୍ବରୁ ସେ ଦୁଇଥର ଫ୍ରେଞ୍ଚ୍ ଓପନ, ଥରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଚଳିତବର୍ଷ ମଧ୍ୟ ସେ ଫ୍ରେଞ୍ଚ ଓପନରେ ରନର୍ସ ଅପ୍ ହୋଇଥିଲେ। ବିଶ୍ୱର କିଂବଦନ୍ତୀ ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ସେ ପ୍ରଥମଥର ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିବା ସହ ପ୍ରଥମ ଟାଇଟଲ ଜିତିନେଇଥିଲେ। ଅନ୍ୟ ପକ୍ଷରେ ଆଲକାରାଜ ୫ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ହୋଇଥିଲାବେଳେ ପ୍ରଥମଥର ଫାଇନାଲରେ ପରାଜିତ ହୋଇଛନ୍ତି। ପୂର୍ବରୁ ଗତକାଲି ରାତିରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏକତରଫା ଭାବେ ମାତ୍ର ୫୭ ମିନିଟ୍‌ରେ ମହିଳା ଏକକ ଟାଇଟଲ ଜିତିନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲା। ୮ମ ସିଡ୍ ବେଲଜିୟମର ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦେରମେଟୋଭା ୱିମ୍ବଲଡନ ମହିଳା ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ଚତୁର୍ଥ ସିଡ୍ ଲାଟଭିଆର ସି ସୁ-ୱେଇ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାରେ ଓଷ୍ଟାପେଙ୍କୋ-ସୁ-ୱେଇ ପ୍ରଥମ ସେଟ୍‌କୁ ୬-୩ରେ ଜିତିନେଇଥିଲେ। କିନ୍ତୁ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୪ରେ ଜିତିବା ସହ ଟାଇଟଲ କବ୍‌ଜା କରିନେଇଥିଲେ।



ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS